# ଡୁମାଣୀ ଖବର

ସ୍ୱାଗତଂ ଓଡ଼ିଶା

R.N.I. Regd. No. ODIODI/2020/78914
P.O. Regd. No. : BN/290/23-25

Dumani Khabar (Odia Daily)

Visit us: www.dumanikhabar.in ● e-paper.dumanikhabar.in

DUMANI TV · Follow us:

ବର୍ଷ-୬ | ସଂଖ୍ୟା-୮୧ | ଶୁକ୍ରବାର | ୧୩ ଜୁନ୍ ୨୦୨୫ | ଭୁବନେଶ୍ୱର | ପୃଷ୍ଠା ସଂଖ୍ୟା-୮ | ମୂଲ୍ୟ : ୨.୦୦ | Vol-6 | Issue-81 | Friday | 13 June 2025 | Bhubaneswar | Pages-8 | Rs. 2.00


# ବିମାନ କ୍ରାଶରେ ଜଳିଗଲେ ପୂର୍ବତନ ମୁଖ୍ୟମନ୍ତ୍ରୀ ରୂପାନୀଙ୍କ ସମେତ ୨୪୧



- ବିମାନ ଦୁର୍ଘଟଣାରୁ ବର୍ତ୍ତିଲେ ଜଣେ ମାତ୍ର ଯାତ୍ରୀ
- ୨ ହଷ୍ଟେଲରେ ୫ ମେଡିକାଲ ଶିକ୍ଷାର୍ଥୀ ମୃତ

ଅହମ୍ମଦାବାଦ, ୧୨।୬ (ହି.ସ): ଭାରତ ଇତିହାସର ସବୁଠାରୁ ବଡ଼ ବିମାନ ଦୁର୍ଘଟଣା ପୂରା ଦେଶକୁ ଦୋହଲାଇ ଦେଇଛି। ଅହମଦାବାଦରେ ହୋଇଥିବା ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାରେ ଚାଲି ଯାଇଛି ୨୩୦ ଯାତ୍ରୀଙ୍କ ସମେତ ୨୪୧ ଜଣଙ୍କ ଜୀବନ। ୨୩୦ ଯାତ୍ରୀଙ୍କ ବ୍ୟତୀତ ବିମାନରେ ୧୦ ଜଣ କ୍ରୁ ସଦସ୍ୟ ଓ ୨ ଜଣ ପାଇଲଟ ଥିଲେ। କିନ୍ତୁ ସମସ୍ତଙ୍କୁ ଚକିତ କରି ଜଣେ ଯାତ୍ରୀ ଜୀବିତ ଉଦ୍ଧାର ହୋଇଛନ୍ତି। ଏବେ ତାଙ୍କର ଚିକିତ୍ସା ହସ୍ପିଟାଲରେ ଚାଲିଛି। ଜୀବିତ ଯାତ୍ରୀ ଜଣଙ୍କ ବିମାନର ୧୧ ଏ ସିଟରେ ବସିଥିଲେ। ବିମାନଟି ବିଜେ ମେଡିକାଲ କଲେଜର ହଷ୍ଟେଲରେ ମାଡ଼ ହେବାରୁ ଏଥିରେ ନିଆଁ ଲାଗି ଯାଇଥିଲା। ଏଥିଯୋଗୁ ବିମାନରେ ଥିବା ସମସ୍ତ ୨୪୨ ଜଣ ଲୋକ ପୋଡ଼ି ହୋଇ ପ୍ରାଣ ହରାଇଛନ୍ତି। ସେହିପରି ମେଡିକାଲ କଲେଜର ୫ ଜଣ ଶିକ୍ଷାର୍ଥୀଙ୍କ ମଧ୍ୟ ଏଥିଯୋଗୁ ଜୀବନ ଯାଇଛି। କ୍ରାଶ ଯୋଗୁ ସମସ୍ତେ ପୋଡ଼ି ହୋଇ ପ୍ରାଣ ହରାଇଥିବାରୁ ଶବ ଚିହ୍ନଟରେ ମଧ୍ୟ ସମସ୍ୟା ସୃଷ୍ଟି ହୋଇଛି। ଏଥିପାଇଁ ବିମାନରେ ଯାତ୍ରା କରୁଥିବା ଲୋକଙ୍କ ସମ୍ପର୍କୀୟମାନଙ୍କୁ ଡିଏନଏ ଟେଷ୍ଟ ପାଇଁ ଆଗେଇ ଆସିବାକୁ ଅହମ୍ମଦାବାଦ ପୋଲିସ୍ କମିଶନର କହିଛନ୍ତି। ତାଙ୍କ କହିବା କଥା ଯେ ଦୁର୍ଘଟଣା ଏତେ ଭୟଙ୍କର ରହିଛି ଯେ କୌଣସି ଯାତ୍ରୀ ବଞ୍ଚିବା ଆଶା କମ। କିଛି ଲୋକଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ହେଲେ ସେମାନେ ବଞ୍ଚିବାର ଆଶା କ୍ଷୀଣ। ବିମାନରେ ନିଆଁ ଲାଗିବା ଯୋଗୁ ସମସ୍ତ ୨୪୨ଜଣ ଲୋକ ପୋଡ଼ି ଯାଇଛନ୍ତି। ସେମାନଙ୍କୁ ଚିହ୍ନଟ କରିବା ବେଶ କଷ୍ଟକର। ଅହମ୍ମଦାବାଦରୁ ଏୟାର ଇଣ୍ଡିଆନର ବିମାନ ଲଣ୍ଡନ ଯାଉଥିଲା। ଏଥିରେ ଗୁଜରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୂପାନୀ ମଧ୍ୟ ରହିଥିଲେ। ବିମାନ କ୍ରାଶ ଯୋଗୁ ସେ ମଧ୍ୟ ପୋଡ଼ି ହୋଇ ପ୍ରାଣ ହରାଇଛନ୍ତି। ରୂପାନୀ ୨୦୧୬ରୁ ୨୦୨୧ ଯାଏ ଗୁଜରାଟର ୧୬ତମ ମୁଖ୍ୟମନ୍ତ୍ରୀ ଭାବେ କାମ କରିଥିଲେ। ଲଣ୍ଡନରେ ତାଙ୍କ ପତ୍ନୀ ରହୁଥିବାରୁ ତାଙ୍କୁ ଆଣିବା ପାଇଁ ରୂପାନୀ ସେଠାକୁ ଯାଉଥିଲେ। କିନ୍ତୁ ଏୟାର ଇଣ୍ଡିଆର ଏଆଇ ୧୭୧ ବିମାନ ଉଡ଼ାଣ ଭରିବାର ୫ ମିନିଟରେ ଦୁର୍ଘଟଣା ଗ୍ରସ୍ତ ହୋଇ ପୂରା ଛିନଛତ୍ର ହୋଇଯାଇଛି। ଆକାଶ ପଥରେ ଦ୍ୱିତୀୟ ଥର ପାଇଁ ଗୁଜରାଟର କୌଣସି ମୁଖ୍ୟମନ୍ତ୍ରୀ କିମ୍ବା ପୂର୍ବତନ ମୁଖ୍ୟମନ୍ତ୍ରୀ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ୬୮ ବର୍ଷୀୟ ରୂପାନୀଙ୍କ ପୂର୍ବରୁ ୬ ଦଶନ୍ଧି ପୂର୍ବରୁ ବଳବନ୍ତ ରାୟ ମେହେତା ବିମାନ ଦୁର୍ଘଟଣାରେ ପ୍ରାଣ • ପୃଷ୍ଠା ୭ ଦେଖନ୍ତୁ...

## ବେସାମରିକ ବିମାନ ଚଳାଚଳମନ୍ତ୍ରୀ ଓ ଗୃହମନ୍ତ୍ରୀଙ୍କ ସହ କଥା ହେଲେ ମୋଦି

ନୂଆଦିଲ୍ଲୀ, ୧୨।୬ (ହି.ସ): ଅହମଦାବାଦରେ ଏୟାର୍ ଇଣ୍ଡିଆର ବିମାନ ଦୁର୍ଘଟଣାଗ୍ରସ୍ତ ହେବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମମୋହନ ନାଇଡୁ ଓ କେନ୍ଦ୍ରୀୟ ଗୃହମନ୍ତ୍ରୀ ଅମିତ ଶାହଙ୍କ ସହ କଥା ହୋଇଛନ୍ତି। ସୂତ୍ର ଅନୁଯାୟୀ, ପ୍ରଧାନମନ୍ତ୍ରୀ ନାଇଡୁ ଓ ଅମିତ ଶାହଙ୍କୁ ଅହମଦାବାଦକୁ ଯାଇ ରିଲିଫ୍ ଓ ରେସକ୍ୟୁ କାର୍ଯ୍ୟର ନିରୀକ୍ଷଣ କରିବା ଏବଂ ପ୍ରଭାବିତ ଲୋକମାନେ ପାଇଁ ସମ୍ଭବ ସମସ୍ତ ସାହାଯ୍ୟ ଯୋଗାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମ ମୋହନ ନାଇଡୁ ଏକ୍ସରେ ପୋଷ୍ଟ କରି • ପୃଷ୍ଠା ୭ ଦେଖନ୍ତୁ...

## ଦୁଃଖ ପ୍ରକାଶ କଲେ ରାଷ୍ଟ୍ରପତି, ଉପରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ/ଭୁବନେଶ୍ୱର, ୧୨।୬ (ପିଆଇବି): 'ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ଉପରାଷ୍ଟ୍ରପତି ଜଗଦୀପ୍ ଧନଖଡ୍ ଗୁରୁବାର ଅହମଦାବାଦରେ ଘଟିଥିବା ବିମାନ ଦୁର୍ଘଟଣାକୁ ନେଇ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ଏହି ଦୁଃଖଦ ସମୟରେ ସାରା ଦେଶ ପ୍ରଭାବିତ ଲୋକମାନଙ୍କ ସହ ରହିଛି। ରାଷ୍ଟ୍ରପତି ଏକ୍ସରେ ପୋଷ୍ଟରେ କହିଛନ୍ତି ଯେ, 'ଅହମଦାବାଦରେ ଘଟିଥିବା ବିମାନ ଦୁର୍ଘଟଣା ବିଷୟରେ ଜାଣି ମୁଁ ଖୁବ୍ ଦୁଃଖିତ। ଏହା ଏକ ହୃଦୟବିଦାରକ ବିପଦ ଅଟେ। ମୋର ସମବେଦନା ଓ ପ୍ରାର୍ଥନା ପ୍ରଭାବିତ ଲୋକମାନଙ୍କ ସହ ଅଛି। ଏହି ଅବର୍ଣ୍ଣନୀୟ ଦୁଃଖ ସମୟରେ ସାରା ଦେଶ ସେମାନଙ୍କ ସହ ରହିଛି।' ଉପରାଷ୍ଟ୍ରପତି ଏକ୍ସରେ ପୋଷ୍ଟରେ କହିଛନ୍ତି ଯେ, 'ଅହମଦାବାଦରେ ଘଟିଥିବା ଦୁର୍ଭାଗ୍ୟପୂର୍ଣ୍ଣ ଘଟଣା ଆମକୁ ଏକ ବିନାଶକାରୀ ମାନବୀୟ ଦୁଃଖଦ ଘଟଣା ସମ୍ମୁଖୀନ କରିଦେଇଛି। ମୋର ସମବେଦନା ଓ ପ୍ରାର୍ଥନା ସେହି ସମସ୍ତଙ୍କ ସହ ଅଛି ଯେଉଁମାନେ ଏହି ଘଟଣାରେ ପ୍ରଭାବିତ ହୋଇଛନ୍ତି। ଏହି ଦୁଃଖଦ ସମୟରେ ସାରା ଦେଶ ସେମାନଙ୍କ ସହ ଏକତ୍ରିତ ହୋଇ ରହିଛି।' ସେହିପରି 'ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ଅହମଦାବାଦରେ ଘଟିଥିବା ବିମାନ ଦୁର୍ଘଟଣାକୁ ନେଇ ଦୁଃଖ ପ୍ରକାଶ କରିଛନ୍ତି ଏବଂ ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ଏକ୍ସରେ ପୋଷ୍ଟ କରିଛନ୍ତି, 'ଅହମଦାବାଦରେ ଘଟିଥିବା ଏହି • ପୃଷ୍ଠା ୭ ଦେଖନ୍ତୁ...

## ଜ୍ୱରରେ କମ୍ପୁଛନ୍ତି ମହାପ୍ରଭୁ, ପୂଜା ପାଇଲେ ପଟ୍ଟି ଦିଅଁ

ପୁରୀ, ୧୨।୬ (ଡିକେ ନ୍ୟୁଜ): ପବିତ୍ର ଦେବସ୍ନାନ ପୂର୍ଣ୍ଣିମାରେ ସ୍ନାନମଣ୍ଡପରେ ଜଳସ୍ନାନ କରିବା ପରେ ବୁଧବାର ବିଳମ୍ବିତ ରାତିରେ ଆରମ୍ଭ ହୋଇଥିଲା ଦାରୁବିଗ୍ରହ ମାନଙ୍କ ପହଣ୍ଡି। ଭୋର ସମୟରେ ଦାରୁବିଗ୍ରହମାନେ ଅଣସର ପିଣ୍ଡିକୁ ବିଜେ କରିଥିଲେ। ଆଜି ଠାରୁ ଶ୍ରୀମନ୍ଦିରରେ ପଟିଦିଅଁ ପୂଜା ପାଇଛନ୍ତି। ପ୍ରତ୍ୟେହ ମନ୍ତ୍ରସ୍ନାନ କରୁଥିବା ଶ୍ରୀବିଗ୍ରହମାନେ ଜଳ ସ୍ନାନକରିବା ପରେ ଅସୁସ୍ଥତା ଯୋଗୁ ଅଣସର ରହିଛନ୍ତି। ଜ୍ୱରରେ ପୀଡ଼ିତ ହୋଇଥିବାରୁ ଅଣସର ପିଣ୍ଡିରେ ଏକ ଦୀପ ଆଲୋକରେ ଚାଲିଛି ମହାପ୍ରଭୁଙ୍କ ଗୁପ୍ତ ନୀତି। ଘଣ୍ଟଘଣ୍ଟା ବାଜିବା ବାରଣ କରାଯାଇଛି। ବୈଦ୍ୟଙ୍କ ପରାମର୍ଶ କ୍ରମେ ଜ୍ୱରପୀଡ଼ିତ ଶ୍ରୀଜିଉଙ୍କୁ ସୁସ୍ଥ ହେବା ପାଇଁ ପଥି ଦିଆଯାଇଛି। ଛପନ ପଉଟି ଭୋଗ ବଦଳରେ ଆଜି ମହାପ୍ରଭୁଙ୍କୁ ଫଳ ଫୁଲରି ଲାଗି ହୋଇଛି। ଦଇତାପତି ସେବକମାନେ ଆଜି ମହାପ୍ରଭୁଙ୍କ ଏହି ଗୁପ୍ତନୀତିକୁ ସମ୍ପାଦନ କରିଛନ୍ତି। ଗୁପ୍ତନୀତିକୁ ଶୃଙ୍ଖଳିତ କରିବା ପାଇଁ ଅଣସର ପିଣ୍ଡି ସମ୍ମୁଖରେ ଅଣସର ତାଟି ପଡ଼ିଛି। ମହାପ୍ରଭୁଙ୍କ ବିକଳ୍ପ ଦର୍ଶନ ପାଇଁ ଶ୍ରୀମନ୍ଦିରରେ ପଟ୍ଟି ଦିଅଁ ବିଜେ କରିଛନ୍ତି। ପଟ୍ଟି ଦିଅଁଙ୍କ ନିକଟରେ ଆଜିଠାରୁ ଛପନ ପଉଟି ଭୋଗ ଲାଗି ହେବା ଆରମ୍ଭ ହୋଇଛି। ପଟ୍ଟିଦିଅଁ ଭାବେ ମହାପ୍ରଭୁ ଶ୍ରୀଜଗନ୍ନାଥ ରୂପରେ ଅନନ୍ତ ନାରାୟଣ, ବଡ଼ଠାକୁର ବଳଭଦ୍ରଙ୍କ ରୂପରେ ଅନନ୍ତ ବାସୁଦେବ ଓ ମା' ସୁଭଦ୍ରା ରୂପରେ ଭୁବନେଶ୍ୱରୀ ବିଜେ କରିଛନ୍ତି। ପଟ୍ଟିଦିଅଁଙ୍କ ସହ ଦୋଳଗୋବିନ୍ଦ, ମଦନମୋହନ, ଲକ୍ଷ୍ମୀ, ସରସ୍ୱତୀ, ରାମ-କୃଷ୍ଣ ଓ ପ୍ରଭୁ ନୃସିଂହ ମଧ୍ୟ ବିଜେ କରିଛନ୍ତି। ଭକ୍ତଙ୍କୁ ସ୍ନାନମଣ୍ଡପରେ ଦିନତମାମ୍ ଦର୍ଶନ ଦେଇ ବୁଧବାର • ପୃଷ୍ଠା ୭ ଦେଖନ୍ତୁ...

## ପ୍ରଯୁକ୍ତିବିଦ୍ୟା ଗରିବଙ୍କୁ ସଶକ୍ତ କରିବାର ବଡ ମାଧ୍ୟମ: ମୋଦି



ନୂଆଦିଲ୍ଲୀ, ୧୨।୬ (ହି.ସ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି ଯେ ପ୍ରଯୁକ୍ତିବିଦ୍ୟା ଗରିବମାନଙ୍କୁ ସଶକ୍ତ କରିବା ପାଇଁ ଏକ ବଡ଼ ମାଧ୍ୟମ ଅଟେ। ଏହାର ଶକ୍ତିର ସଦୁପଯୋଗ ଦ୍ୱାରା ଅଗଣିତ ଲାଭ ମିଳିଛି। ସାଧାରଣ ଲୋକଙ୍କ ସଂପୃକ୍ତ ସେବାରେ ଅଭୂତପୂର୍ବ ପାରଦର୍ଶିତା ଆସିଛି। ପ୍ରଧାନମନ୍ତ୍ରୀ ମୋଦି ଗୁରୁବାର ଏକ୍ସ ହ୍ୟାଣ୍ଡେଲରେ ଏହି ଟିପ୍ପଣୀ ଡିଜିଟାଲ୍ ଇଣ୍ଡିଆର ୧୧ ବର୍ଷ ପୂର୍ତ୍ତି ଅବସରରେ ମାଏ ଗଭର୍ଣ୍ଣମେଣ୍ଟ ଇଣ୍ଡିଆ ଏକ ପୋଷ୍ଟ ଉପରେ ପ୍ରତିକ୍ରିୟା ଦେଇ କରିଛନ୍ତି। ସେ ଲେଖିଛନ୍ତି, 'ପ୍ରଯୁକ୍ତି ବିଦ୍ୟାର ଶକ୍ତିର ଲାଭ ନେବା ଦ୍ୱାରା ଲୋକଙ୍କୁ ଅସଂଖ୍ୟ ଲାଭ ହୋଇଛି। ସେବା ପ୍ରଦାନ ଏବଂ ପାରଦର୍ଶିତାରେ ବହୁତ ବୃଦ୍ଧି ହୋଇଛି। ଏହା ସହିତ, ପ୍ରଯୁକ୍ତି ସବୁଠୁ ଗରିବ ଲୋକମାନଙ୍କ ଜୀବନକୁ ସଶକ୍ତ କରିବା ଏକ ଉପାୟ ହୋଇପାରିଛି। ଭାରତର ଯୁବପିଢିଙ୍କ ସହଯୋଗରେ ଆମେ ନବୀନତା ଓ ପ୍ରଯୁକ୍ତିର ପ୍ରୟୋଗରେ ଉଲ୍ଲେଖନୀୟ ଗତି ଅନ୍ତର୍ଗତ କରୁଛୁ। ଏହି ଉଦ୍ୟମ ଆମ ପ୍ରୟାସକୁ ଆତ୍ମନିର୍ଭର ହେବା ଓ ବିଶ୍ୱ ଟେକ୍ନୋଲୋଜି ମହାଶକ୍ତି ହେବା ପାଇଁ ଅଧିକ ଶକ୍ତି ଦେଉଛି।'

## ରାଜ୍ୟସ୍ତରୀୟ ବିକାଶ ବାହନ ଯାତ୍ରାର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

# ଲୋକଙ୍କ ସହିତ ଯୋଡି ହେବାର ପ୍ରୟାସ ଆମ ସରକାରଙ୍କ ହଲ୍ ମାର୍କ: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୧୨।୬ (ହି.ସ): ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ଗୁରୁବାର ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ବିକାଶ ବାହନ ଯାତ୍ରାର ଶୁଭାରମ୍ଭ, ସ୍ଥାନୀୟ ମହାତ୍ମାଗାନ୍ଧୀ ମାର୍ଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କରିଥିଲେ। ଏହି ଅବସରରେ ଉଦବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଗଣତନ୍ତ୍ରରେ ଜନତା ହେଉଛନ୍ତି ଜନାର୍ଦ୍ଦନ। ଜନତାଙ୍କ ସେବାରେ ହିଁ ଜୀବନର ସାର୍ଥକତା। ଓଡିଶାରେ ଡବଲ ଇଞ୍ଜିନ ସରକାର, ଡବଲ ସ୍ପିଡରେ କାମ କରି ଲୋକଙ୍କ ଆଶା ଓ ଆକାଂକ୍ଷାକୁ ପୂରଣ କରିପାରୁଛି। ଆମ ସରକାରଙ୍କ ଏକ ହଲମାର୍କ ହେଉଛି, ଲୋକଙ୍କ ସହିତ ଯୋଡି ହେବାର ପ୍ରୟାସ। ଏହି ଏକ ବର୍ଷରେ ଅନେକ କ୍ଷେତ୍ରରେ ଓଡ଼ିଶାର କାୟାକଳ୍ପ ହୋଇଛି। ମହିଳା, କୃଷକ, ଆଦିବାସୀ ଓ ଯୁବବର୍ଗର ସଶକ୍ତିକରଣ ସହିତ ଭିତ୍ତିଭୂମି ଓ ଶିଳ୍ପ କ୍ଷେତ୍ରରେ ବ୍ୟାପକ ସମ୍ଭାବନା ସୃଷ୍ଟି ହୋଇଛି। ଗାଁ ଠାରୁ ସହର ପର୍ଯ୍ୟନ୍ତ ସମସ୍ତଙ୍କ ମଧ୍ୟରେ ଆଶାର ସଞ୍ଚାର ସୃଷ୍ଟି ହୋଇପାରିଛି। ଆଜି ଯେଉଁ ବିକାଶ ବାହନ ଯାତ୍ରା ଆରମ୍ଭ ହେବାକୁ ଯାଉଛି, ତାହା ହେଉଛି ଆମ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ସହିତ ଜନସାଧାରଣମାନଙ୍କୁ ଯୋଡିବାର ଆଉ ଏକ ପ୍ରୟାସ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେ କହିଥିଲେ ଯେ ଆମେ ଏହି ବର୍ଷେ ମଧ୍ୟରେ ଲାଗୁ କରିଥିବା ସମସ୍ତ ଯୋଜନାର ସଫଳତା ପାଇଁ ଜନଭାଗିଦାରୀର ବ୍ୟାପକ ଆବଶ୍ୟକତା ରହିଛି। ବିଭିନ୍ନ ସୂଚନା ଓ ଶିକ୍ଷା ଭିତ୍ତିକ କାର୍ଯ୍ୟକ୍ରମ ମାଧ୍ୟମରେ ଅପହଞ୍ଚ ଅଞ୍ଚଳରେ ରହୁଥିବା ଲୋକଙ୍କ ନିକଟରେ ପହଞ୍ଚି, ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଏବଂ କାର୍ଯ୍ୟକ୍ରମ ବିଷୟରେ ନାଗରିକମାନଙ୍କୁ ସଚେତନ କରାଯାଇ ଲୋକଙ୍କୁ ଯୋଜନା ସହିତ ଯୋଡିବା ଆମର ଲକ୍ଷ୍ୟ। ଏହା ଦ୍ୱାରା ପ୍ରଶାସନ ଲୋକାଭିମୁଖୀ ହୋଇପାରୁଛି। ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଯେ, ସ୍ୱଚ୍ଛ, ଉତ୍ତରଦାୟୀ ଓ ଲୋକାଭିମୁଖୀ ଶାସନର ଏକ ବର୍ଷ ପୂରଣ ଅବସରରେ, ପ୍ରଶାସନକୁ ଜନ ସାଧାରଣଙ୍କ ଦ୍ୱାର ନିକଟରେ ପହଞ୍ଚାଇବା ପାଇଁ ଓଡ଼ିଶାର ୩୧୪ଟି ବ୍ଲକ, ୧୧୫ଟି ବିଜ୍ଞାପିତ ଅଞ୍ଚଳ ପରିଷଦ ଏବଂ ୫ଟି ମହାନଗର ନିଗମରେ ଗଡିବ ସ୍ୱତନ୍ତ୍ର 'ବିକାଶ ବାହନ'। ଏହି ବାହନ ଜରିଆରେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରକାଶିତ 'ପ୍ରଗତି ପ୍ରବାହ' ପୁସ୍ତକ ଏବଂ ଏକ ବର୍ଷର ସଫଳତାର ତଥ୍ୟ ସମ୍ବଳିତ ପୁସ୍ତିକା ମଧ୍ୟ ସମସ୍ତଙ୍କ ପାଖରେ ପହଞ୍ଚିବ। ଏହାଦ୍ୱାରା ଲୋକମାନେ ସରକାରଙ୍କ ବିଭିନ୍ନ ଯୋଜନା ଓ ସଫଳ କାର୍ଯ୍ୟକ୍ରମ ସମ୍ପର୍କରେ ଜାଣିପାରିବେ। ବିଭିନ୍ନ ଯୋଜନା ଉପରେ ଆଧାରିତ ଭିଡିଓ ମଧ୍ୟ ଦେଖିପାରିବେ। ପରିଶେଷରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପ୍ରଥମ ଦିନରୁ ଜନତାଙ୍କ ସହିତ ଯୋଡି ହେବାର ଯେଉଁ ପ୍ରୟାସ ଆରମ୍ଭ ହୋଇଥିଲା, ଆଜି ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ସେହି ପ୍ରୟାସକୁ ଆହୁରି ଜୋରଦାର କରାଯାଇଛି। ଏହି ପ୍ରସାର କାର୍ଯ୍ୟକ୍ରମ ମାଧ୍ୟମରେ, ସରକାର, ଜନସାଧାରଣଙ୍କ ଭାଗୀଦାରିତାରେ 'ବିକଶିତ ଓଡ଼ିଶା' ତଥା ସମୃଦ୍ଧ ଓଡ଼ିଶା ଗଠନର ବୃହତ୍ତର ଲକ୍ଷ୍ୟକୁ ସାକାର କରିବା ପାଇଁ ପ୍ରୟାସ କରିଛନ୍ତି। ଏହି ଅବସରରେ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ କହିଥିଲେ ଯେ, ଲୋକଙ୍କ ଆଶୀର୍ବାଦରେ ଆଜି ଡବଲ ଇଞ୍ଜିନର ସରକାର ଓଡ଼ିଶାର ସାମଗ୍ରିକ ବିକାଶ ଓ ସମୃଦ୍ଧିର ଦାୟିତ୍ୱରେ ଅଛନ୍ତି। କେନ୍ଦ୍ରରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ରାଜ୍ୟରେ ଲୋକଙ୍କ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ସମୃଦ୍ଧ ଓଡ଼ିଶାର ନିର୍ମାଣ ପାଇଁ ସଂକଳ୍ପବଦ୍ଧ। ଏହି ସମୟ ରାଜ୍ୟର ବିକାଶ ଓ ରାଷ୍ଟ୍ରର ପ୍ରଗତି ପାଇଁ ସ୍ୱପ୍ନ, ସଂକଳ୍ପ ଓ ସମ୍ଭାବନାର ସମୟ ପ୍ରମାଣିତ ହୋଇଛି। ଏହି ସମୟ ରାଜ୍ୟର ବିକାଶ ଓ ରାଷ୍ଟ୍ରର ପ୍ରଗତି ପାଇଁ ସ୍ୱପ୍ନ, ସଂକଳ୍ପ ଓ ସମ୍ଭାବନାର • ପୃଷ୍ଠା ୭ ଦେଖନ୍ତୁ...

## ଦିବ୍ୟାଙ୍ଗ ପ୍ରଫୁଲ୍ଲ ଦାସଙ୍କୁ ତୁରନ୍ତ ଘର ଯୋଗାଇଦେବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୧୨।୬ (ହି.ସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ଯାଜପୁର ଜିଲ୍ଲାର କୋରେଇ ବ୍ଲକ ଅନ୍ତର୍ଗତ ଅନ୍ଧାରୀ ଗ୍ରାମର ୪୧ ବର୍ଷୀୟ ଜଣେ ଶତ ପ୍ରତିଶତ ଦୃଷ୍ଟି ବାଧିତ ଦିବ୍ୟାଙ୍ଗ ପ୍ରଫୁଲ୍ଲ କୁମାର ଦାସଙ୍କ ସମସ୍ୟା ବିଷୟରେ ଗଣମାଧ୍ୟମରୁ ଖବର ପାଇ ତାଙ୍କୁ ଘର ଯୋଗାଇଦେବା ସହିତ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ସହାୟତା ରାଶି ତୁରନ୍ତ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ, ଶ୍ରୀ ଦାସଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଏକ ବାସଗୃହ ଯୋଗାଇ ଦିଆଯିବ । ଏହା ସହିତ ତାଙ୍କୁ ରେଡକ୍ରସ ପାଣ୍ଠିରୁ ତୁରନ୍ତ ୫ ହଜାର ଟଙ୍କା ଯୋଗାଇ ଦିଆଯିବ। ସୂଚନା ଅନୁଯାୟୀ ଶ୍ରୀ ଦାସଙ୍କୁ ଭିନ୍ନକ୍ଷମ ଭତା ବାବଦରେ ମାସକୁ ୩୫୦୦ ଟଙ୍କା, ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ମାସକୁ ୫ କିଲୋଗ୍ରାମ ଚାଉଳ ଦିଆଯାଉଥିବା ବେଳେ, ଯିବା ଆସିବା ପାଇଁ ଏକ ଧଳା ବାଡି ଦିଆଯାଇଛି।











# ଦେଶରେ ବନ୍ୟା ପରିଚାଳନା ପ୍ରସ୍ତୁତିର ସମୀକ୍ଷା ପାଇଁ ଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତା କଲେ ଅମିତ ଶାହ

ନୂଆଦିଲ୍ଲୀ, ୧୨।୬ (ପିଆଇବି): କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଅମିତ ଶାହ ଦେଶରେ ବନ୍ୟା ରିଚାଳନାର ପ୍ରସ୍ତୁତିର ସମୀକ୍ଷା ପାଇଁ ନୂଆଦିଲ୍ଲୀରେ ଏକ ଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରିଥିଲେ। ଦେଶରେ ବନ୍ୟା ବିଦକୁ ହ୍ରାସ କରିବା ।ଇଁ ନିଆଯାଇଥିବା ଦୀର୍ଘକାଳୀନ ପଦକ୍ଷେ ଏବଂ ଗତ ବର୍ଷ ଅନୁଷ୍ଠିତ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଉପରେ ଗ୍ରହଣ କରାଯାଇଥିବା ଦକ୍ଷେ ବିଷୟରେ ମଧ୍ୟ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ସମୀକ୍ଷା କରିଥିଲେ। ଏହି ବୈଠକରେ କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ବନ୍ୟା ରିଚାଳନା ଏବଂ ସେମାନଙ୍କ ନେଟୱାର୍କର ସମ୍ପ୍ରସାରଣ ପାଇଁ ସମସ୍ତ ଏଜେନ୍ସି ଦ୍ୱାରା ଗ୍ରହଣ କରାଯାଇଥିବା ନୂତନ ପ୍ରଯୁକ୍ତିବିଦ୍ୟା ଉପରେ ମଧ୍ୟ ଆଲୋଚନା କରିଥିଲେ। ବନ୍ୟା ନିୟନ୍ତ୍ରଣ ଏବଂ ଜଳ ପରିଚାଳନା ପାଇଁ ବିଭିନ୍ନ କେନ୍ଦ୍ରୀୟ ଏଜେନ୍ସି ଦ୍ୱାରା ମହାକାଶ ଜ୍ଞାନକୌଶଳର ସର୍ବାଧିକ ବ୍ୟବହାର ଉପରେ ସେ ଗୁରୁତ୍ୱାରୋ କରିଥିଲେ। ଅମିତ ଶାହ କହିଥିଲେ ଯେ ଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତର ବିର୍ଯ୍ୟୟ ରିଚାଳନା 'ଶୂନ୍ୟ କ୍ଷୟକ୍ଷତି ଆଭିମୁଖ୍ୟ 'ସହିତ ଆଗକୁ ବଢୁଛି। ସେ ଜାତୀୟ ବିର୍ଯ୍ୟୟ ରିଚାଳନା ପ୍ରାଧିକରଣ (ଏନଡିଏମଏ) କୁ ରାଜ୍ୟ ବିର୍ଯ୍ୟୟ ରିଚାଳନା କର୍ତ୍ତୃପକ୍ଷ (ଏସଡିଏମ୍ଏ) ଏବଂ ଜିଲ୍ଲା ବିର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଡିଡିଏମ୍ଏ) ଙ୍କ ସହ ସମନ୍ୱୟ ରକ୍ଷା କରିବା ଲାଗି ନିର୍ଦ୍ଦେଶ ଦେଇଥିଲେ, ଯାହାଦ୍ୱାରା ତୃଣମୂଳ ସ୍ତରରେ ଆଗୁଆ ସତର୍କ ସୂଚନା ପ୍ରସାର ସୁନିଶ୍ଚିତ କରାଯାଇପାରିବ ଏବଂ ବନ୍ୟା ପରିଚାଳନା ପାଇଁ ଏନଡିଏମଏ ଦ୍ୱାରା ଜାରି କରାଯାଇଥିବା ପରାମର୍ଶକୁ ସମୟୋଚିତ ଭାବେ କାର୍ଯ୍ୟକାରୀ କରିବା ଲାଗି ସେ ସମସ୍ତ ରାଜ୍ୟ ତଥା କେନ୍ଦ୍ରଶାସିତ ଅଂଚଳଗୁଡ଼ିକୁ ନିବେଦନ କରିଥିଲେ। ସେ ଏନଡିଏମ୍ଏ ଏବଂ ଏନଡିଆରଏଫ୍ କୁ ରାଜ୍ୟଗୁଡ଼ିକ ସହିତ ସମ୍ପୂର୍ଣ୍ଣ ସମନ୍ୱୟ ରକ୍ଷା କରି ଦକ୍ଷ ବନ୍ୟା ପରିଚାଳନା ଦିଗରେ କାର୍ଯ୍ୟ କରିବାକୁ କହିଥିଲେ। ବନ୍ୟା ପୂର୍ବାନୁମାନ/ପରାମର୍ଶ ଜାରି କରିବା ପାଇଁ ସମୟସୀମା ବୃଦ୍ଧି କରିଥିବାରୁ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ କେନ୍ଦ୍ରୀୟ ଜଳ ଆୟୋଗ (ସି.ଡବ୍ଲ୍ୟୁ.ସି.) ଏବଂ ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) କୁ ପ୍ରଶଂସା କରିବା ସହିତ ପୂର୍ବାନୁମାନର ସଠିକତା ସ୍ତର ବୃଦ୍ଧି ଉପରେ ଗୁରୁତ୍ୱାରୋ କରିଥିଲେ। ଶ୍ରୀ ଶାହ କହିଥିଲେ ଯେ ସିଡବ୍ଲ୍ୟୁସିର ବନ୍ୟା ନିରୀକ୍ଷଣ କେନ୍ଦ୍ରଗୁଡ଼ିକ ଆମର ଆବଶ୍ୟକତା ଏବଂ ଅନ୍ତର୍ଜାତୀୟ ମାନ ଅନୁଯାୟୀ ହେବା ଉଚିତ। ଶ୍ରୀ ଶାହ ଜଳ ଶକ୍ତି ମନ୍ତ୍ରଣାଳୟ, ଏନଡିଏମ୍ଏ ଏବଂ ଜାତୀୟ ରିମୋଟ ସେନ୍ସିଂ ସେଂଟର (ଏନ୍ଆରଏସସି) କୁ ହିମବାହ ହ୍ରଦ ଉପରେ ତୀକ୍ଷ୍ଣ ନଜର ରଖିବାକୁ ଏବଂ କୌଣସି ପ୍ରକାରର ବିସ୍ଫୋରଣ ଘଟିଲେ ସମୟୋଚିତ ପଦକ୍ଷେ ନେବାକୁ ପରାମର୍ଶ ଦେଇଥିଲେ। ସ୍ୱରାଷ୍ଟ୍ର ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ ଯେ ସଡ଼କ ରିବହନ ଏବଂ ରାଜଥ ମନ୍ତ୍ରଣାଳୟ (ଏମ୍ଓଆରଟିଏଚ୍)/ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ (ଏନ୍ଏଚ୍ଏଆଇ) ରାଜ୍ୟ ଏବଂ ଜିଲ୍ଲା ରାଜଥରେ ମଧ୍ୟ ସମାନ ଡିଜାଇନ୍ ରିବର୍ତ୍ତନ ସୁନିଶ୍ଚିତ କରିବା ପାଇଁ ରାଜ୍ୟଗୁଡ଼ିକ ସହିତ କାର୍ଯ୍ୟ କରିବା ଉଚିତ, ଯାହାଦ୍ୱାରା ପ୍ରବଳ ବର୍ଷା ସମୟରେ ରାସ୍ତା ଜଳମଗ୍ନ ହେବାର ମୁକାବିଲା କରିବା ପାଇଁ ରାଜଥ ଡ୍ରେନେଜ୍ ସିଷ୍ଟମ୍ ସଡ଼କ ନିର୍ମାଣର ଡିଜାଇନ୍ ର ଅବିଚ୍ଛେଦ୍ୟ ଅଙ୍ଗ ହୋଇପାରିବ। ଅଧିକନ୍ତୁ, ଏନଡିଏମଏ ବନ୍ୟା ପ୍ରସ୍ତୁତି ଏବଂ ପ୍ରଶମନ ପାଇଁ କେନ୍ଦ୍ରୀୟ ଏଜେନ୍ସି ଏବଂ ରାଜ୍ୟମାନଙ୍କ ମଧ୍ୟରେ ସମନ୍ୱୟ ପାଇଁ ରାଜ୍ୟ କର୍ତ୍ତୃପକ୍ଷଙ୍କ ସହ ମଧ୍ୟ ସମନ୍ୱୟ ରକ୍ଷା କରିବା ଉଚିତ। ସ୍ୱରାଷ୍ଟ୍ର ମନ୍ତ୍ରୀ ନର୍ମଦା ନଦୀ ଅଂଚଳରେ ଜଙ୍ଗଲ କ୍ଷେତ୍ର ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ କହିଥିଲେ ଯେ ଦି ଏହି ପରୀକ୍ଷଣ ସଫଳ ହୁଏ, ତେବେ ଅନ୍ୟ ନଦୀଗୁଡ଼ିକର କ୍ଷେତ୍ରରେ ମଧ୍ୟ ସମାନ ପ୍ରୟାସ କରାଯିବ। ସେ କହିଥିଲେ ଯେ, ଏହା ନଦୀ ଅବବାହିକାକୁ ପୁନର୍ଜୀବିତ କରିବାରେ, ମୃତ୍ତିକା କ୍ଷୟ ହ୍ରାସ କରିବାରେ ଏବଂ ଏହି ଅଂଚଳରେ ସ୍ୱଳ୍ପ ବର୍ଷାର ଉଦୀୟମାନ ସମସ୍ୟାର ମୁକାବିଲା କରିବାରେ ସହାୟକ ହେବ। ଅମିତ ଶାହ କହିଥିଲେ ଯେ ବିହାର ଏବଂ ଉତ୍ତର ପ୍ରଦେଶରେ ପ୍ରବଳ ବନ୍ୟା ପରିଚାଳନା ପଦକ୍ଷେପ ପାଇଁ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ନୂତନ ବିକଳ୍ପ ଅନୁସନ୍ଧାନ କରାଯିବା ଉଚିତ। ସହରାଂଚଳରେ ବୃଦ୍ଧି ପାଉଥିବା ବନ୍ୟା ପରିସ୍ଥିତି ବିଷୟରେ ଉଲ୍ଲେଖ କରି ଅମିତ ଶାହ ସମସ୍ତ କେନ୍ଦ୍ରୀୟ ସଂସ୍ଥାଗୁଡ଼ିକୁ ଏହି ସହରଗୁଡ଼ିକରେ ବନ୍ୟା ନିୟନ୍ତ୍ରଣ ପାଇଁ ଆବଶ୍ୟକ, ସମୟୋଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଏବଂ ବଡ଼ ବଡ଼ ସହରରେ ବନ୍ୟା ପରିଚାଳନା ପାଇଁ ଏକ ବ୍ୟାପକ ଯୋଜନା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମୌସୁମୀ • ପୃଷ୍ଠା ୭ ଦେଖନ୍ତୁ...

# ବେଦାନ୍ତ ଆଲୁମିନିୟମ ବେଦାନ୍ତ ଗ୍ରୁପର ପ୍ରଥମ ସମ୍ପୂର୍ଣ୍ଣ ମହିଳା ଲୋକୋମୋଟିଭ୍ ଇନ୍ ଟିମ୍‌କୁ ନିୟୋଜିତ କରିଛି

**ଭୁବନେଶ୍ୱର, (ଡିକେ ନ୍ୟୁଜ୍):** ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ଝାରସୁଗୁଡ଼ାରେ କମ୍ପାନୀର ବିଶ୍ୱସ୍ତରୀୟ ଆଲୁମିନିୟମ ସ୍ମେଲ୍ଟରରେ ବେଦାନ୍ତ ଗ୍ରୁପର ପ୍ରଥମ ସମ୍ପୂର୍ଣ୍ଣ ମହିଳା ଲୋକୋମୋଟିଭ୍ ଇନ୍ ଦଳକୁ ନିୟୋଜିତ କରିବାର ଘୋଷଣା କରି ଉତ୍ପାଦନ ଏବଂ ଶିଳ୍ପ କ୍ଷେତ୍ରରେ ଅନ୍ତର୍ଭୁକ୍ତି ଏବଂ ଲିଙ୍ଗ ବିବିଧତା ବୃଦ୍ଧି କରିବା ଦିଗରେ ଏକ ଅଗ୍ରଣୀ ପଦକ୍ଷେପ ଗ୍ରହଣ କରିଛି।ଏହି ଐତିହାସିକ ପଦକ୍ଷେପ ମହିଳା ବୃତିଗତମାନଙ୍କୁ ପ୍ଲାଂଟର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଲଜିଷ୍ଟିକାଲ୍ କାର୍ଯ୍ୟଗୁଡ଼ିକ ମଧ୍ୟରୁ ଗୋଟିଏର ନେତୃତ୍ୱ ନେଇଛି, ଅର୍ଥାତ୍, ଏକ ଉତ୍ସର୍ଗୀକୃତ ଲୋକୋମୋଟିଭ୍ ଇନ୍ ଏବଂ ରେକ୍ ମାଧ୍ୟମରେ କଂଚାମାଲର ଆଭ୍ୟଂତରୀଣ ପରିବହନ। ନୂତନ ଭାବରେ ନିୟୋଜିତ ହୋଇଥିବା ଦଳ - ଚାରି ଜଣ ଲୋକୋ ଡ୍ରାଇଭର (ସିଫ୍ଟରେ କାର୍ଯ୍ୟ କରୁଥିବା), ଜଣେ ଗେଟ ଓମେନ୍ ଏବଂ ଦୁଇଜଣ ସହାୟକ କର୍ମଚାରୀ - ଏହି ଅତ୍ୟାବଶ୍ୟକ ସମ୍ପତିର ଦକ୍ଷ ଏବଂ ସୁରକ୍ଷିତ ପରିଚାଳନା ଏବଂ ରକ୍ଷଣାବେକ୍ଷଣ ପାଇଁ ଦାଇତ୍ୱରେ ରହିବେ।ଏହି ନିୟୋଜନ ଏକ ବିବିଧ, ସମାନ ଏବଂ ଅନ୍ତର୍ଭୁକ୍ତ କର୍ମକ୍ଷେତ୍ରକୁ ପ୍ରୋତ୍ସାହିତ କରିବା ପାଇଁ ବେଦା' ଆଲୁମିନିୟମର ଦୃଢ଼ ପ୍ରତିବଦ୍ଧତାକୁ ଆହୁରି ଦୃଢ଼ କରେ। ଏହା ଝାରସୁଗୁଡ଼ାରେ ଶିଳ୍ପ-ପ୍ରଥମ ପଦକ୍ଷେପର ଏକ ଶୃଙ୍ଖଳାକୁ ଅନୁସରଣ କରେ, ଯେଉଁଥିରେ 'ଶ୍ରୀ ଶକ୍ତି'ର ଶୁଭାରମ୍ଭ ଅନ୍ତର୍ଭୁକ୍ତ, ଯାହା ମାଧ୍ୟମରେ ୧୦୮ ଜଣ ମହିଳା ରାତ୍ରି ଶିଫ୍ଟରେ ପ୍ରମୁଖ କାର୍ଯ୍ୟକ୍ଷମ ଭୂମିକା ଗ୍ରହଣ କରିଛନ୍ତି, ଯାହା ଓଡ଼ିଶାର ଶିଳ୍ପ କ୍ଷେତ୍ରରେ ପ୍ରଥମ ପଦକ୍ଷେପ। ଏହା ସହିତ, ବେଦାନ୍ତ ନିକଟରେ ଏଠାରେ ଭାରତୀୟ ଆଲୁମିନିୟମ ଶିଳ୍ପର ପ୍ରଥମ ସମ୍ପୂର୍ଣ୍ଣ ମହିଳା ପରିଚାଳିତ ପୋଟଲାଇନ୍ ଉଦଘାଟନ କରିଛି। ଆଲୁମିନିୟମ ଉତ୍ପାଦନ ପ୍ରକ୍ରିୟାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ, ଏହି ପୋଟଲାଇନ୍ ତିନୋଟି ପର୍ଯ୍ୟାୟରେ କାର୍ଯ୍ୟକ୍ଷମ ହେବ, ଯେଉଁଥିରେ ୧୦୦ ରୁ ଅଧିକ ମହିଳା କର୍ମଚାରୀଙ୍କୁ ଆଭ୍ୟନ୍ତରୀଣ ଚାକିରି ପୋଷ୍ଟିଂ ମାଧ୍ୟମରେ ଚୟନ କରାଯିବ




ଏବଂ ବିଶେଷଜ୍ଞ ତାଲିମ କାର୍ଯ୍ୟକ୍ରମ ମାଧ୍ୟମରେ ଦକ୍ଷତା ବୃଦ୍ଧି କରାଯିବ। ଏହି ମାଇଲଖୁଂଟ ବିଷୟରେ ମତ ଦେଇ, ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, 'ବେଦାନ୍ତ ଆଲୁମିନିୟମରେ, ଆମେ ବିଶ୍ୱାସ କରୁଛୁ ଯେ ପ୍ରକୃତ ପ୍ରଗତି ସମାନ ସୁଯୋଗରୁ ଆସିଥାଏ ଯେଉଁଠାରେ ସମସ୍ତଙ୍କୁ ଯୋଗଦାନ, ବିକାଶ ଏବଂ ନେତୃତ୍ୱ ନେବାର ସୁଯୋଗ ମିଳିଥାଏ। ଅନ୍ତର୍ଭୁକ୍ତି ଆମ ପାଇଁ କେବଳ ଏକ ମୂଳ ମୂଲ୍ୟ ନୁହେଁ, ଏହା ନବସୃଜନ, ସ୍ଥିରତା ଏବଂ କାର୍ଯ୍ୟକ୍ଷମ ଉତ୍କର୍ଷତା ପାଇଁ ଏକ ଉତ୍ପ୍ରେରକ ଅଟେ। ପାରମ୍ପାରିକ ଭାବରେ ପୁରୁଷ-ପ୍ରଧାନ ଭୂମିକାରେ ମହିଳାମାନଙ୍କର ବୃଦ୍ଧି ପାଉଥିବା ଅଂଶଗ୍ରହଣ ଭାରତୀୟ ଉତ୍ପାଦନର ଗଠନକୁ ପରିବର୍ତନ କରୁଛି। ଆମର ସମସ୍ତ ମହିଳା ଲୋକୋମୋଟିଭ୍ ଦଳର ନିୟୋଜନ ଷ୍ଟିରୁଟିଓଟାଇପ୍ ଭାଙ୍ଗିବା ଏବଂ ଶିଳ୍ପ କାର୍ଯ୍ୟରେ ମହିଳାମାନଙ୍କ ପାଇଁ ଅର୍ଥପୂର୍ଣ୍ଣ ପଥ ସୃଷ୍ଟି କରିବା ପାଇଁ ଆମର ଯାତ୍ରାରେ ଆଉ ଏକ ମାଇଲଖୁଂଟ ଚିହ୍ନିତ କରୁଛି। ଲଜିଷ୍ଟିକ୍ସ ଏବଂ ଉତ୍ପାଦନରୁ ଗୁରୁତ୍ୱପୂର୍ଣ୍ଣ ଇଞ୍ଜିନିୟରିଂ କାର୍ଯ୍ୟ ପର୍ଯ୍ୟନ୍ତ, ଆମର ମହିଳା ବୃତିଗତମାନେ ଆଗରୁ ନେତୃତ୍ୱ ନେଉଛନ୍ତି ଏବଂ ଦେଶର ଶିଳ୍ପ ଭବିଷ୍ୟତ ଗଠନରେ ସେମାନଙ୍କର ଭୂମିକାକୁ ପୁନଃକଳ୍ପନା କରିବାକୁ ଭବିଷ୍ୟତ ପିଢ଼ିକୁ ପ୍ରେରଣା ଦେଉଛନ୍ତି। 'ବେଦାନ୍ତ ଆଲୁମିନିୟମର ସିଓଓ ସୁନୀଲ ଗୁପ୍ତା ତାଙ୍କ ମତାମତ ଦେଇ କହିଛନ୍ତି, 'ବେଦାନ୍ତ ଆଲୁମିନିୟମରେ, ଆମେ ଜାଣିଶୁଣି ଆମର ସମସ୍ତ ଭୂମିକାକୁ ଲିଙ୍ଗ ବିରୋଧୀ ଭାବରେ ଡିଜାଇନ୍ କରିଛୁ, ଯାହା ଧାତୁ, ଖଣି ଏବଂ ଉତ୍ପାଦନ ଶିଳ୍ପ ମଧ୍ୟରେ ମୁଖ୍ୟ କାର୍ଯ୍ୟରେ କ୍ୟାରିୟର ଅନୁସନ୍ଧାନ କରିବାକୁ ଆଗ୍ରହୀ ମହିଳାମାନଙ୍କ ପାଇଁ ସମ୍ପୁର୍ଣ୍ଣ ସୁଯୋଗ ଖୋଲି ଦେଇଛି। ବେଦାନ୍ତ ଆଲୁମିନିୟମରେ, ଆମେ ଆମର ନିଯୁକ୍ତି ଅଭ୍ୟାସରେ ଅନ୍ୟ ସମସ୍ତ କାରଣ ଅପେକ୍ଷା ସଫଳ ହେବା ପାଇଁ ଦୃଢ଼ ନିଷ୍ପତି, ଦକ୍ଷତା ଏବଂ ଇଚ୍ଛାଶକ୍ତିକୁ ପ୍ରାଥମିକତା ଦେବା ନିଶ୍ଚିତ କରିବା ପାଇଁ ଏହି ପ୍ରୟାସ ସର୍ବଶେଷ ଅଟେ। ଆମେ ବିଶ୍ୱାସ କରୁ ଯେ ଏହି ପ୍ରୟାସ ମାଧ୍ୟମରେ, ଆମେ କେବଳ ଏକ ଅଧିକ ବିବିଧ ଶିଳ୍ପ ନିର୍ମାଣ କରୁନାହୁଁ, ବରଂ ଏକ ଅଧିକ ସ୍ଥିର ରାଷ୍ଟ୍ର ମଧ୍ୟ ଗଠନ କରୁ। 'ବର୍ତମାନ, ୧,୨୦୦ ରୁ ଅଧିକ ମହିଳା ବୃତିଗତ ବେଦାନ୍ତ ଆଲୁମିନିୟମର ସଫଳତାରେ ଅବଦାନ ଦେଉଛନ୍ତି, ବୈଷୟିକ କାର୍ଯ୍ୟଠାରୁ ଆରମ୍ଭ କରି ପରିଚାଳନାଗତ ନେତୃତ୍ୱ ପର୍ଯନ୍ତ ଭୂମିକାରେ ଉତ୍କର୍ଷ ହାସଲ କରୁଛନ୍ତି। ଏହା ମହିଳା କର୍ମଚାରୀମାନଙ୍କୁ ଆବଶ୍ୟକୀୟ ବୃତିଗତ ଦକ୍ଷତା, ଶିଳ୍ପ ପ୍ରକ୍ରିୟାରେ ଉନ୍ନତ ତାଲିମ ସୁଯୋଗ ଏବଂ ବିଶ୍ୱସ୍ତରୀୟ ପ୍ରଯୁକ୍ତିବିଦ୍ୟା ସହିତ ସଶକ୍ତ କରି ସେମାନଙ୍କର ପୂର୍ଣ୍ଣ ସମ୍ଭାବନାକୁ ଅନଲକ୍ କରିବାରେ ସାହାଯ୍ୟ କରେ। ଏହା ପାରମ୍ପାରିକ ଭାବରେ ପୁରୁଷ-ପ୍ରଧାନ ଖଣି, ଧାତୁ ଏବଂ ଆଧୁନିକ ଉତ୍ପାଦନ ଶିଳ୍ପରେ ପୁରସ୍କାରପ୍ରାପ୍ତ ଏବଂ ଭୂମିହୀନ କ୍ୟାରିୟର କରିବାକୁ ଅଧିକ ମହିଳାଙ୍କୁ ଆହୁରି ପ୍ରେରଣା ଦେଇପାରେ। ବେଦାନ୍ତ ଆଲୁମିନିୟମ ଏହାର ସମସ୍ତ ପ୍ଲାଂଟ ସ୍ଥାନରେ ନିରନ୍ତର ଭାବରେ ପ୍ରତିଷ୍ଠିତ ଗ୍ରେଟ୍ ପ୍ଲେସ୍ ଟୁ ୱାର୍କସ୍ ସାର୍ଟିଫିକେସନ୍ ହାସଲ କରିଛି, ଯାହା ଭାରତର ଉତ୍ପାଦନ କ୍ଷେତ୍ରରେ ଏକ ଶ୍ରେଷ୍ଠ ନିଯୁକ୍ତିଦାତା ଭାବରେ ଏହାର ଖ୍ୟାତିକୁ ପୁନଃନିର୍ଦ୍ଦିଷ୍ଟ କରିଛି। ଏହି ମାନ୍ୟତା କମ୍ପାନୀର ବିଶ୍ୱାସ, ଅତୁଳନୀୟ କାର୍ଯ୍ୟ ସଂସ୍କୃତି ଏବଂ ଅନ୍ତର୍ଭୁକ୍ତି ଦ୍ୱାରା ପରିଭାଷିତ ଏକ କର୍ମକ୍ଷେତ୍ର ନିର୍ମାଣ ଉପରେ ଦୃଢ଼ ଧ୍ୟାନକୁ ସ୍ପଷ୍ଟ କରେ, ଯେଉଁଠାରେ କର୍ମଚାରୀମାନେ ଏକ ସଂସ୍କୃତିରେ ଉନ୍ନତି ପାଆନ୍ତି ଯାହା ସଚ୍ଚୋଟତା, ସ୍ୱଚ୍ଛତା ଏବଂ ସମସ୍ତଙ୍କ ପାଇଁ ସମାନ ସୁଯୋଗକୁ ମୂଲ୍ୟ ଦିଏ। ଏହା ବ୍ୟତୀତ, କମ୍ପାନୀ ୨୦୩୦ ଆର୍ଥିକ ବର୍ଷ ସୁଦ୍ଧା ୩୦% ମହିଳା କର୍ମଚାରୀ ପ୍ରତିନିଧିତ୍ୱ ପାଇଁ ଲକ୍ଷ୍ୟ ରଖିଛି। ଏହା ସହିତ, ଲିଙ୍ଗ-ସନ୍ତୁଳିତ ନିଯୁକ୍ତି ସୁନିଶ୍ଚିତ କରିବା ପାଇଁ, ବେଦାନ୍ତ ଆଲୁମିନିୟମ ନୂତନ ଭୂମିକା ପାଇଁ ୫୦% ମହିଳାଙ୍କୁ ନିଯୁକ୍ତି ଦେବାରେ ପ୍ରାଥମିକତା ଦେଇଛି। ବେଦାନ୍ତ ଲିମିଟେଡର ଏକ ବ୍ୟବସାୟ, ବେଦାନ୍ତ ଆଲୁମିନିୟମ୍, ଭାରତର ସର୍ବବୃହତ ଆଲୁମିନିୟମ୍ ଉତ୍ପାଦକ, ଯାହା ଆର୍ଥିକ ବର୍ଷ ୨୫ ମସିହାରେ ଭାରତର ଅଧାରୁ ଅଧିକ ଅର୍ଥାତ୍ ୨.୪୨ ନିୟୁତ ଟନ୍ ଆଲୁମିନିୟମ୍ ଉତ୍ପାଦନ କରିଛି। ଏହା ମୂଲ୍ୟଯୁକ୍ତ ଆଲୁମିନିୟମ୍ ଉତ୍ପାଦରେ ଅଗ୍ରଣି ଭାବରେ ଉଭା ହୋଇଛି ଯାହାକି ମୁଖ୍ୟ ଶିଳ୍ପ ଗୁଡ଼ିକରେ ଗୁରୁତ୍ୱପୂର୍ଣ୍ଣ ପ୍ରୟୋଗ ବ୍ୟବହାର କରିଥାଏ। ଆଲୁମିନିୟମ୍ ଶିଳ୍ପ ପାଇଁ ଏସଏଣ୍ଡପି ଗ୍ଲୋବାଲ୍ କର୍ପୋରେଟ୍ ସଷ୍ଟେନେବିଲିଟି ଆସେସମେଂଟ୍ ୨୦୨୪ ବିଶ୍ୱ ରାଙ୍କିଂରେ ବେଦା' ଆଲୁମିନିୟମ୍ ଦ୍ୱିତୀୟ ସ୍ଥାନରେ ଅଛି, ଯାହା ଏହାର ପ୍ରମୁଖ ସ୍ଥାୟୀ ବିକାଶ ଅଭ୍ୟାସର ପ୍ରତିଫଳନ। ଭାରତରେ ଏହାର ବିଶ୍ୱସ୍ତରୀୟ ଆଲୁମିନିୟମ୍ ସ୍ମେଲ୍ଟର, ଆଲୁମିନା ରିଫାଇନାରୀ ଏବଂ ପାୱାର ପ୍ଲାଂଟ ସହିତ, କମ୍ପାନୀ ଏକ ସବୁଜ ଆସନ୍ତାକାଲି ପାଇଁ 'ଭବିଷ୍ୟତର ଧାତୁ' ଭାବରେ ଆଲୁମିନିୟମର ଉଦୀୟମାନ ପ୍ରୟୋଗଗୁଡ଼ିକୁ ପ୍ରୋତ୍ସାହିତ କରିବାର ଏହାର ଲକ୍ଷ୍ୟ ପୂରଣ କରୁଛି।

## ୟୁପିଆଇ ପେମେଣ୍ଟ ଉପରେ ଅତିରିକ୍ତ ଶୁଳ୍କ ଦେବାକୁ ପଡ଼ିବ କି? ଅର୍ଥ ମନ୍ତ୍ରଣାଳୟ ସ୍ପଷ୍ଟତା

**ନୂଆଦିଲ୍ଲୀ,(ହି.ସ):** ଅର୍ଥ ମନ୍ତ୍ରଣାଳୟ ବଡ଼ ଟଚଓ କାରବାର ଉପରେ ଗଉଜ ଚର୍ଜ ଲାଗୁ କରିବାର ରିପୋର୍ଟକୁ ମିଥ୍ୟା ଏବଂ ଭ୍ରାମକ ବୋଲି କହିଛି। ଅନଲାଇନରେ କରାଯାଉଥିବା ଦାବି ଉପରେ ପ୍ରତିକ୍ରିୟା ଦେଇ ମନ୍ତ୍ରଣାଳୟ କହିଛି ଯେ ଏପରି ଭିତ୍ତିହୀନ ଦାବି ନାଗରିକଙ୍କ ମଧ୍ୟରେ ଅନାବଶ୍ୟକ ଭୟ ଏବଂ ଦ୍ୱନ୍ଦ ସୃଷ୍ଟି କରେ। ବୁଧବାର ଅର୍ଥମନ୍ତ୍ରୀ କହିଛନ୍ତି ଯେ ୟୁପିଆଇ (ୟୁନିଫାଏଡ ପେମେଣ୍ଟ୍ସ ଇଣ୍ଟରଫେସ) କାରବାର ଉପରେ ଏମଡିଆର (ମର୍ଚ୍ଚାଣ୍ଟ ଡିସକାଉଣ୍ଟ ରେଟ) ଲାଗୁ କରିବାର ଆକଳନ ଏବଂ ଦାବି ସମ୍ପୂର୍ଣ୍ଣ ମିଥ୍ୟା, ଭିତ୍ତିହୀନ ଏବଂ ଭ୍ରାମକ। ପୂର୍ବରୁ ଅନଲାଇନ୍ରେ ଅନେକ ରିପୋର୍ଟ ପ୍ରସାରିତ ହୋଇଥିଲା। ଯେଉଁଥିରେ ଦାବି କରାଯାଇଥିଲା ଯେ ସରକାର ବଡ଼ କାରବାର ଉପରେ ଲାଗୁ କରିବାକୁ ଯୋଜନା କରୁଛନ୍ତି। ମନ୍ତ୍ରଣାଳୟ ଏକ ବିବୃତ୍ତିରେ କହିଛି ଯେ ଏପରି ଭିତ୍ତିହୀନ ଆକଳନ ନାଗରିକଙ୍କ ମଧ୍ୟରେ ଅନାବଶ୍ୟକ ଅନିଶ୍ଚିତତା, ଭୟ ଏବଂ ସନ୍ଦେହ ସୃଷ୍ଟି କରୁଛି। ୨୦୧୬ରେ ଏହାର ଶୁଭାରମ୍ଭ ହେବା ପରଠାରୁ, ୟୁପିଆଇ ଦ୍ରୁତ ଗତିରେ ବୃଦ୍ଧି ପାଇଛି। ଯାହା ବିମୁଦ୍ରାକରଣ ପରେ ଡିଜିଟାଲ ପେମେଣ୍ଟକୁ ପ୍ରୋତ୍ସାହିତ କରିବା ପାଇଁ ସରକାରୀ ପ୍ରୟାସ। ସ୍ମାର୍ଟଫୋନ ସହ ଗୁଗୁଲ ପେ, ଫୋନ ପେ ଏବଂ ପେଟିଏମ ଆଦିର ବ୍ୟବହାର ଦ୍ୱାରା ପ୍ରତିଫଳିତ ହେଉଛି।

## ଜୁଲାଇରେ ଆସିବ ଏନ୍‌ଏସ୍‌ଡିଏଲ୍ ଆଇପିଓ, ୪୦ କୋଟି ଡଲାର ସଂଗ୍ରହ ଲକ୍ଷ୍ୟ

**ନୂଆଦିଲ୍ଲୀ,(ହି.ସ):** ନ୍ୟାସ୍ନାଲ ସିକ୍ୟୋରିଟିଜ୍ ଡିପୋଜିଟୋରି ଲିମିଟେଡ୍(ଏନ୍ଏସ୍ଡିଏଲ୍)ର ପ୍ରାଥମିକ ପବ୍ଲିକ୍ ଅଫର ଅର୍ଥାତ୍ ଆଇପିଓ ଜୁଲାଇରେ ଆସିପାରେ। ରିପୋର୍ଟ ଅନୁସାରେ, ଆଇପିଓ ଜରିଆରେ ୪୦ କୋଟି ଡଲାର ବା ପ୍ରାୟ ୩,୪୨୦ କୋଟି ଟଙ୍କା ସଂଗ୍ରହ ହେବ। ଏହି ଇସ୍ୟୁରେ କମ୍ପାନି ୫.୦୧ କୋଟି ସେୟାର ଜାରି କରିବ। ଏ ଆଇପିଓ ସମ୍ପୂର୍ଣ୍ଣ ଭାବେ ଅଫର୍ ଫର୍ ସେଲ୍ ବା ଓଏଫ୍ଏସ୍ ହେବ। ଇସ୍ୟୁ ଜରିଆରେ ଆଇଡିବିଆଇ ବ୍ୟାଙ୍କ ଲିମିଟେଡ, ନ୍ୟାସ୍ନାଲ୍ ଷ୍ଟକ୍ ଏକ୍ସଚେଞ୍ଜ ଅଫ୍ ଇଣ୍ଡିଆ




ଲିମିଟେଡ୍ ଏବଂ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍ ସମେତ କେତେକ ପ୍ରମୁଖ ନିବେଶକ ଏନ୍ଏସ୍ଡିଏଲ୍ରେ ନିଜ ସେୟାର ବିକ୍ରି କରିବେ। ତେବେ ଆଇପିଓ ଜରିଆରେ ଏନ୍ଏସ୍ଡିଏଲ୍ କୌଣସି ଆୟ ପ୍ରାପ୍ତ କରିବ ନାହିଁ। ଆସେଟ୍ ଅଣ୍ଡର୍ କଷ୍ଟଡି କ୍ଷେତ୍ରରେ ଏନ୍ଏସ୍ଡିଏଲ୍ ଦେଶର ସବୁଠାରୁ ବୃହ ଡିପୋଜିଟୋରି। ଏନ୍ଏସ୍ଡିଏଲ୍ର ଲିଷ୍ଟିଂର ପରିଚାଳନା ଆଇସିଆଇସିଆଇ ସିକ୍ୟୋରିଟିଜ୍ ଲିମିଟେଡ୍, ଏକ୍ସିସ୍ କ୍ୟାପିଟାଲ ଲିମିଟେଡ୍, ଏଚ୍ଏସ୍ବିସି ହୋଲ୍ଡିଙ୍ଗ୍ସ ଏବଂ ଆଇଡିବିଆଇ କ୍ୟାପିଟାଲ କରୁଛନ୍ତି। ତେବେ କମ୍ପାନି ପକ୍ଷରୁ ଏଯାବ୍ କୌଣସି ଔପଚାରିକ ଘୋଷଣା କରାଯାଇନାହିଁ।

## ବେଦାନ୍ତ ଆଲୁମିନିୟମ୍ ଓଡିଶାର ଗ୍ରାମାଞ୍ଚଳରେ ଗ୍ରୀଷ୍ମକାଳୀନ ସହାୟତା କାର୍ଯ୍ୟକ୍ରମମାନ ପରିଚାଳନା କରିଛି

**ଭୁବନେଶ୍ୱର, (ଡିକେ ନ୍ୟୁଜ୍):** ଭାରତର ସର୍ବବୃହତ ଆଲୁମିନିୟମ୍ ଉତ୍ପାଦକ ବେଦାନ୍ତ ଆଲୁମିନିୟମ୍, ଓଡ଼ିଶାରେ ଏହାର କାର୍ଯ୍ୟକ୍ଷମତା ନିକଟରେ ରହୁଥିବା ସମ୍ପ୍ରଦାୟଗୁଡ଼ିକୁ ଗ୍ରୀଷ୍ମକାଳୀନ ଚାପ ଦୂର କରିବା ଏବଂ ନିର୍ଭରଯୋଗ୍ୟ ପାନୀୟ ଜଳ ଯୋଗାଣ ପାଇଁ ବ୍ୟାପକ ପଦକ୍ଷେପମାନ ଗ୍ରହଣ କରିଛି। ଏହା ସହିତ, ଏହା ଏହାର ଉତ୍ପାଦନ ପ୍ଲାଂଟ ଏବଂ ଖଣି କାର୍ଯ୍ୟକ୍ଷମତା ମଧ୍ୟରେ କାର୍ଯ୍ୟରତ କର୍ମଚାରୀଙ୍କ କଲ୍ୟାଣ ପାଇଁ ମଧ୍ୟ ଅନେକ ପଦକ୍ଷେପ ଗ୍ରହଣ କରିଛି। ମିଳିତ ଭାବରେ, ସେମାନେ ସମ୍ପ୍ରଦାୟ ସଦସ୍ୟଙ୍କ ମୌଳିକ ଆବଶ୍ୟକତା ପୂରଣ କରିବା ଉପରେ କମ୍ପାନୀର ନିରନ୍ତର ଧ୍ୟାନକୁ ପ୍ରତିନିଧିତ୍ୱ କରିଛି। ଝାରସୁଗୁଡ଼ାରେ, ବେଦାନ୍ତ ଆଲୁମିନିୟମ୍ ଜିଲ୍ଲା ପ୍ରଶାସନ ସହିତ ସହଯୋଗରେ ସମଗ୍ର ଅଂଚଳରେ ଏକ ବ୍ୟାପକ ତାପ ହ୍ରାସ ଯୋଜନା ଆରମ୍ଭ କରିଛି। ଏହି ପଦକ୍ଷେପର ଅଂଶ ସ୍ୱରୂପ, ଝାରସୁଗୁଡ଼ାର ୧୭ଟି ପୌର ୱାର୍ଡର ବାସିନ୍ଦାମାନଙ୍କୁ ନିୟମିତ ଭାବରେ ପାଣି ଟ୍ୟାଙ୍କର୍ ମାଧ୍ୟମରେ ପାନୀୟ ଜଳ ଯୋଗାଣ କରାଯାଉଛି। ଏହା ସହିତ, ନିକଟବର୍ତୀ ୧୧ଟି ଗ୍ରାମ, ଯେପରିକି କାଟିକେଲା, ଡାଲକି,





ପୂର୍ଣ୍ଣା ଏବଂ ବୃନ୍ଦାମାଲ, ଦୂରଦୂରାନ୍ତ ଅଂଚଳ ପର୍ଯ୍ୟନ୍ତ ସ୍ୱଚ୍ଛ ପାନୀୟ ଜଳ ପହଂଚାଇବା ନିଶ୍ଚିତ କରିବାକୁ ସହାୟତା କରାଯାଉଛି। ସାମୁଦାୟିକ ପ୍ରବେଶକୁ ଆହୁରି ବୃଦ୍ଧି କରିବା ପାଇଁ, କମ୍ପାନୀର 'ଜଳ ସେବା ଶିବିର' ପଦକ୍ଷେପ ଅଧୀନରେ ଝାରସୁଗୁଡ଼ାର ଉଚ୍ଚ ସ୍ଥାନ ଏବଂ ବେଦାନ୍ତର ପରିସରରେ ଅନେକ ସାର୍ବଜନୀନ ସ୍ଥାନରେ ପାନୀୟ ଜଳ କିଓସ୍କ ସ୍ଥାପନ କରାଯାଇଛି। ଏହି କିଓସ୍କଗୁଡ଼ିକ ସାରା ଦିନ ଜନସାଧାରଣଙ୍କୁ ସ୍ୱଚ୍ଛ ଏବଂ ଥଣ୍ଡା ପାନୀୟ ଜଳ ଯୋଗାଇଥାଏ। ଏହା ବ୍ୟତୀତ, ବଡ଼ମାଲ ଏବଂ ପଂଚପଡ଼ାରେ ଦୁଇଟି ବିଶ୍ରାମ ସେଡ୍ ସ୍ଥାପନ କରାଯାଇଛି, ଯେଉଁଥିରେ କୁଲର, ପାନୀୟ ଜଳ ଏବଂ ଆରାମଦାୟକ ଆସନ ରହିଛି, ଯାହା ସେଗୁଡ଼ିକୁ ପ୍ରତିଦିନ ଯାତ୍ରୀ ଏବଂ ବୟସ୍କମାନଙ୍କ ପାଇଁ ବିଶେଷ ଉପଯୋଗୀ କରିଥାଏ। ଏହା ସହିତ, କମ୍ପାନୀର ମାଇନ୍ସ ଦଳ ସୁନ୍ଦରଗଡ଼ ଏବଂ ଝାରସୁଗୁଡ଼ା ଜିଲ୍ଲାଗୁଡ଼ିକରେ ଏକ ବ୍ୟାପକ ଜଳ ରିଲିଫ୍ ପଦକ୍ଷେପ ଆରମ୍ଭ କରିଛି। ଏହାର ସମ୍ପ୍ରଦାୟ-କେନ୍ଦ୍ରିତ କାର୍ଯ୍ୟକ୍ରମ ମାଧ୍ୟମରେ, କମ୍ପାନୀ କୁରାଲୋଇ, ପିପ୍ଲିମାଲ, ଲୁଆବାହାଲ, ଗର୍ଜନଜୋର, ଚକ୍ରା ଏବଂ ବିଲେଇମୁଣ୍ଡା ଗ୍ରାମ ଗୁଡ଼ିକରେ ଦୈନିକ ୧୦,୦୦୦ ରୁ ଅଧିକ ଲୋକଙ୍କ ପାଇଁ ସମର୍ପିତ ପାଣି ଟ୍ୟାଙ୍କର ମାଧ୍ୟମରେ ସ୍ୱଚ୍ଛ ଏବଂ ନିରାପଦ ପାନୀୟ ଜଳ ଉପଲବ୍ଧତା ସୁନିଶ୍ଚିତ କରୁଛି। ବାସିନ୍ଦାଙ୍କ ଆବଶ୍ୟକତା ପୂରଣ କରିବା ପାଇଁ, ବେଦାନ୍ତ ଆଲୁମିନିୟମ ସମ୍ପ୍ରତି ହେମଗିର ଏବଂ କୁରାଲୋଇ ଅଂଚଳର ୧୨ଟି ଗ୍ରାମରେ ୧୧ଟି ସୌରଚାଳିତ ବୋରୱେଲ, ୫୦ଟି ବାୟୋ-ଟଏଲେଟ୍ ଏବଂ ୨୦ଟି ଜଳ ବିଶୋଧକ ସ୍ଥାପନ କରିଛି।ଏହି ପଦକ୍ଷେପ ବିଷୟରେ ବେଦାନ୍ତ ଆଲୁମିନିୟମର ସିଓଓ ସୁନୀଲ ଗୁପ୍ତା କହିଛନ୍ତି, 'ଅତ୍ୟଧିକ ଗରମ ଗୁରୁତର ଶାରୀରିକ ଅସ୍ୱସ୍ତି ଆଣିପାରେ। ଜିଲ୍ଲା କର୍ତୃପକ୍ଷଙ୍କ ସହଯୋଗରେ ଗ୍ରହଣ କରାଯାଇଥିବା ଆମର ପଦକ୍ଷେପ ଗୁଡ଼ିକ ଗ୍ରୀଷ୍ମ ଋତୁରେ ସମ୍ପ୍ରଦାୟ କଲ୍ୟାଣ ସୁନିଶ୍ଚିତ କରିବା ପାଇଁ ସମସ୍ତ ସମ୍ଭାବ୍ୟ ସହାୟତା ପ୍ରଦାନ କରିବା ଲକ୍ଷ୍ୟରେ ରହିଛି। ଆମର କାର୍ଯ୍ୟ ଏବଂ ସାମାଜିକ ହସ୍ତକ୍ଷେପ ମାଧ୍ୟମରେ ଦୀର୍ଘକାଳୀନ ସକାରାତ୍ମକ ପ୍ରଭାବ ସୃଷ୍ଟି କରିବା ପାଇଁ ଆମେ ଆମର ପ୍ରତିବଦ୍ଧତାରେ ସ୍ଥିର ଅଟୁ। ବେଦାନ୍ତ ଆଲୁମିନିୟମ ଶିକ୍ଷା, ସ୍ୱାସ୍ଥ୍ୟସେବା, ସ୍ଥାୟୀ ଜୀବିକା, ଭିତିଭୂମି ଏବଂ ତୃଣମୂଳ କ୍ରୀଡା ଏବଂ ସଂସ୍କୃତିକୁ ପ୍ରୋତ୍ସାହିତ କରି ସ୍ଥାନୀୟ ସମ୍ପ୍ରଦାୟକୁ ସଶକ୍ତ କରିବା ପାଇଁ ସମର୍ପିତ ରହିଛି। ଏହି ପ୍ରୟାସଗୁଡ଼ିକ ବେଦାନ୍ତ ଆଲୁମିନିୟମର କାର୍ଯ୍ୟକ୍ଷମ କ୍ଷେତ୍ର ମଧ୍ୟରେ ଏବଂ ବାହାରେ ପରିବର୍ତନ ଆଣିବା ପ୍ରତି ପ୍ରତିବଦ୍ଧତାକୁ ରେଖାଙ୍କିତ କରେ, ଓଡ଼ିଶାର ସାମଗ୍ରିକ ଅଭିବୃଦ୍ଧି ଏବଂ ପ୍ରଗତି ପ୍ରତି ସମ୍ପ୍ରଦାୟର ଅବଦାନର ଭାବନାକୁ ପ୍ରୋତ୍ସାହିତ କରେ। ସ୍ଥାନୀୟ କର୍ତୃପକ୍ଷ ଏବଂ ସମ୍ପ୍ରଦାୟ ଅଂଶୀଦାରମାନଙ୍କ ସହିତ ଘନିଷ୍ଠ ଭାବରେ ସହଯୋଗ କରି, କମ୍ପାନୀ ନିଶ୍ଚିତ କରେ ଯେ ଏହାର ହସ୍ତକ୍ଷେପଗୁଡ଼ିକ ଦୃଶ୍ୟ ସାମାଜିକ-ଆର୍ଥିକ ପ୍ରଗତି ଆଡ଼କୁ ନେଇଯିବ। ବେଦାନ୍ତ ଲିମିଟେଡର ଏକ ବ୍ୟବସାୟ, ବେଦାନ୍ତ ଆଲୁମିନିୟମ୍, ଭାରତର ସର୍ବବୃହତ ଆଲୁମିନିୟମ୍ ଉତ୍ପାଦକ, ଯାହା ଆର୍ଥିକ ବର୍ଷ ୨୫ ମସିହାରେ ଭାରତର ଅଧାରୁ ଅଧିକ ଅର୍ଥାତ୍ ୨.୪୨ ନିୟୁତ ଟନ୍ ଆଲୁମିନିୟମ୍ ଉତ୍ପାଦନ କରିଛି। ଏହା ମୂଲ୍ୟଯୁକ୍ତ ଆଲୁମିନିୟମ୍ ଉତ୍ପାଦରେ ଅଗ୍ରଣି ଭାବରେ ଉଭା ହୋଇଛି ଯାହାକି ମୁଖ୍ୟ ଶିଳ୍ପଗୁଡ଼ିକରେ ଗୁରୁତ୍ୱପୂର୍ଣ୍ଣ ପ୍ରୟୋଗ ବ୍ୟବହାର କରିଥାଏ। ଆଲୁମିନିୟମ୍ ଶିଳ୍ପ ପାଇଁ ଏସଏଣ୍ଡପି ଗ୍ଲୋବାଲ୍ କର୍ପୋରେଟ୍ ସଷ୍ଟେନେବିଲିଟି ଆସେସମେଂଟ୍ ୨୦୨୪ ବିଶ୍ୱ ରାଙ୍କିଂରେ ବେଦା' ଆଲୁମିନିୟମ୍ ଦ୍ୱିତୀୟ ସ୍ଥାନରେ ଅଛି, ଯାହା ଏହାର ପ୍ରମୁଖ ସ୍ଥାୟୀ ବିକାଶ ଅଭ୍ୟାସର ପ୍ରତିଫଳନ। ଭାରତରେ ଏହାର ବିଶ୍ୱସ୍ତରୀୟ ଆଲୁମିନିୟମ୍ ସ୍ମେଲ୍ଟର, ଆଲୁମିନା ରିଫାଇନାରୀ ଏବଂ ପାୱାର ପ୍ଲାଂଟ ସହିତ, କମ୍ପାନୀ ଏକ ସବୁଜ ଆସନ୍ତାକାଲି ପାଇଁ 'ଭବିଷ୍ୟତର ଧାତୁ' ଭାବରେ ଆଲୁମିନିୟମର ଉଦୀୟମାନ ପ୍ରୟୋଗଗୁଡ଼ିକୁ ପ୍ରୋତ୍ସାହିତ କରିବାର ଏହାର ଲକ୍ଷ୍ୟ ପୂରଣ କରୁଛି।



## ପହଲଗାମ୍ ଆକ୍ରମଣ ପରେ ଉତ୍ତରାଖଣ୍ଡରେ ସୁରକ୍ଷା କଡ଼ାକଡ଼ି

**ଉତ୍ତରାଖଣ୍ଡ,(ହି.ସ):** ପହଲଗାମ୍‌ଆ ଆତଙ୍କୀ ଆକ୍ରମଣ ପରେ ଏବେ ଉତ୍ତରାଖଣ୍ଡରେ ସୁରକ୍ଷା କଡ଼ାକଡ଼ି କରିଛି ପୋଲିସ। ଭ୍ୟାଲି ଅଫ୍ ଫ୍ଲାୱାର୍ସ ନିକଟସ୍ଥ ଘଙ୍ଗାରିଆଠାରେ ଉତ୍ତରାଖଣ୍ଡ ପୋଲିସ ଏକ ୬ ଜଣିଆ ଆତଙ୍କ ବିରୋଧୀ ଦଳ ମୁତୟନ କରିଛି ଏଥିସହ ଭ୍ୟାଲି ନିକଟରେ ଥିବା ଲୋକପ୍ରିୟ ଶିଖ୍ ତୀର୍ଥସ୍ଥଳ ହେମକୁଣ୍ଡ ସାହିବରେ ପର୍ଯ୍ୟଟକଙ୍କ ଭିଡ଼ ଲାଗୁଥିବାରୁ ଏହି ସ୍ଥାନ ଉପରେ ମଧ୍ୟ ଟିମ୍ ନଜର ରଖିବ। ଏହି ଦୁର୍ଗମ ଅଞ୍ଚଳରେ ପ୍ରଥମ ଥର ପାଇଁ ଆତଙ୍କ ବିରୋଧୀ ଦଳ ମୁତୟନ କରାଯାଇଛି। କହିରଖୁ କି, ଏପ୍ରିଲ୍ ୨୨ରେ ପହଲଗାମ ଆତଙ୍କବାଦୀ ଆକ୍ରମଣରେ ମୋଟ୍ ୨୫ ଜଣ ପର୍ଯ୍ୟଟକ ଓ ଜଣେ ସ୍ଥାନୀୟ ବାସିନ୍ଦା ପ୍ରାଣ ହରାଇଥିଲେ। ଯାହା ପରେ ଜମ୍ମୁକାଶ୍ମୀରରେ ଆତଙ୍କୀବାଦୀ ଗତିବିଧି ଅଧିକ ସକ୍ରିୟ ଥିବା ଜଣାପଡ଼ିଛି। ତେଣୁ ଏଭଳି ନିଷ୍ପତ୍ତି ନିଆଯାଇଥିବା ଚର୍ଚ୍ଚା ହେଉଛି। ଚମୋଲି ଏସ୍ପି ସର୍ବେଶ ପନୱାର ଟାଇମ୍ସ ଅଫ୍ ଇଣ୍ଡିଆକୁ ଦେଇଥିବା ସୂଚନାନୁସାରେ, ଘଙ୍ଗାରିଆରେ ଥିବା ଭ୍ୟାଲି ଅଫ୍ ଫ୍ଲାୱାର୍ସ ଏବଂ ହେମକୁଣ୍ଡ ସାହିବ ପର୍ଯ୍ୟଟକଙ୍କ ଯିବା ଲାଗି ଏକ ପ୍ରମୁଖ ସ୍ଥାନ। ସେଠାରେ ୬ ଜଣିଆ ଏଟିଏସ୍ ଦଳଙ୍କୁ ମୁତୟନ କରାଯାଇଛି। ହେମକୁଣ୍ଡ ସାହିବ ଯାତ୍ରା ଆରମ୍ଭ ହେବାର ଗୋଟିଏ ଦିନ ପୂର୍ବରୁ ଅର୍ଥାତ୍ ମେ ୨୪ ତାରିଖରୁ ଏଟିଏସ୍ ଦଳଙ୍କୁ ସେଠାରେ ମୁତୟନ କରାଯାଇଛି। ପର୍ଯ୍ୟଟକଙ୍କ ଯାତାୟତରେ ସୁଗମ ଏବଂ ନିରାପଦ ପରିଚାଳନା




ସୁନିଶ୍ଚିତ କରିବା ଲାଗି ରାଜ୍ୟ ବିପର୍ଯ୍ୟୟ ପରିଚାଳନା ବାହିନୀ ସହ ମିଳିତ ଭାବେ ଏହି ଦଳ କାର୍ଯ୍ୟ କରିବ। ସୂଚନାନୁଯାୟୀ, ଯଦିଏ ଅଧିକାରୀମାନେ ଚମୋଲି ଜିଲ୍ଲା ସହିତ ଜଡ଼ିତ କୌଣସି ସିଧାସଳଖ ବିପଦ କିମ୍ୱା ଗୁଇନ୍ଦା ସୂଚନା ପାଇନାହାନ୍ତି, ପୋଲିସ ସତର୍କତା ସ୍ୱରୂପ ହିମାଳୟର ପ୍ରମୁଖ ପର୍ଯ୍ୟଟନ ଏବଂ ଧାର୍ମିକ ସ୍ଥଳଗୁଡ଼ିକରେ ସୁରକ୍ଷା ବୃଦ୍ଧି କରିଛି। ଯମୁନୋତ୍ରୀ, ଗଙ୍ଗୋତ୍ରୀ, କେଦାରନାଥ ଏବଂ ବଦ୍ରିନାଥ ଏହି ଚରିଧାମରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଏଠାରେ ବରିଷ୍ଠ ପୋଲିସ ଅଧିକାରୀମାନେ ଭିଡ଼ ନିୟନ୍ତ୍ରଣ, ତୀର୍ଥଯାତ୍ରା ସୁରକ୍ଷା ଏବଂ ଟ୍ରାଫିକ୍ ବ୍ୟବସ୍ଥାର ତଦାରଖ କରୁଛନ୍ତି। କହିରଖୁ କି, ୟୁନେସ୍କୋ ବିଶ୍ୱ ଐତିହ୍ୟସ୍ଥଳୀ ଭାବେ ପରିଗଣିତ ଫ୍ଲାୱାର୍ସ ଭ୍ୟାଲି ଜାତୀୟ ଉଦ୍ୟାନ ପର୍ଯ୍ୟଟକଙ୍କ ପାଇଁ ଜୁନ୍ ୧ରେ ପୁନର୍ବାର ଖୋଲିଛି। ଚମୋଲିରେ ସମୁଦ୍ର ପତ୍ତନଠାରୁ ୯ ହଜାର ଫୁଟ୍ ଉପରେ ଅବସ୍ଥିତ ଏହି ଭ୍ୟାଲି ଜୁନ୍ରୁ ଅକ୍ଟୋବର ପର୍ଯ୍ୟନ୍ତ ଖୋଲା ରହିଥାଏ ଏବଂ ଏହା ଆଲପାଇନ ଉଦ୍ୟାନ ପାଇଁ ବେଶ୍ ଜଣାଶୁଣା। ଉଦଘାଟନୀ ଉତ୍ସବରେ ୮୩ ଜଣ ପର୍ଯ୍ୟଟକ ଏହି ଭ୍ୟାଲି ପରିଦର୍ଶନ କରିଥିଲେ। ୧୯୮୨ ମସିହାରେ ଏହାକୁ ଜାତୀୟ ଉଦ୍ୟାନ ଘୋଷିତ ହୋଇଥିବା ବେଳେ ଏହି ଭ୍ୟାଲି ୬୦୦ରୁ ଅଧିକ ଉଦ୍ଭିଦ ପ୍ରଜାତିରେ ପରିପୂର୍ଣ୍ଣ। ଯେଉଁଥିରେ ଉତ୍ତରାଖଣ୍ଡର ରାଜ୍ୟ ଫୁଲ ଭାବେ ପରିଚିତ ବ୍ରହ୍ମ କମଳ, ଆଷ୍ଟର, ଡେଲଫିନିୟମ୍, ହିମାଳୟାନ୍ ରାନୁନକୁଲ୍ସ ଏବଂ ପେଟୋଣ୍ଟିଲା ଅନ୍ତର୍ଭୁକ୍ତ।

## ଅନ୍ତର୍ଜାତୀୟ ଯୋଗ ଦିବସ ଏକ ବୈଶ୍ୱିକ ଆନ୍ଦୋଳନ: କେନ୍ଦ୍ର ଆୟୁଷ ମନ୍ତ୍ରୀ

**ନୂଆଦିଲ୍ଲୀ, (ହି.ସ):** ଆୟୁଷ ମନ୍ତ୍ରଣାଳୟ ପକ୍ଷରୁ ନୂଆଦିଲ୍ଲୀର ଜାତୀୟ ଗଣମାଧ୍ୟମ କେନ୍ଦ୍ରରେ ୧୧ତମ ଅନ୍ତର୍ଜାତୀୟ ଯୋଗ ଦିବସ ପାଇଁ ଶୁଭ ଉଦଘାଟନର ଆୟୋଜନ କରାଯାଇଥିଲ। ଏହି କାର୍ଯ୍ୟକ୍ରମ ୨୦୨୫ ମସିହାର ମହାନ ସମାରୋହର ଆନୁଷ୍ଠାନିକ ଆରମ୍ଭ। ୨୧ ଜୁନରେ ଆନ୍ଧ୍ରପ୍ରଦେଶର ବିଶାଖାପାଟଣାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଜାତୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। କେନ୍ଦ୍ର ଆୟୁଷ ମନ୍ତ୍ରଣାଳୟର ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ) ଏବଂ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ପ୍ରତାପରାଓ ଯାଧବ ଆୟୁଷ ମନ୍ତ୍ରଣାଳୟର ସଚିବ ବୈଦ୍ୟ ରାଜେଶ କୋଟେଚାଙ୍କ ସହିତ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସମ୍ବୋଧିତ କରିଥିଲେ। ଏହି ଅବସରରେ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ସାମ୍ବାଦିକ ସମ୍ମିଳନୀରେ ଆୟୁଷ ମନ୍ତ୍ରୀ ଶ୍ରୀ ପ୍ରତାପରାଓ ଯାଧବ ଗତ ଦଶନ୍ଧି ଧରି ଅନ୍ତର୍ଜାତୀୟ ଯୋଗ ଦିବସ ର ଉଲ୍ଲେଖନୀୟ ଯାତ୍ରା ଉପରେ ଆଲୋକପାତ କରିଥିଲେ। ''ଯେତେବେଳେ ମିଳିତ ଜାତିସଂଘ ସାଧାରଣ ସଭା ୨୦୧୪ ମସିହାରେ ଜୁନ ମାସ ୨୧ ତାରିଖକୁ ଅନ୍ତର୍ଜାତୀୟ ଯୋଗ ଦିବସ ଭାବରେ ଗ୍ରହଣ କରିଥିଲା - ଆମର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ଆହ୍ୱାନ ପରେ - ଏହା ଭାରତର ପାରମ୍ପରିକ ଜ୍ଞାନରେ ମୂଳ ଏକ ବିଶ୍ୱବ୍ୟାପୀ ସୁସ୍ଥତା ଆନ୍ଦୋଳନର ଆରମ୍ଭ ଥିଲା'' ବୋଲି ମନ୍ତ୍ରୀ କହିଥିଲେ। ମନ୍ତ୍ରୀ ସ୍ମରଣ କରାଇଦେଲେ ଯେ ୨୦୧୫ ମସିହାରୁ, ସମଗ୍ର ବିଶ୍ୱରେ ଅନ୍ତର୍ଜାତୀୟ ଯୋଗ ଦିବସ ଅସାଧାରଣ ଉତ୍ସାହର ସହିତ ପାଳନ କରାଯାଉଛି। 'ନୂଆଦିଲ୍ଲୀରେ ରେକର୍ଡ ସ୍ଥାପନକାରୀ ପ୍ରଥମ କାର୍ଯ୍ୟକ୍ରମଠାରୁ ଆରମ୍ଭ କରି ମହୀଶୂର, ନ୍ୟୁୟର୍କ ଏବଂ ଶ୍ରୀନଗରରେ ଐତିହାସିକ ଉତ୍ସବ ପର୍ଯ୍ୟନ୍ତ, ଅନ୍ତର୍ଜାତୀୟ ଯୋଗ ଦିବସର ପ୍ରତ୍ୟେକ ସଂସ୍କରଣ ସ୍ୱାସ୍ଥ୍ୟ, ସଦ୍ଭାବ ଏବଂ ଶାନ୍ତିର ମିଳିତ ଉଦ୍ଦେଶ୍ୟରେ ବିଭିନ୍ନ ସଂସ୍କୃତିର ଲୋକଙ୍କୁ ଏକତ୍ରିତ କରିଛି,' ବୋଲି ସେ ଉଲ୍ଲେଖ କରିଥିଲେ।

# ଭୁବନେଶ୍ୱର-ଆବୁଧାବିକୁ ଡାଇରେକ୍ଟ ଫ୍ଲାଇଟ୍, ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, (ହି.ସ): ଓଡ଼ିଶା ବିମାନ ଯାତ୍ରାରେ ଯୋଡ଼ି ହେଲା ଆଉ ଏକ ଅଧ୍ୟାୟ। ଭୁବନେଶ୍ୱର ବିମାନବନ୍ଦରରୁ ସିଧା ୟୁନାଇଟେଡ୍ ଆରବ ଏମିରେଟ୍ସ (ୟୁଏଇ)ର ରାଜଧାନୀ ଆବୁଧାବିକୁ ବିମାନ ଉଡ଼ିଲା ବିମାନ। ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନବନ୍ଦରରେ ପତାକା ଦେଖାଇ ଭୁବନେଶ୍ୱର- ଆବୁଧାବି ସିଧା ବିମାନସେବାର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ରାଜ୍ୟରେ ବିଜେପି ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ଏହି ବିମାନଯାତ୍ରାର ଶୁଭାରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ମାର୍ଗଦର୍ଶନରେ ନୂଆ ଡେଷ୍ଟିନେସନ୍ ପଲିସି (ଏନଡିପି) ୨୦୨୪ ଆଧାରରେ ରାଜ୍ୟର ପର୍ଯ୍ୟଟନ ଓ ବ୍ୟବସାୟ ଉନ୍ନତିକରଣକୁ ଗୁରୁତ୍ୱ ଦିଆଯାଉଛି। ଏହି ନୂଆ ଉଡ଼ାଣ ଦ୍ୱାରା ଅର୍ଥନୈତିକ ବିକାଶ ହେବା ସହ ସଂସ୍କୃତିର ଆଦାନପ୍ରଦାନ ବଢ଼ିବ। ବିକଶିତ ଓଡ଼ିଶା ଅଭିଯାନରେ ରାଜ୍ୟ ଆଉ ପାଦେ ଆଗେଇବ ବୋଲି ସରକାର ସୂଚାଇଛନ୍ତି। ସୂଚନାଯୋଗ୍ୟ ଯେ, ସପ୍ତାହରେ ପ୍ରତ୍ୟେକ ମଙ୍ଗଳବାର, ଗୁରୁବାର ଓ ଶନିବାର ଏହି ବିମାନସେବା ଉପଲବ୍ଧ ହେବ। ୧୮୦ ଜଣ ଯାତ୍ରୀ ଏଥିରେ ଯାତ୍ରା କରିପାରିବେ। ଭୁବନେଶ୍ୱରରୁ ମାତ୍ର ୪ ଘଣ୍ଟା ମଧ୍ୟରେ ଯାତ୍ରୀମାନେ ଆବୁଧାବିରେ ପହଞ୍ଚିବେ। ଏହି ବିମାନ ଚଳାଚଳ ଆରମ୍ଭ ଦ୍ୱାରା ଓଡିଶାରୁ ଆବୁଧାବି ଯାଉଥିବା ଯାତ୍ରୀମାନେ, ଉଭୟ ସମୟ ଓ ଆର୍ଥିକ ଦୃଷ୍ଟିରୁ ଲାଭବାନ ହେବେ। ଏଥିସହିତ ଗୁରୁବାର ଭୁବନେଶ୍ୱରରୁ ବିଶାଖାପାଟଣାକୁ ମଧ୍ୟ ବିମାନସେବା ଆରମ୍ଭ ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କେତେକ ଯାତ୍ରୀଙ୍କୁ ବୋର୍ଡିଙ୍ଗ୍ ପାସ୍ ପ୍ରଦାନ କରିଥିଲେ। ଅନ୍ତର୍ଜାତୀୟ ବିମାନସେବା ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ମାର୍ଗଦର୍ଶନ ଓ କେନ୍ଦ୍ର ସରକାରଙ୍କ ସମର୍ଥନରେ ରାଜ୍ୟ ସରକାରଙ୍କ ନୂଆ ଡେଷ୍ଟିନେସନ୍ ପଲିସି (ଏନଡିପି) ଅଧିନରେ ଏହି ସେବା ଆରମ୍ଭ କରାଯାଇଛି। ଏହି ସେବା ଦ୍ୱାରା ମିଡିଲ୍ ଇଷ୍ଟ୍ ଦେଶଗୁଡିକ ସହିତ ଓଡିଶାର ଯୋଗାଯୋଗ ଆହୁରି ବ୍ୟାପକ ହେବ। ବାଣିଜ୍ୟ, ପର୍ଯ୍ୟଟନ, ପୁଞ୍ଜିନିବେଶ ଓ ସାଂସ୍କୃତିକ ବିନିମୟ କ୍ଷେତ୍ରରେ ମଧ୍ୟ ଆମର ସମ୍ପର୍କ ଆହୁରି ସୁଦୃଢ଼ ହେବ। ଏହି ବିମାନର କାର୍ଗୋ ସେବାରେ ଆଜି ବିଭିନ୍ନ ପନିପରିବା ସହିତ ୫୦ଟନ ଆମ୍ରପଲ୍ଲି ଆମ୍ବ ରପ୍ତାନୀ କରାଯାଇଛି। ସେ ପୁଣି କହିଥିଲେ ଆମ ସରକାର ସଡ଼କ ପଥ ଓ ରେଳ ପଥ ସହିତ ଆକାଶ ପଥରେ ମଧ୍ୟ ଯୋଗାଯୋଗ ପାଇଁ ପଦକ୍ଷେପ ନେଇଛନ୍ତି। ଓଡଶାକୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଯୋଡିବା ପାଇଁ ଉଦ୍ୟମ ଜାରି ରହିଛି। ଭୁବନେଶ୍ୱରରୁ ଡେରାଡୁନ, ଗାଜିଆବାଦ, ଗୋଆ, ଇନ୍ଦୋର, କୋଚି, ଲକ୍ଷ୍ନୌ ଓ ପୋର୍ଟବ୍ଲେୟାରକୁ ବିମାନ ସେବା ଆରମ୍ଭ ହୋଇଥିବା ବେଳେ, ଝାରସୁଗୁଡାରୁ ହାଇଦ୍ରାବାଦ, ଲକ୍ଷ୍ନୌ, ମୁମ୍ବାଇ ଓ ରାୟପୁରକୁ ମଧ୍ୟ ବିମାନ ସଂଯୋଗ କରାଯାଇଛି।

# ନିଶା ନିବାରଣ ପାଇଁ ଓଡ଼ିଶା ସରକାର ଗୁଜରାଟ ମଡେଲ ଆପଣାନ୍ତୁ

ଭୁବନେଶ୍ୱର, (ଡିକେ ନ୍ୟୁଜ୍): ନିଜ ନିର୍ବାଚନ ପ୍ରତିଶ୍ରୁତିର ପ୍ରତିପାଳନ କରି ଓଡ଼ିଶାକୁ ନିଶାମୁକ୍ତ ରାଜ୍ୟ ଭାବେ ଘୋଷଣା କରିବା ପାଇଁ ନୂଆ ଅବକାରୀ ନୀତିରେ ଗୁଜରାଟ ମଡେଲକୁ ଆପଣାଇବା ଲାଗି ନିଶା ମୁକ୍ତି ଆନ୍ଦୋଳନ ସହ ପ୍ରାୟ ୪୦ବର୍ଷ ଧରି ଜଡ଼ିତ ଥିବା ଅନ୍ୟତମ ଗାନ୍ଧୀବାଦୀ ଚିନ୍ତକ ପ୍ରହଲ୍ଲାଦ କୁମାର ସିଂହ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତ୍ୱରିତ ପଦକ୍ଷେପ ନେବାକୁ ସେ କହିଛନ୍ତି। ଓଡ଼ିଶାରେ ବିଜେପି ସରକାରର ବର୍ଷ ପୂର୍ତ୍ତି ଅବସରରେ ମୁଖ୍ୟମନ୍ତ୍ରୀ ଓ ତାଙ୍କ ମନ୍ତ୍ରିମଣ୍ଡଳର ସଦସ୍ୟମାନଙ୍କୁ ଅଭିନନ୍ଦନ ଜଣାଇ ସେ ମନେ ପକାଇ ଦେଇଛନ୍ତି ଯେ ୨୦୨୪ ନିର୍ବାଚନ ସମୟରେ ଓଡ଼ିଶା ଶାଖା ବିଜେପି ପକ୍ଷରୁ ଯେଉଁ ସଂକଳ୍ପ ପତ୍ର ଓ ମୋଦି ଗ୍ୟାରେଣ୍ଟି ଜାରି କରାଯାଇଥିଲା ସେଥିରେ ଓଡ଼ିଶାକୁ ନିଶାମୁକ୍ତ କରିବା ପାଇଁ ବଡ଼ ଘୋଷଣା ରହିଥିଲା। ଗତ ନିର୍ବାଚନରେ ଖୋଦ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶାରେ ନିର୍ବାଚନ ପ୍ରଚାରର ମଙ୍ଗ ଧରିଥିଲେ। ଶ୍ରୀ ମୋଦି ଗୁଜରାଟର ମୁଖ୍ୟମନ୍ତ୍ରୀ ଥିବାବେଳେ ସେଠାରେ ଜାରି ଥିବା ନିଶା ନିବାରଣ ବ୍ୟବସ୍ଥାକୁ କଡ଼ାକଡ଼ି କରିଥିଲେ। ତାଙ୍କ ସହଯୋଗୀ ତଥା ବର୍ତ୍ତମାନର କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ଗୁଜରାଟ ସରକାରକୁ ମଧ୍ୟ ଚୋରା ନିଶା ଦମନ ପାଇଁ ନୂଆ ଦିଶା ଦେଖାଇଥିଲେ। କେନ୍ଦ୍ର ସରକାର ନିଶାମୁକ୍ତ ଭାରତ ଅଭିଯାନ ଓଡ଼ିଶାର ୩୦ଟି ଯାକ ଜିଲ୍ଲାରେ ଚଳାଇଛନ୍ତି ଏବଂ ଏଥିଲାଗି ମଧ୍ୟ ପ୍ରଚୁର ଅର୍ଥ ଦେଉଛନ୍ତି। ଅଥଚ ଓଡ଼ିଶା ନିଶାମୁକ୍ତ ହେବା ପରିବର୍ତ୍ତେ ଏଠାରେ ମଦ, ଗଞ୍ଜେଇ, ବ୍ରାଉନସୁଗାର ଆଦି ବିଭିନ୍ନ କିସମର ନିଶାର ପ୍ରସାର ଘଟି ଚାଲିଛି। ଏଥିଯୋଗୁ ଅନେକ ମହିଳାଙ୍କ ସିନ୍ଥିରୁ ସିନ୍ଦୁର ଲିଭୁଥିବାବେଳେ ବହୁ ପିଲା ବାପା-ମା' ଛେଉଣ୍ଡ ହେଉଛନ୍ତି, ନାରୀ ଓ ଶିଶୁ ନିର୍ଯାତନା ବଢୁଛି, ବଳାତ୍କାର ସମେତ ବିଭିନ୍ନ କିସମର ଅପରାଧ ଲାଗି ରହୁଛି, ରୋଗ, ଦୁର୍ଘଟଣା, ଆତ୍ମହତ୍ୟା, ବେକାରୀ, ବେରୋଜଗାରୀ ଆଦି ମଧ୍ୟ ବଢୁଛି। ଓଡ଼ିଶା ସରକାର ଯେତେ ପରିମାଣର ଅବକାରୀ ରାଜସ୍ୱ ପାଉଛନ୍ତି ତାହା ତୁଳନାରେ ବ୍ୟକ୍ତି, ପରିବାର, ସମାଜ, ରାଜ୍ୟ ଓ ରାଷ୍ଟ୍ରର କ୍ଷତି ୧୦୦ ଗୁଣରୁ ଅଧିକ। କେବଳ ସେତିକି ନୁହେଁ, ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବହୁ ଯୋଜନା ମଧ୍ୟ ନିଶା ପ୍ରସାର ଯୋଗୁ ବାଟବଣା ହେଉଛି। ଓଡ଼ିଶା ରାଜ୍ୟ ଯୁବନୀତିରେ ନିଶାର ଭୟାବହତା ସଂପର୍କରେ ଉଲ୍ଲେଖ କରାଯାଇ ଆଲକହଲ ମୁକ୍ତ ଗ୍ରାମ ପ୍ରତିଷ୍ଠା କଥା କୁହାଯାଇଛି। ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୀତ ଓଡ଼ିଶା ନିଶା ନିବାରଣ ଆଇନ୍‌କୁ ଲାଗୁ କରାଯାଉନାହିଁ। ଏହାଛଡ଼ା ପ୍ରଚଳିତ ଅବକାରୀ ଆଇନ୍‌ର ୯୩ ଧାରାରେ ନିଶା ନିବାରଣ କଥା ଉଲ୍ଲେଖ ଥିଲେ ବି ବର୍ଷବର୍ଷ ଧରି ସରକାର ନିଜ ଆଇନ୍‌ର ନିଜେ ଅନୁପାଳନ କରୁନଥିବା କଥା ଶ୍ରୀ ସିଂହ ଦର୍ଶାଇଛନ୍ତି। ଗତ ନିର୍ବାଚନଠାରୁ ଏ ଯାବତ୍ ସରକାର ଚଳାଉଥିବା ବ୍ୟକ୍ତି ବିଶେଷ ଗୁଜରାଟ ମଡେଲ୍ କଥା କହୁଛନ୍ତି ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଯଶଖ୍ୟାତି ବଖାଣୁଛନ୍ତି। ଏ ପରିପ୍ରେକ୍ଷୀରେ ଗୁଜରାଟରେ ଯେଉଳି ସଂପୂର୍ଣ୍ଣ ନିଶା ନିବାରଣ ବ୍ୟବସ୍ଥା ଲାଗୁ କରାଯାଇଛି ସେହି ମଡେଲ୍‌କୁ ଓଡ଼ିଶା ସରକାର ବିକଶିତ କରି ଆମ ରାଜ୍ୟକୁ ନିଶାମୁକ୍ତ କରିବା ସହ କେବଳ ପ୍ରଧାନମନ୍ତ୍ରୀଙ୍କ ନାମ ନନେଇ ସେ ଯେଉଁ ନିଶାମୁକ୍ତି କାମ ଗୁଜରାଟରେ ବ୍ୟାପକ କରିଥିଲେ ତାହାକୁ ଓଡ଼ିଶାରେ ମଧ୍ୟ ସୀମିତ ସମୟ ମଧ୍ୟରେ ଲାଗୁ କରିବା ପାଇଁ ସେ ନିବେଦନ କରିଛନ୍ତି।

# ଆମ ସରକାର ହେଉଛି ଲୋକଙ୍କ ସରକାର: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ହି.ସ): ରାଜ୍ୟରେ ବିଜେପି ସରକାରର ଏକବର୍ଷ ପୂର୍ତ୍ତି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ, ଆମ ସରକାର ହେଉଛି ଲୋକଙ୍କ ସରକାର । ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆଜିକୁ ବର୍ଷେ ତଳେ ମହାପ୍ରଭୁ ଜଗନ୍ନାଥଙ୍କ କୃପାରୁ ଏବଂ ଆପଣଙ୍କ ବିଶ୍ୱାସ ଓ ସମର୍ଥନ ସହ ଆମେ ସରକାର ଗଢ଼ିଲୁ। ଆମର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପଥପ୍ରଦର୍ଶନ ସହ, ମୁଁ ଆମ ମହାନ ଓଡ଼ିଶା ମାଟିର ମୁଖ୍ୟମନ୍ତ୍ରୀ ପଦର ଶପଥ ଗ୍ରହଣ କରିଥିଲି। ଲୋକଙ୍କ ସେବା କରିବା ମୋର ଏକମାତ୍ର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ। କଲେଜରେ ପଢୁଥିବା ବେଳେ ରାଷ୍ଟ୍ରସେବା ଓ ଜନସେବା ମନୋବୃତ୍ତି ରଖି ସ୍ୱୟଂସେବକ, ଶିକ୍ଷକ, ସରପଞ୍ଚ, ବିଧାୟକ ଓ ଆଜି ମୁଖ୍ୟମନ୍ତ୍ରୀ ଭାବେ ଆପଣମାନଙ୍କ ସମସ୍ୟା ସମାଧାନ ପାଇଁ ନିରନ୍ତର ଲଢ଼ିଛି ଆଉ ଲଢୁଛି ମଧ୍ୟ। ସରକାର ଗଠନର ବର୍ଷେ ଭିତରେ ଅନେକ ଉପଲବ୍ଧି ହାସଲ କରିଛୁ, କିନ୍ତୁ ଜଣେ ତୃଣମୂଳ ସ୍ତରରେ କାମ କରୁଥିବା ସାଧାରଣ ପରିବାରର ପିଲାଟିଏ ମଧ୍ୟ ଦିନେ ମୁଖ୍ୟମନ୍ତ୍ରୀ ହୋଇପାରିବ, ଏଇ ଆଶା ହିଁ ସବୁଠୁ ବଡ଼ ଉପଲବ୍ଧି ଆମ ପାଇଁ। ମୁଁ ମୁଖ୍ୟମନ୍ତ୍ରୀ ହେବା ପରେ ପ୍ରଥମେ କହିଥିଲି ଆମ ସରକାର ହେଉଛି ଲୋକଙ୍କ ସରକାର । ସେଇଥିପାଇଁ ମୁଁ ସବୁବେଳେ ଆପଣ ମାନଙ୍କ ନିକଟକୁ ଯିବାକୁ, ଆପଣମାନଙ୍କ ସହ ମିଶି ଆପଣଙ୍କ ସମସ୍ୟାକୁ ତୃଣମୂଳ ସ୍ତରରେ ହିଁ ବୁଝି ତା'ର ସମାଧାନ କରିବାକୁ ଚେଷ୍ଟା କରୁଛି ।

# ୩ ଦିନିଆ ରଜ ଉତ୍ସବ ପାଳିବ ବିଶ୍ୱ ଓଡ଼ିଶା ପରିବାର

ଭୁବନେଶ୍ୱର, (ହି.ସ): ଏ ବର୍ଷର ରଜ ଉତ୍ସବକୁ ବିଶ୍ୱ ଓଡ଼ିଶା ପରିବାରର ଏକ ନିଆରା, ଭବ୍ୟ ଓ ପାରମ୍ପରିକ ଢଙ୍ଗରେ ପାଳନ କରିବ। ଏହି ଉତ୍ସବ ଭୁବନେଶ୍ୱରସ୍ଥିତ ରାଜ୍ୟ ସଂଗ୍ରହାଳୟଠାରେ ୧୪ ତାରିଖ ଠାରୁ ତିନି ଦିନ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ପାଳନ କରାଯିବ। ଉତ୍ସବରରେଏହି ସାଂସ୍କୃତିକ କର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଏହି ଅବସରରରେ ଏକ ବୈଠକ ଅନୁଷ୍ଠାନର ସଭାପତି ସଜ୍ଜନ ଶର୍ମାଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱର ଠାରେ ଅନୁଷ୍ଠିତ ହୋଇଥିଲା । ତିନି ଦିନ ଧରି ଅନୁଷ୍ଠିତ ହେବାକୁ ଥିବା କାର୍ଯ୍ୟକ୍ରମରରେ, ଦୋଳିଝୁଲା ଉଦ୍‌ଘାଟନ ପିଠା ଓ ମିଠା ପରିବେଷଣ, ବିଭିନ୍ନ କ୍ଷେତ୍ରରେ ପାରିଦର୍ଶିତା ଲାଭ କରିଥିବା ମହିଳାମାନଙ୍କୁ ସମ୍ମାନିତ କରିବାଚିତ୍ରକଳା ପ୍ରତିଯୋଗିତା (ବିଷୟ- ମାଆ ଓ ମାଟିର ସମ୍ପର୍କରେ)ପୁଚି, ହୁଳହୁଳି, ରଜ ସ୍ଲୋଗାନ ଆବୃତ୍ତି ପ୍ରତିଯୋଗିତା କବି ସମ୍ମିଳନୀ ମହିଳାମାନଙ୍କ ସମସ୍ୟା ଓ ସମାଧାନ ଉପରେ କର୍ମଶାଳା ଝୋଟି ଚିତା, ରଙ୍ଗୋଲି ପ୍ରତିଯୋଗିତା, ଶାଢୀ ଭାଙ୍ଗିବା ମାଟିର ମୂର୍ତ୍ତି ନିର୍ମାଣ ମାଟି ମାଆ ଉପରେ ଆଧ୍ୟାତ୍ମିକ ନାଟକପ୍ରକୃତି, ମାତୃଶକ୍ତି ଓ ବିଶ୍ୱଶାନ୍ତି ହବନ ଶୁଦ୍ଧ ଗୋଘୃତ ଦ୍ୱାରା ପରିବେଶ ବିଶୁଦ୍ଧିକରଣ ପ୍ରକୃତି, ପରିବେଶ, ଜଳ ସଂରକ୍ଷଣ,ମୃତିକା ସଂରକ୍ଷଣ ସମ୍ବନ୍ଧରେ କର୍ମଶାଳା କାର୍ଯ୍ୟକ୍ରମ, ଦୁଇଦିନ ଧରି କର୍ମଶାଳାରେ ଭାଗ ନେଇଥିବା ସଦସ୍ୟଙ୍କୁ ସମ୍ମାନିତ କରିବା ପ୍ରତିଷ୍ଠିତ ଓ ଆଦିବାସୀ ମହିଳାମାନଙ୍କୁ ସମ୍ମାନିତ କରାଯିବ। ଅନୁଷ୍ଠିତ ହେବାକୁ କାର୍ଯ୍ୟକ୍ରମରରେ ରାଜ୍ୟପାଳ, ମୁଖମନ୍ତ୍ରୀ, ମନ୍ତ୍ରୀ, ବିଧାୟକ, ସାଂସଦ, ପ୍ରଶାସନିକ ଅଧିକାରୀ, କଳାକାର, ବିଶିଷ୍ଟ ବ୍ୟକ୍ତି ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି।

## କଟକରେ ପ୍ରାଦେଶିକ ପ୍ରଧାନାଚାର୍ଯ୍ୟ ସମ୍ମିଳନୀର ସମାପନ ଉତ୍ସବରେ କେନ୍ଦ୍ରମନ୍ତ୍ରୀ

# ଓଡ଼ିଶାର ପୁନଃନିର୍ମାଣରେ ସରସ୍ୱତୀ ବିଦ୍ୟାମନ୍ଦିରର ରହିବ ବଡ଼ ଯୋଗଦାନ: ଧର୍ମେନ୍ଦ୍ର ପ୍ରଧାନ




କଟକ/ଭୁବନେଶ୍ୱର, (ପିଆଇବି): ଓଡ଼ିଶାର ପୁନଃନିର୍ମାଣରେ ସରସ୍ୱତୀ ବିଦ୍ୟା ମନ୍ଦିରର ବଡ଼ ଯୋଗଦାନ ରହିବ । ଏଥିପାଇଁ ସବୁ ପଞ୍ଚାୟତରେ ଏଭଳି ଦେବାଳୟ ସଦୃଶ ଅନୁଷ୍ଠାନ ତିଆରି ହେବାର ଆବଶ୍ୟକତା ରହିଛି ବୋଲି ଗୁରୁବାର କଟକ ଜିଲ୍ଲା ଗତିରାଉତପାଟଣା ସ୍ଥିତ ସରସ୍ୱତୀ ବିଦ୍ୟା ମନ୍ଦିରରେ ବିଦ୍ୟା ଭାରତୀ ଓ ଶିକ୍ଷା ବିକାଶ ସମିତି ଦ୍ୱାରା ଆୟୋଜିତ "ପ୍ରାଦେଶିକ ପ୍ରଧାନାଚାର୍ଯ୍ୟ ସମ୍ମିଳନୀ"ର ସମାପନ ଉତ୍ସବରେ ଯୋଗ ଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ପ୍ରଥମେ ଆମ ଦେଶକୁ ସ୍ୱାଧୀନତା ଦେବା ପାଇଁ ଅନେକ ମହାପୁରୁଷ ସଂଗ୍ରାମ କରିବା ସହ ବଳିଦାନ ଦେଇଥିଲେ । ପରେ ସମାଜକୁ ନିରନ୍ତର ସ୍ୱତନ୍ତ୍ରତା ରଖିବା ପାଇଁ ହେଲେ ଉତମ ବ୍ୟକ୍ତି ତିଆରି କରିବା ପାଇଁ ଆମର ମହାପୁରୁଷମାନେ ଚିନ୍ତା କରିଥିଲେ। ଏହି ଲକ୍ଷ୍ୟରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ବିଗତ ଶହେ ବର୍ଷ ଧରି ରାଷ୍ଟ୍ର କଲ୍ୟାଣରେ ବ୍ରତୀ ରହୁଥିବା ବ୍ୟକ୍ତି ନିର୍ମାଣରେ ଲାଗିଛି । ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ବିଚାର ଫଳରେ ବିଦ୍ୟା ଭାରତୀ ଏକ ସଫଳ ଅନୁଷ୍ଠାନ ଭାବେ ଦଣ୍ଡାୟମାନ ହୋଇଛି। ଗୋଟିଏ ସଂଗଠନରେ ଉଦ୍ଦେଶ୍ୟ, ବିଚାର ଓ ସ୍ୱଷ୍ଟତା ଥିଲେ ହିଁ ସାଧିତ ଲକ୍ଷ୍ୟ ପୂରଣ ହୋଇପାରିବ। ସେହି ପରିପ୍ରେକ୍ଷୀରେ ପ୍ରାୟ ୭୫ ବର୍ଷ ଧରି ରାଷ୍ଟ୍ରୀୟ ସ୍ତରରେ ବିଦ୍ୟା ଭାରତୀ ଏବଂ ପାଖାପାଖି ୫୦ ବର୍ଷ ଧରି ଶିକ୍ଷା ବିକାଶ ସମିତି ଓଡ଼ିଶା ସ୍ତରରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବିକାଶ ପାଇଁ କାମ କରୁଛି। ଏହି ଅନୁଷ୍ଠାନରେ ଥିବା ପ୍ରଧାନ ଆଚାର୍ଯ୍ୟଙ୍କ ବିଚାର ଓ ସଂସ୍କୃତି କାରଣରୁ ଶିଶୁ ବିଦ୍ୟା ମନ୍ଦିର ଶିକ୍ଷା ରୂପକ ଦେବାଳୟ ସଦୃଶ ହୋଇଛି। ଜାତୀୟ ଶିକ୍ଷାନୀତି-୨୦୨୦ ଅନୁଯାୟୀ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଗୁଡ଼ିକରେ ଶିକ୍ଷା ପଦ୍ଧତିର ମାନ ବୃଦ୍ଧି କରିବା ଦିଗରେ ଆଜିର ସମ୍ମିଳନୀ ସ୍ୱାଗତଯୋଗ୍ୟ । ଶ୍ରୀ ପ୍ରଧାନ କହିଛନ୍ତି ଯେ ଶିଶୁ ମନ୍ଦିର ଓଡ଼ିଶା ଶିକ୍ଷା ବିଭାଗର ସ୍ପନ୍ଦନ ସଦୃଶ । ଭାରତୀୟ ପଦ୍ଧତି ଓ ମୂଲ୍ୟବୋଧ ଆଧାରିତ ଶିକ୍ଷା, ଗୁଣାତ୍ମକ ଶିକ୍ଷା ଏବଂ ସାଧାରଣ ଲୋକଙ୍କ ପାଇଁ ଶିକ୍ଷା ପ୍ରଦାନ ସହ ଏକ ନୂଆ ପିଢ଼ି ଗଢ଼ିବାରେ ବିଦ୍ୟା ଭାରତୀ ଓ ଶିକ୍ଷା ବିକାଶ ସମିତି ଦ୍ୱାରା ପରିଚାଳିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଭୂମିକା ଅତୁଳନୀୟ । ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରଛାତ୍ରୀମାନେ ଦଶମ ବୋର୍ଡ଼ ପରୀକ୍ଷା ସହ ବିଭିନ୍ନ ବୃତି ଓ ମେଧା ପରୀକ୍ଷାରେ ସଫଳତା ଅର୍ଜନ କରୁଛନ୍ତି, ଯାହା ପ୍ରଶଂସନୀୟ। ସେହିପରି ଓଡ଼ିଶାରେ ବିଦ୍ୟାଭାରତୀ ପରିବର୍ତନର ସୂତ୍ରଧର ହେବାର କ୍ଷମତା ରଖୁଛି । ପରିବର୍ତନ ଗୋଟିଏ ଛୋଟ ଅନୁଷ୍ଠାନରୁ ଆରମ୍ଭ ହୁଏ। ଭାରତୀୟ ଛାତ୍ରଛାତ୍ରୀଙ୍କୁ ସଂସ୍କାରୀ, ସ୍ୱାଭିମାନୀ ବନାଇବାରେ ସରସ୍ୱତୀ ବିଦ୍ୟାମନ୍ଦିର ମାଇକ୍ରୋ ସ୍କୋପ ଭାବେ ଉଭା ହେବ ବୋଲି ସେ ମତପ୍ରକାଶ କରିଛନ୍ତି। ଶ୍ରୀ ପ୍ରଧାନ ଆହୁରି କହିଛନ୍ତି ଯେ ଟି.ବି.ମାକାଉଲେ ଭାରତରେ ଯେଉଁ ଶିକ୍ଷା ନୀତି ପ୍ରସ୍ତୁତ କରିଥିଲେ ତାହା କେବଳ ଭାରତକୁ ନୀଚ୍ଚ କରିବାର ଏକ ପ୍ରକ୍ରିୟା ଥିଲା। ଭାରତକୁ ଅନେକ ସମୟ ପରାଧୀନତା ରଖିବା ପାଇଁ ସେ ତାଙ୍କ ଦ୍ୱାରା ଏକ ଶିକ୍ଷା ନୀତି ପ୍ରଚଳନ କରିଥିଲେ। ଏହି ଶିକ୍ଷା ନୀତିର ବିକଳ୍ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ନୂଆ ରାଷ୍ଟ୍ରୀୟ ଶିକ୍ଷା ନୀତି ଆସିଛି, ଯେଉଁ ନୂଆ ଶିକ୍ଷା ନୀତିର ଉଦ୍ଦେଶ୍ୟ ରହିଛି, ମାକାଉଲେଙ୍କ ପରାଧୀନ ମାନସିକତାକୁ ବଦଳାଇ ଭାରତର ସ୍ୱାଧୀନ ମାନସିକତାକୁ ବିକଶିତ କରିବା । ଜାତୀୟ ଶିକ୍ଷା ନୀତି ବିଦ୍ୟା ଭାରତୀକୁ ଅନୁସରଣ କରିଛି । ଚଳିତ ଶିକ୍ଷା ବର୍ଷ ଓଡ଼ିଶା ସରକାର ଜାତୀୟ ଶିକ୍ଷା ନୀତିକୁ କାର୍ଯ୍ୟକାରୀ କରିଛନ୍ତି । ସରସ୍ୱତୀ ବିଦ୍ୟା ମନ୍ଦିରରେ ଗୁଣାତ୍ମକ ଶିକ୍ଷା ସମେତ ବିଭିନ୍ନ ସାମାଜିକ ଶିକ୍ଷା ମଧ୍ୟ ଦିଆଯାଏ । ଏହି ଅନୁଷ୍ଠାନରେ ମୂଳତଃ ଇଂରାଜୀ, ହିନ୍ଦୀ, ମାତୃଭାଷା, ସଂସ୍କୃତ ଚାରୋଟି ଭାଷାରେ ଶିକ୍ଷା ପ୍ରଦାନ କରାଯାଉଛି । ତେବେ ରାଜ୍ୟର ଉପାନ୍ତ ଅଞ୍ଚଳରେ ସ୍ଥାନୀୟ ଭାଷାରେ ଶିକ୍ଷା ଦେଲେ ହିଁ ପିଲାମାନେ ଆଗକୁ ବଢ଼ିବେ । କାରଣ, ମାତୃଭାଷାରେ ପାଠ ପଢ଼ିଲେ ହିଁ ଛାତ୍ରଛାତ୍ରୀଙ୍କର ବୌଦ୍ଧିକ ବିକାଶ, କ୍ରିଟିକାଲ ଥିଙ୍କିଂ ତଥା ଅନୁସନ୍ଧାନ କରିବାର କ୍ଷମତା ବୃଦ୍ଧି ହୋଇଥାଏ । ଆଗାମୀ ଦିନରେ ସବୁ ଭାରତୀୟ ଭାଷାରେ ପାଠପଢା ହେବ । ଶିକ୍ଷା ବ୍ୟବସ୍ଥାକୁ ମାତୃଭାଷା ଆଧାରିତ କରିବା ପାଇଁ ମୋଦୀ ସରକାର ବଦ୍ଧପରିକର । ଏହାବ୍ୟତୀତ ରାଷ୍ଟ୍ରୀୟ ଶିକ୍ଷା ନୀତିର ପରାମର୍ଶ ଅନୁସାରେ ସ୍କୁଲ ଆସୁଥିବା ପିଲାଙ୍କୁ ଅନ୍ୟୁନ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପଢାଇବା ସହ ସେମାନଙ୍କ ଦକ୍ଷତା ବିକାଶ କରିବା ପାଇଁ ସରକାର ବ୍ୟବସ୍ଥା କରୁଥିବା କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଛନ୍ତି । ଶ୍ରୀ ପ୍ରଧାନ ଆଗାମୀ ଦିନରେ ଚାଟ୍ ଜିପିଟି, ଏଆଇ ଉପରେ ଆଲୋକପାତ କରିବା ସହ ଜ୍ଞାନ ବିକାଶକୁ ଏଆଇ ସହ ଯୋଡିବା ଉପରେ ଆଲୋକପାତ କରିଥିଲେ । ସେ କହିଥିଲେ ଆଜି ଦିନରେ ଏଆଇ ଭଳି ଟୁଲ୍ସ ବେଶ ପ୍ରଭାବଶାଳୀ ହୋଇଛି । ଭାରତର ଛାତ୍ରଛାତ୍ରୀ ଏବଂ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଏହା ଉପରେ ପ୍ରଶିକ୍ଷିତ କରାଇବାର ଉପଯୁକ୍ତ ସମୟ ଆସିଛି । ଚଳିତ ବଜେଟରେ ୫୦୦ କୋଟି ଟଙ୍କା ବ୍ୟୟରେ ଶିକ୍ଷାକ୍ଷେତ୍ରରେ ଏଆଇ ପାଇଁ ଏକ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା କରାଯିବାର ଯୋଜନା ହୋଇଛି । ଭାରତର ସ୍କୁଲ ଗୁଡ଼ିକରେ ପଢୁଥିବା ପିଲାମାନଙ୍କୁ ପାଠ୍ୟକ୍ରମ ସହ ସହଜରେ ଯୋଡିବା, ଶିକ୍ଷକମାନଙ୍କୁ କଳା, ସାହିତ୍ୟ, ଜ୍ଞାନ ସହ ଆଧୁନିକ ବିଜ୍ଞାନ ସହ ଯୋଡିବା ପାଇଁ ଏଆଇର ବ୍ୟବହାର କରାଯିବ । ରାଜ୍ୟ -ରାଜ୍ୟ ମଧ୍ୟରେ ଥିବା ଜ୍ଞାନର ଆଦାନପ୍ରଦାନ ହୋଇପାରିବ, ସେଭଳି ଯୋଜନା କରାଯିବ । ଏଥିପାଇଁ ଏଆଇ ଶିକ୍ଷାକୁ ସ୍କୁଲ ଓ ଉଚ୍ଚ ଶିକ୍ଷା କ୍ଷେତ୍ରରେ ଯୋର୍ ଦେଉଛୁ ।

# ଯୁକ୍ତ ତିନି ପ୍ରଥମ ପର୍ଯ୍ୟାୟ କଟ୍ ଅଫ୍ ମାର୍କ ପ୍ରକାଶ

ଭୁବନେଶ୍ୱର, (ହି.ସ): ପ୍ରକାଶ ପାଇଲା ଯୁକ୍ତ ୩ ଆଡ଼ମିଶନ ପାଇଁ ପ୍ରଥମ ପର୍ଯ୍ୟାୟ କଟ ଅଫ ମାର୍କ। ରେଭେନ୍ସା ବିଶ୍ୱ ବିଦ୍ୟାଳୟ ରାଜନୀତି ବିଜ୍ଞାନ ପାଇଁ କଟ ଅଫ ୯୨.୮୦ ପ୍ରତିଶତ। ଫିଜିକ୍ସରେ ୯୩.୬୭,ଜୁଲୋଜିରେ ୯୪ ପ୍ରତିଶତ। ବାଣିଜ୍ୟରେ ରେଭେନ୍ସା ବିଶ୍ୱ ବିଦ୍ୟାଳୟ କଟ ଅଫ ୯୦.୫୦, ବିଜେବି କଲେଜ କମ୍ପ୍ୟୁଟର ସାଇନ୍ସରେ ୮୮.୮୩ ପ୍ରତିଶତ। ଉତ୍କଳ ବିଶ୍ୱ ବିଦ୍ୟାଳୟ ଲ କଲେଜରେ ବିଏ ଏଲଏଲବିରେ ୮୭.୮୦ ରହିଛି କଟ ଅଫ୍ ।

# କଂଗ୍ରେସ ନିଜକୁ ନିଜେ ପ୍ରଶ୍ନ ପଚାରିବା ଦରକାର:ବିଜେପି

ଭୁବନେଶ୍ୱର, (ହି.ସ): କଂଗ୍ରେସର ସାମ୍ବାଦିକ ସମ୍ମିଳନୀକୁ କଡ଼ା କାଉଂଟର କରିଛି ବିଜେପି। ବିଜେପି ରାଜ୍ୟ ଉପସଭାପତି ବିରଞ୍ଚି ନାରାୟଣ ତ୍ରିପାଠୀ କହିଛନ୍ତି କଂଗ୍ରେସ ନିଜକୁ ନିଜେ ପ୍ରଶ୍ନ ପଚାରିବା ଦରକାର । କଂଗ୍ରେସ ବି ରାଜ୍ୟରେ ଦୀର୍ଘ ବର୍ଷ ଧରି କ୍ଷମତାରେ ଥିଲା। ଲୋକଙ୍କ ପାଇଁ ସେମାନେ କଣ କରିଥିଲେ ରାଜ୍ୟବାସୀ ଜାଣିଛନ୍ତି । ସେ କଥା ସେମାନେ ଆଗ ରାଜ୍ୟବାସୀଙ୍କୁ ଜଣାଇବାର ଆବଶ୍ୟକତା ଅଛି । ଓଡ଼ିଶାରେ ମୋହନ ସରକାର ଓ କେନ୍ଦ୍ରରେ ମୋଦି ସରକାର ଦୁର୍ନୀତି ମୁକ୍ତ ସରକାର ଦେବାରେ ବିଜେପି ସଫଳ ହୋଇଛି। ଯାହାକୁ ନେଇ ଓଡ଼ିଶା ଏବଂ ଭାରତ ଦ୍ରୁତ ଗତିରେ ଆଗକୁ ବଢୁଛି ।

# ରଥ ଯାତ୍ରାରେ ରେଳବାଇ ଜ୍ୟାକର ବ୍ୟବହାର ଏକ ଦିବ୍ୟ ସଂଯୋଗ



ଭୁବନେଶ୍ୱର, (ପିଆଇବି): ରଥଯାତ୍ରାରେ ରେଳବାଇ ଜ୍ୟାକ ଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଥିବା ବେଳେ ଏହା ରେଳବାଇ ପାଇଁ ଏକ ଦିବ୍ୟ ସଂଯୋଗ। ଶ୍ରୀଜଗନ୍ନାଥ ମନ୍ଦିରରୁ ପ୍ରାୟ ୨୦୦ ମିଟର ଦୂରରେ ରଥଗୁଡ଼ିକ ନିର୍ମିତହୋଇଥାଏ। ମୁଖ୍ୟ ମନ୍ଦିର ସମ୍ମୁଖରେ ତିନୋଟି ରଥକୁ ସଠିକ ସ୍ଥାନରେ ରଖିବା ଅତ୍ୟନ୍ତ କଷ୍ଟକର କାର୍ଯ୍ୟ ଏବଂ ଏଥିପାଇଁ ବଡ଼ ବଡ଼ ରେଳବାଇ ଜ୍ୟାକ୍ ବ୍ୟବହାର କରାଯାଏ। ରଥଯାତ୍ରା ସମୟରେ, ରେଳ ବିଭାଗର ୪୦ଜଣ କର୍ମଚାରୀଙ୍କ ଏକ ଦଳ ସମସ୍ତ ମରାମତି ଉପକରଣ ସହିତ ଦୁଇଟି ଟ୍ରକରେ ରଥଗୁଡ଼ିକୁ ଅନୁସରଣ କରନ୍ତି। ପ୍ରଚଳିତ ପରମ୍ପରା ଅନୁଯାୟୀ, ରଥଗୁଡ଼ିକ ଆଗକୁ ବଢ଼ିବା ପରେ ପଛକୁ ହଟନ୍ତି ନାହିଁ। ତେଣୁ, ରଥଗୁଡ଼ିକୁ ସୁଗମ ଭାବରେ ଚଳାଇବାରେ ରେଳ କର୍ମଚାରୀଙ୍କ ଭୂମିକା ଆହୁରି ଗୁରୁତ୍ୱପୂର୍ଣ୍ଣ ହୋଇଯାଏ। କେତେକ ଘଟଣାରେ, ରଥଗୁଡ଼ିକରେ ହୋଇଥିବା ଅତ୍ୟଧିକ କ୍ଷତିକୁ ମରାମତି କରିବା ପାଇଁଭୁବନେଶ୍ୱରର ମଞ୍ଚେଶ୍ୱରରେ ଅବସ୍ଥିତ କାରଖାନାରୁ ସ୍ୱତନ୍ତ୍ର ଲୁହା କ୍ଲାମ୍ପ ତିଆରି ହେବାର ଉଦାହରଣ ମଧ୍ୟ ଇତିହାସରେ ଲିପିବଦ୍ଧରହିଛି। ରେଳ ବିଭାଗ ବିଶାଳ ରଥଗୁଡ଼ିକୁ ସେମାନଙ୍କର ନିର୍ମାଣ ସ୍ଥାନରୁ ମୁଖ୍ୟ ମନ୍ଦିର ଦ୍ୱାରକୁ ପରିବହନ କରିବା, ନିର୍ମାଣ କିମ୍ବା ଯାତ୍ରା ସମୟରେ ରଥଗୁଡ଼ିକର ହୋଇଥିବା କ୍ଷତିର ମରାମତି କରିବା, ରଥଗୁଡ଼ିକୁ ଦିଶାନିର୍ଦ୍ଦେଶ ପ୍ରଦାନ କରିବା, ରଥଗୁଡ଼ିକର ଦିଗ ପରିବର୍ତ୍ତନ କରିବା ଏବଂ ସେଗୁଡ଼ିକୁ ସ୍ଥାନାନ୍ତର କରିବା ଭଳି ସେବା ପ୍ରଦାନ କରିଥାଏ।

# ସିଏସଆଇଆର-ଆଇଏମଏମଟି ପକ୍ଷରୁ ରେଡ୍ ମଡ୍ ରିପୋର୍ଟ ପ୍ରକାଶିତ




ଭୁବନେଶ୍ୱର, (ପିଆଇବି): ବୈଜ୍ଞାନିକ ତଥା ଔଦ୍ୟୋଗିକ ଗବେଷଣା ପରିଷଦ - ଖଣିଜ ଏବଂ ବସ୍ତୁ ପ୍ରଯୁକ୍ତି ପ୍ରତିଷ୍ଠାନ (ସିଏସଆଇଆର-ଆଇଏମଏମଟି) ଦ୍ୱାରା ରେଡ୍ ମଡ୍ ରିପୋର୍ଟ ପ୍ରକାଶନ ବୈଠକ ଆୟୋଜିତ ହୋଇଛି। ଏହା ରେଡ୍ ମଡର ସାମଗ୍ରିକ ବ୍ୟବହାର ପାଇଁ ପ୍ରଯୁକ୍ତିବିଦ୍ୟା ବିକାଶ ଉପରେ ଜାତୀୟ ପ୍ରକଳ୍ପର ସଫଳ ସମାପ୍ତିକୁ ଚିହ୍ନିତ କରିଥିଲା। କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଏବଂ ପ୍ରକଳ୍ପର ପରାମର୍ଶଦାତା ତଥା ନୀତି ଆୟୋଗର ସଦସ୍ୟ ଡକ୍ଟର ଭି.କେ. ସାରସ୍ୱତ ରେଡ ମଡ୍ ରିପୋର୍ଟକୁ ଆନୁଷ୍ଠାନିକ ଭାବରେ ଉନ୍ମୋଚନ କରିଥିଲେ। ଏହି ପ୍ରକଳ୍ପକୁ ସିଏସଆଇଆର-ଆଇଏମଏମଟି (ଭୁବନେଶ୍ୱର), ସିଏସଆଇଆର -ନ୍ୟାସନାଲ ମେଟାଲର୍ଜିକାଲ୍ ଲାବୋରେଟୋରୀ (ସିଏସଆଇଆର -ଏନଏମଏଲ୍), ଜାମସେଦପୁର, ସମନ୍ୱୟ ପରୀକ୍ଷାଗାର ଏବଂ ଜବାହରଲାଲ ନେହେରୁ ଆଲୁମିନିୟମ୍ ରିସର୍ଚ୍ଚ ଡେଭଲପମେଣ୍ଟ ଆଣ୍ଡ ଡିଜାଇନ୍ ସେଣ୍ଟର (ଜେଏନଏଆରଡିଡିସି), ନାଗପୁର ଦ୍ୱାରା ପ୍ରମୁଖ ଶିଳ୍ପ ଅଂଶୀଦାର ହିଣ୍ଡାଲ୍କୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ (ହିନ୍ଦାଲକୋ), ବେଦାନ୍ତ ଲିମିଟେଡ୍ ଏବଂ ନ୍ୟାସନାଲ ଆଲୁମିନିୟମ୍ କମ୍ପାନୀ ଲିମିଟେଡ୍ (ନାଲକୋ) ସହିତ ମିଳିତ ଭାବରେ ହାତକୁ ନିଆଯାଇଥିଲା। ଏହି ପ୍ରକଳ୍ପଟି ଆଲୁମିନା ଉତ୍ପାଦର ଏକ ପ୍ରମୁଖ ଶିଳ୍ପ ଉପ-ଉତ୍ପାଦ, ରେଡ୍ ମଡର ବ୍ୟାପକ ବ୍ୟବହାର ପାଇଁ ସମନ୍ୱିତ ପ୍ରକ୍ରିୟା ଫ୍ଲୋ ସିଟ୍ ବିକାଶ କରିବା ଉପରେ ଧ୍ୟାନ ଦେଇଥିଲା। ଏହାର ଉଦ୍ଦେଶ୍ୟ ଲୁହା, ଆଲୁମିନା, ଟାଇଟାନିଆ ଏବଂ ରେୟାର ଆର୍ଥ ଏଲିମେଣ୍ଟ (ଆରଇଇ) ଭଳି ମୂଲ୍ୟବାନ ଧାତୁ ପୁନରୁଦ୍ଧାର କରିବା। ରେଡ୍ ମଡ ରିପୋର୍ଟ ଶିଳ୍ପ ନିୟୋଜନ ପାଇଁ ଏହି ସମାଧାନଗୁଡ଼ିକୁ ଆହୁରି ବୃଦ୍ଧି କରିବା ନିମନ୍ତେ ପ୍ରଯୁକ୍ତିବିଦ୍ୟା ବିକାଶ ସମ୍ପର୍କରେ ବିସ୍ତୃତ ଭାବରେ ସୂଚନା ପ୍ରଦାନ କରେ।

# ସଂପାଦକୀୟ

## ଆଦିମ ଜନଜାତିଙ୍କ ବିଶ୍ୱାସ ଘଟ ପୂଜା

ବିଶ୍ୱାସରେ ସମାଜ ଚାଲିଛି ଏହା ହିଁ ସତ। ଏହି ବିଶ୍ୱାସକୁ ନେଇ ଆମେ ବିଭିନ୍ନ ସମୟରେ ଆସ୍ଥା ଓ ପରମ୍ପରା ଧାରାରେ ନିଆରା କାର୍ଯ୍ୟ ସମ୍ପାଦନା କରୁଥିବା ଦେଖିବାକୁ ପାଇଥାଉ। ଏହା ଆମ ଭାରତବର୍ଷ ତଥା ଆମ ରାଜ୍ୟରେ ବହୁ ପୁରାତନ ସଂସ୍କୃତି ଓ ପରମ୍ପରା ନାଁ ରେ ଅନେକ ପୂଜା ପାର୍ବଣ କରିଥାଉ। ହେଲେ ସବୁଠାରୁ ଅନନ୍ୟ ହେଉଛି ଆଦିମ ଜନଜାତି ବା ଆଦିବାସୀ ସମ୍ପ୍ରଦାୟର ପରମ୍ପରା, ସଂସ୍କୃତି ଓ ପର୍ବାଣୀ ଯେତିକି ନିଆରା ସେତିକି ମନମୋହକ। ଆଦିବାସୀ ଅତି ସରଳ ଓ ବିଶ୍ୱାସୀୟ ଏହି ସଂପ୍ରଦାୟ ଅନେକ ସମୟରେ ଅନେକ ପୂଜା ପାର୍ବଣ କରିଥାନ୍ତି ନିଜର ଋଷବାସ ଓ ପରିବାରର ସୁଖ ଶାନ୍ତି ପାଇଁ। ସ୍ୱତନ୍ତ୍ର ଭାବେ ସେମାନେ ପ୍ରକୃତି ସୃଷ୍ଟି ମାଟି, ପଥର, ଗଛ ଆଦିକୁ ସମାଜରେ ଏକ ସ୍ୱତନ୍ତ୍ରତା ଦେଇ ନିଜର ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିଛନ୍ତି। ପରମ୍ପରା ଅନୁଯାୟୀ ସେମାନେ ଧରଣୀ ପେନୁ, ଘଟ ପୂଜା ବା ସନ୍ଧି ପୂଜା, ଆଦି ପ୍ରମୁଖ। ଏହାର ନୀତିନିୟମ ମଧ୍ୟ ଅତି ସମ୍ବେଦନଶୀଳ ଓ ନିରାଡମ୍ବର। ଯେଭଳି କି ଘଟ ପୂଜା ପାଇଁ ଗାଁ ମୁଣ୍ଡରେ ଥିବା ସନ୍ଧିରେ ଏକ ସ୍ଥାନକୁ ସଫା ସୁତୁରା କରି, ନୂଆଁ ବାଉଁଶ କୁଲା, ତାଟିଆ, ଛତା, ଲିଆ, ଫୁଲ ଆଦି ସଂଗ୍ରହ କରିବା ସହ କୁକୁଡ଼ା, ଛେଳି, ପାରା ଆଦି ସଂଗ୍ରହ କରନ୍ତି। ଏହି ପୂଜା କାର୍ଯ୍ୟ ପାଇଁ ଧଳା ରଙ୍ଗର ଫୁଲ ନିହାତି ଆବଶ୍ୟକ। ଜାନିଙ୍କ ସହ ଯୋଗାଯୋଗ କରି ଦିନବାର ସହ ନିର୍ଘଣ୍ଟ ସମୟ ସ୍ଥିର କରିଥାନ୍ତି। ଗାଁ ର ଗାଉଁଟିଆ ଏହି ଖବରକୁ ଗାଁ ର ମୁଖିଆ ଲୋକଙ୍କୁ ଜଣେଇବା ସହ ଏହାର ସମୟ ନିର୍ଘଣ୍ଟ ତଥା ପୂଜା କାର୍ଯ୍ୟ ସମ୍ପାଦନାର ସ୍ଥାନ ବିଶେଷ କୁ ନେଇ ସୂଚନା ଦେଇଥାଆନ୍ତି। ଗାଁ ର ବେଜୁଣି ମାନଙ୍କୁ ହଳଦୀ ଚାଉଳ ଦେଇ ବରଣ କରିବା ପରେ ସେମାନେ ଏହି ପୂଜା କାର୍ଯ୍ୟର ସମସ୍ତ ନିତିକାନ୍ତି ଅନୁଯାୟୀ ପୂଜା ପାଇଁ ଦରକାରୀ ସାମଗ୍ରୀ ସଂଗ୍ରହ କରି ସମସ୍ତ ପୂଜା କାର୍ଯ୍ୟ ସଂପାଦନା କରିଥାନ୍ତି। ଗାଁ'ର ସମୁଦାୟ ଲୋକଙ୍କ ସହ ପରିବାର ବନ୍ଧୁବର୍ଗଙ୍କୁ ଏହି କାର୍ଯ୍ୟକୁ ନିମନ୍ତ୍ରଣ ହୋଇଥାଏ। ସମସ୍ତେ ଏହି ଘଟ ପୂଜା ନିକଟରେ ଉପସ୍ଥିତ ରହି ସହଯୋଗ କରିଥାନ୍ତି। ଏହି ଅବସରରେ ଯେଉଁ ପରିବାର ଏହି ଘଟପୂଜା ଆୟୋଜନ କରିଥାନ୍ତି ସେହି ପରିବାରର ସମସ୍ତ ସଦସ୍ୟ ପାହାନ୍ତିଆରୁ ଶଯ୍ୟା ତ୍ୟାଗ କରି ସୂର୍ଯ୍ୟ ଉଦୟ ପୁର୍ବରୁ ଗାଧୋଇ ନୂଆଁ ଧଳା ଶାଢୀ ଓ ଧୋତି ପିନ୍ଧି ଏହି ପୂଜା ପାଇଁ ପ୍ରସ୍ତୁତ ହୁଅନ୍ତି। ଏହି ପୂଜା ଅନୁଯାୟୀ ବିଶ୍ୱାସ ରହିଛି ଯେ, ଯେତେବେଳେ କେହି ଜନ୍ମ ନେବାକୁ ଥାଏ ସେତେବେଳେ ତାଙ୍କର ଦେବତା ତାଙ୍କୁ ବାଟରେ ଓଗାଳି ଥାଆନ୍ତି। ଜନ୍ମ ସମୟରେ ବାଧକ ସାଜି ଧରାପୃଷ୍ଠରେ ଜନ୍ମ ଗ୍ରହଣ କଲେ କଣ କଣ ଅସୁବିଧା ହେବ ସେ ନେଇ ବିସ୍ତାର ଭାବେ କହିବା ନେଇ ଏକ ବିଶ୍ୱାସ ରହିଛି। ସେହି ଅବସରରେ ଉକ୍ତ ଦେବତାଙ୍କ ସାମ୍ନାରେ ଜନ୍ମ ପୁର୍ବରୁ ଏକ ଘଟ ପୂଜା ଦେବା ପାଇଁ ମନାସି ଥାନ୍ତି ଉକ୍ତ ବ୍ୟକ୍ତିବିଶେଷ ଯାହା ଫଳରେ ଉକ୍ତ ବ୍ୟକ୍ତି ବିଶେଷଙ୍କୁ ଜନ୍ମ ଗ୍ରହଣ କରିବାକୁ ଅନୁମୋଦନ ଦେଇଥିବା ଭଳି ବିଶ୍ୱାସ ଆଦିମ ଜନଜାତିଙ୍କ ବିଶ୍ୱାସକୁ ଦର୍ଶାଇଥାଏ। ଯେଉଁ କଥା ସେତେବେଳେ ସେମାନେ ଦେଇଥାନ୍ତି ତାଙ୍କର ଜନ୍ମ ପରେ ବୟସାନୁକ୍ରମେ ସୁବିଧା ଅନୁଯାୟୀ ଏହି ଘଟପୂଜା ପାଇଁ ପ୍ରସ୍ତୁତ ହୋଇଥାନ୍ତି ଉକ୍ତ ପରିବାରର ସଦସ। ଏହାକୁ ନେଇ ତାଙ୍କ ପରିବାର ଲୋକଙ୍କ ସହଯୋଗ ଓ ବିଶ୍ୱାସ ମଧ୍ୟ ପ୍ରତିପାଦନ କରିଥାଏ ଯେ ଏମାନଙ୍କର ବିଶ୍ୱାସ ଓ ପ୍ରତିଶ୍ରୁତି ଜୀବନରେ କେତେ ମୂଲ୍ୟବାନ ତାହା ଏହି ଘଟପୂଜାକୁ ଦେଖିଲେ ନିଶ୍ଚିତ ଭାବେ କହିପାରିବେ। ଏହା ଘଟ ପୂଜା କଲେ ତାଙ୍କର ସ୍ୱାସ୍ଥ୍ୟବସ୍ଥା ଠିକ୍ ରହିବା ସହ ପରିବାରରେ ଶାନ୍ତି ଓ ସଦଭାବନା ବଜାୟ ରହିବ ବୋଲି ସେମାନଙ୍କର ବିଶ୍ୱାସ। ଏହି ଅବସରରେ ଗାଁ'ର ଉପସ୍ଥିତ ଲୋକଙ୍କ ପାଇଁ ଏକ ଭୋଜିଭାତର ଆୟୋଜନ ମଧ୍ୟ କରିଥାନ୍ତି। ଯାହାକି ଗାଁର ବନ୍ଧୁ କୁଟୁମ୍ବ, ସେହି ପଡିଶା ଏହି ପୂଜା କାର୍ଯ୍ୟରେ ଭାଗ ନେଇ ଏହି ବିଶ୍ୱାସ ଓ ପରମ୍ପରାକୁ ଦ୍ୱିଗୁଣିତ କରିଥାଆନ୍ତି। ଯୁଗ ଆରମ୍ଭରୁ ଏହି ପରମ୍ପରାକୁ ପାଳନ କରୁଥିବା ସହ ଏହିଭଳି ଭାବରେ ଘଟ ପୂଜା କରି ନିଜର ପରିବାର ପାଇଁ ଥିବା ବିଭିନ୍ନ ସମସ୍ୟାରୁ ମୁକ୍ତି ପାଉଥିବା ନେଇ ଗାଁ'ର ବୟୋଜ୍ୟେଷ୍ଠ ବ୍ୟକ୍ତିମାନେ ଆଗାମୀ ପିଢ଼ିକୁ ଆଗାମୀ ଦିନରେଏହି ପରମ୍ପରାକୁ ବଜାୟ ରଖିବା ପାଇଁ ନିବେଦନ କରିଥାନ୍ତି। ଯାହାକି ଏହି ଆଦିମ ଜନଜାତି ସମ୍ପ୍ରଦାୟର ସରଳ ବିଶ୍ୱାସ ଓ ପ୍ରକୃତି ପ୍ରେମର ପରିଚୟ ସହ ନିଜର ପରମ୍ପରା ପାଇଁ ଥିବା ନିଷ୍ଠାକୁ ପ୍ରତିପାଦିତ କରିଥାନ୍ତି। ଯାହାକି ଏହି କିଛି ପାରମ୍ପରିକ ଓ ସଂସ୍କୃତି ଭିତ୍ତିକ ପୂଜାପାଠକୁ ଋକଚକ୍ୟ ସମାଜରେ ଅନ୍ଧବିଶ୍ୱାସର ନାମ ଦେଉଥିବା ବେଳେ କିଛି ବୁଦ୍ଧିଜିବୀ ସେମାନଙ୍କୁ ପ୍ରକୃତି ପୂଜାରୀର ଆଖ୍ୟା ଦେଇଥାନ୍ତି। ସେ ଯାହାବି ହେଉ ନା କାହିଁକି ଆଦିମ ଜନଜାତିଙ୍କ ଏହି ପରମ୍ପରା ଓ ସଂସ୍କୃତି ତାଙ୍କର ପରିଚୟ ଓ ବିଶ୍ୱାସର ପ୍ରତୀକୟ ସରଳ ସହଜ ଜୀବନ ଅତିବାହିତ କରୁଥିବା ଏହି ଆଦିମ ଜନଜାତି ସମ୍ପ୍ରଦାୟ ନିଜର ପରିଚୟ ଏହାକୁ ନେଇ ସୃଷ୍ଟି କରି ପାରିଥିବା ବେଳେ ଏହି ସଂପ୍ରଦାୟ ଧିରେ ଧିରେ ସମଗ୍ର ବିଶ୍ୱରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛନ୍ତି।

## ଆପଣଙ୍କ ମତାମତ

ଡୁମାଣୀ ଖବର ପକ୍ଷରୁ ପାଠକଙ୍କ ମତାମତ ଓ ଆବଶ୍ୟକୀୟ ପରାମର୍ଶ ଗ୍ରହଣ କରାଯିବ। ପାଠକମାନେ ସେମାନଙ୍କର ପ୍ରବନ୍ଧ ଓ ସମୟୋପଯୋଗୀ ଗଳ୍ପ ତଥା ଆପଣଙ୍କ ଅଞ୍ଚଳର ସମସ୍ୟା ସମ୍ପର୍କରେ ଆମକୁ ସୂଚନା ଦେଲେ ଆମେ ସେଥିପ୍ରତି ଗୁରୁତ୍ୱ ଦେବୁ ଏବଂ ତାହାକୁ ଆବଶ୍ୟକସ୍ଥଳେ ଆମ ସମ୍ବାଦପତ୍ରରେ ପ୍ରକାଶ କରିବୁ ।

Mob/ whatsapp : 9090962011
Ph. No. : 0674-2975387
E-mail : dumanikhabar2020@gmail.com

# ଝାଡ଼ଖଣ୍ଡରେ ରଜ, ସ୍ମୃତିର ଦିନ ମନେ ପଡ଼େ ପିଲାଦିନ ଅମୃତ ମୁହୂର୍ତ୍ତ


ଇନ୍ଦୁ ଭୂଷଣ ଭୂୟାଁ

ରଜ ଆସେ ଝିପି ଝିପି ବର୍ଷା ଝିଟିକାରେ। କଳା ଘନ ମେଘାଛନ୍ନ ଅଳସ ଲଗ୍ନରେ। ଲାଲଟୁକୁଟୁକୁ ସାଧବ ବୋହୁର ଧୀର ଚାଲି ଅମୃତ ବେଳାରେ। ଗାୟଳ ଟୋକାର ଗୋରୁପଲ ତା ପିଠିରେ ବଗ, କଜଳପାତିଙ୍କ ପୋକଯୋଜ ଖାଇବାର ଆନନ୍ଦ ପର୍ବରେ ଝାଡ଼ଖଣ୍ଡ ରାଜ୍ୟର ରଜ ପର୍ବ ଆସେ। ଜୁଆଡ଼େ ଚାହିଁବ ପାନ, ପିଠା, ଅଳତା, ଚନ୍ଦନ ଓ ନୂଆ ନୂଆ ପୋଷାକ ପରିଧାନରେ ରଜ ଆସେ। ଠିକ ଓଡ଼ିଶା ପରି। ଫଳମୂଳ ଧୂପ ଝୁଣା, ପୂଜା, ଫୁଲ ନୈବେଦ୍ୟରେ ଚଉଁରାଠୁ ଘର ସବୁଠି ରଜର ରାଜୁତି - ରାଜର ମାଦକତା! ସଜବାଜ ଠୁ ଶେଷ ରଜ ସବୁ କାମ ବନ୍ଦ। ଭୂଇଁ ନଅତା ବସୁମାତା ଗାଧୁଆ ସବୁ ଚାଷ ଯନ୍ତ୍ରପାତି ପୂଜା ପାଇବେ ଏହାପରେ। କୃଷି କାର୍ଯ୍ୟର ଅୟମ୍ବାରମ୍ଭ। ଅବିଭକ୍ତ କୋଦାନ ଅଞ୍ଚଳର ତିନୋଟି ଓଡ଼ିଆ ଅଧ୍ୟୁଷିତ ଜିଲ୍ଲା ପୂର୍ବ ସିଂହଭୂମ, ପଶ୍ଚିମ ସିଂହଭୂମ ଓ ଷଢ଼େଇକଳା - ଖରସୁଆଁ ଜିଲ୍ଲାର ଜାମସେଦପୁର, ଚାଇଁବସା, ଷଢ଼େଇକଳା, ଖରସୁଆଁ, ଚକ୍ରଧରପୁର, କେରା, ଜୟନ୍ତିଗଡ, ଜଗନ୍ନାଥପୁର, ଖଇରପାଳ, ହାତୀ, ହେଶଂଲ, ରାଜନଗର, ହଳଦୀପୋଖରୀ, କ୍ଷୀରି, ବାନା, କେଶରଗଡ଼ିଆ, ଧଳଭୂମଗଡ଼, ଘାଟଶିଳା, ଧୋବଣୀ, ବାନାଲୋପା, ରାଖା ମାଇନସ, ମଉଭଣ୍ଡାର, ମୂଷାବଣି, ବହଳାଗୋଡ଼ା, ଶାସନ, ଖମାର, ପଞ୍ଚରୁଦ୍ଦିଆ, ପାଙ୍କତୋ, ମୃଡ଼ାଲିପରି ଖାଣ୍ଟି ଓଡ଼ିଆ ବସ ବାସ କରୁଥିବା ଏ ଅଞ୍ଚଳର ରଜ ମହାସମାହର ସହିତ ପାଳିତ ହୁଏ।

ପ୍ରାୟ ସମସ୍ତଙ୍କ ଘରେ ଉଷୁନା ଭାତ ସାଙ୍ଗକୁ ମାଂସ, ପୋଡ଼ ପିଠା, ଘର ପଛପଟେ ଥିବା ଗଛରେ ବାଉଁଶ ତିଆରି ଦୋଳି, ରଜ ତିନି ଦିନ ପାଇଁ ନୂଆ ପୋଷାକ, ସଜବାଜ ସାମଗ୍ରୀ ଚନ୍ଦନ, ଅଗରୁ, କୁଙ୍କୁମ, ପାଦରେ ଅଳତା, ବିଡ଼ିଆ ପାନରେ ମୁଖର ଲାଲି ନଭରେ। କୁଆଁରୀ ଝିଅଙ୍କ ମନରେ ନୂଆ ଉନ୍ମାଦନା। ମୋ ଗାଁ ତୋଟାପଡାରେ ମଧ୍ୟ ଏହିପରି ପାଳିତ ହେଉଥିବ ରଜ। ଦୂର ଦୂରାନ୍ତରେ ରହିଥିବା ପଡ଼ୋଶୀ ଫେରିବେ ଗାଁକୁ ରଜରେ ପୋଖରୀରୁ ମାଛ ଧରା ହେବ, ଡ୍ରାମା ନାଟକର ଆୟୋଜନ ହେବ। ପୁରୁଣା ମାଲିକଦମା ଓ ଗଣ୍ଡଗୋଳର ସମାଧାନ ହେବାର ପ୍ରକୃଷ୍ଟ ସମୟ ଇଏ। ଆମ ଜଗତସିଂହପୁର ଠାରେ ଥିବା ଅଳକା, ରଶ୍ମୀ ଓ ସୁଭଦ୍ରା ସିନେମା ହଲ ଓ ରଘୁନାଥପୁର ଠାରେ ଥିବା ସୁଚିତ୍ରା ସିନେମା ହଲରେ ରଜ ବଜାରର ଓଡ଼ିଆ ଚଳଚ୍ଚିତ୍ର ଦେଖିବାର ଆନନ୍ଦ ଏବେ ମୋତେ ଲୌହ ନଗରୀ ଜାମସେଦପୁର ଠାରୁ ଅଳକା କୂଳର ମୋ ଗାଁ, ସାହି ପଡ଼ିଶା, ଲୋଖାଯୋଖା ଦାଦି ଖୁଡ଼ିଙ୍କ ପାଖକୁ ନେଇ ଯାଏ ସ୍ମୃତିରେ। ମୁଁ ସେ ଦିନ ସବୁକୁ ଫେରି ଯାଏ। ବୋଉର କଥା ଓ ଆକଟକୁ ନ ମାନି ଇଆଡ଼େ ସିଆଡ଼େ ଚାଲିଯାଇ ପୁଣି ବିଲୁଆ ଭୋକିବା ଆଗରୁ ରାତ୍ରି ଭୋଜନରେ ମାଂସ ତରିକାରୀ, ପତଳା ଝୋଳ, ଆଳୁ ଅମୃତ ଭଣ୍ଡା ମିଶାର ଝୋଳର ସ୍ୱାଦ, ଆମ୍ବତୋଟାରେ ଖାଶୀ ମାଂସ ଭାଗ ବଣ୍ଟାର ସକାଳ ପହର, ବାଗୁଡ଼ି କିତିକିତି ଖେଳ, ଡେଙ୍ଗୁରା, ଢ଼ୋଲ, ନାଗଡ଼ାର ଶବ୍ଦ ମୋତେ ଏବେ ବି ଗାଁକୁ ଫେରେଇନିଏ। ମୋ ବୋଉ ପାଖକୁ ମୋତେ ଆପେ ନେଇଯାଏ। ଅଳକା ନଦୀର ସେତେବେଳର ପ୍ରବାହରେ ମୁଁ ମୀନ ହୋଇ ପହଁରୁଥାଏ।



ମୋ ଗାଁ, ଧାନ ବିଲ, ନଈପଠାରେ କେନ୍ଦୁ, ଜାମୁକୋଳି, ସପେଟା, ଜାମୁରୋଳ, କରମଙ୍ଗା, କଣ୍ଟେଇକୋଳି, ବେତକୋଳି ପରି କୋଳି ତୋଳିବା ଖରାଦିନେ ସ୍କୁଲରୁ ଫେରିଲାବେଳେ କୂଆ ପାଣି କୂଅକୁ ଯାଆ ମୋ ସିଲଟ ଶୁଖିଯା ପରି କଥା ସବୁ ମନକୁ ଅନାୟାସେ ମନ୍ତ୍ର ପରି ତୁଣ୍ଡକୁ ଆସିଯାଆନ୍ତି। ତାଙ୍କରି ମୋହରେ ବୁଢ଼ିଆଣୀ ଜାଲରେ ପତଙ୍ଗ ବାନ୍ଧିହେଲା ପରି ମୁଁ ବାନ୍ଧି ହୋଇଯାଏ, ମୋହବିଷ୍ଟ ହୋଇଯାଏ। ରଜ ଏ ବର୍ଷ ଜାମସେଦପୁରର ଉତ୍କଳ ଆସୋସିଏସନ ଓ ଶାସ୍ତ୍ରୀ ନଗର ଠାରେ ଥିବା ବାନ୍ଧବ ସମିତି ଠାରେ ଧୂମ ଧାମରେ ପାଳିତ ହେଉଛି। ଉତ୍କଳ ଆସୋସିଏସନର ଗୋପବନ୍ଧୁ ସଦନ ଠାରେ ରଜ ଗୀତ, ଛୋଟ ପିଲାଙ୍କ ନୃତ୍ୟ, ରଜ ଦୋଳି, ରଜ କୁଇନ ପରି ପ୍ରତିଯୋଗିତା ହେବ। ଆଭାମାହୋତୋ ଓ ଅପର୍ଣ୍ଣା ସିଂହ ଏ ବର୍ଷ ରଜ ଉତ୍ସବର ଅତିଥି ଭାବରେ ଯୋଗ ଦେବେ। ଉତ୍କଳ ଆସୋସିଏସନର ଦୁଇ ଟ୍ରଷ୍ଟି ମନୋରଞ୍ଜନ ଦାସ ଓ ଡାକ୍ତର ସୀମାଞ୍ଚଳ ରାଉଳ, ସଭାପତି ଡାକ୍ତର ଶ୍ରୀଧର ପ୍ରଧାନ, ଦୁଇ ଉପସଭାପତି ସଞ୍ଜୟ ପାତ୍ର ଓ ବାଦଲ ଭୂୟାଁ, ସାଧାରଣ ସମ୍ପାଦକ ଅରୁଣ କୁମାର ମହାନ୍ତି, ସହ-ସମ୍ପାଦକ ବିଭୁତି ଭୂଷଣ ମହାନ୍ତି, କୋଷାଧ୍ୟକ୍ଷ ମନୀଷ ଦାସ, ମୁଖ୍ୟ ପୃଷ୍ଠପୋଷକ ଶୁଭେନ୍ଦ୍ର କୁମାର ବେହେରା ଓ ମହିଳା ସମିତିର ସଙ୍ଗୀତା ବେହେରା, ପ୍ରତୀଭା ମହାନ୍ତି, ସଷ୍ମିତା ପାତ୍ର, କୁମୁଦିନୀ ପ୍ରଧାନ, ଶୁଶିଳା ଆଚାର୍ଯ୍ୟ, ପୂର୍ଣ୍ଣିମା ଜେନା, ନିବେଦିତା ଗୌଡ଼, ମନୋରମା ମହାପାତ୍ର, ସୁଜାତା ଚୌଧୁରୀ, ସ୍ନିଗ୍ଧା ମହାନ୍ତି, ସୁଖଶ୍ରୀ ମହାନ୍ତି, ଜୟଶ୍ରୀ ମହାନ୍ତି, ଗୀତା ଗୌଡ଼, ରାକ୍ଷୀ ଦାସ, ସୁଜାତା ସାହୁ, ମାମୁନି ଦାସ, ମିହିର ପ୍ରଭା ମହାନ୍ତି, ଶାନ୍ତିଲତା ପଣ୍ଡା, ମମତା ପାତ୍ର, ସାଧନା ମହାନ୍ତି, ସୁଜାତା ସ୍ୱାଇଁ, କନକଲତା ମହାପାତ୍ର ଓ କମଳା ରାଉତ ପରି ମହିଳା ମାନଙ୍କ ସହଯୋଗରେ ଓ କମିଟିର ମନୋରଞ୍ଜନ ଗୌଡ଼, ସୌମେନ୍ଦ୍ର ଭୂୟାଁ, ଅଶୋକ ମହାପାତ୍ର, ନିରଞ୍ଜନ ନାୟକ, ମନୋରଞ୍ଜନ ପଶାୟତ, କିଶୋର ନାୟକ, ମନୋରଞ୍ଜନ ସ୍ୱାଇଁଙ୍କ ପରି ବରିଷ୍ଠ ସଦସ୍ୟଙ୍କ ସହଯୋଗରେ ଏ ବର୍ଷ ରଜ ମହୋତ୍ସବର ଆୟୋଜନ ପରିଚାଳିତ ହେବ। ରଜର ତିନି ଦିନ ଅର୍ଥାତ୍ ପହିଲି ରଜ, ସଂକ୍ରାନ୍ତି ଓ ଭୂମି ଦହନ - ଏହି ତିନି ଦିନ ପାଳନ କରିବା ସକାଶେ ଓଡ଼ିଶାର ଝିଅ ବୋହୂମାନେ ସବୁକାମ ସାରି ସଜ ହୁଅନ୍ତି । ନୂଆଲୁଗା ପିନ୍ଧି ବିଭିନ୍ନ ସ୍ଥାନ ଦେଖିବାକୁ ଦଳ ଦଳ ହୋଇ ବୁଲି ବାହାରନ୍ତି, ଦୋଳି ବାନ୍ଧି ନ୍ତବନସ୍ତେ ଡାକିଲା ଗଜ, ବରଷକେ ଥରେ ଆସିଛି ରଜ ଲୋ, ଘେନି ନୂଆ ସଜବାଜ' - ବୋଲି ଗୀତ ଗାଇ ଆନନ୍ଦରେ ଝୁଲନ୍ତି । ଏହି ତିନି ଦିନ ସେମାନେ ରନ୍ଧାବଢ଼ା ଓ କଟାବଟା ଇତ୍ୟାଦି ଗୃହକର୍ମ ନକରି ସଂପୂର୍ଣ୍ଣ ବିଶ୍ରାମ ନିଅନ୍ତି । ସତତ କର୍ମରତ ଗୃହବଧୂ ଓ କନ୍ୟାମାନଙ୍କର କୃଷି କର୍ମରେ କଠୋର ପ୍ରବୃତ୍ତି ସକାଶେ ଏ ତିନି ଦିନ ଯେପରି ପ୍ରସ୍ତୁତି ବିଶ୍ରାମ । ପୃଥିବୀ ରଜସ୍ୱଳା ପାଳନ ବିଧିରେ ଝିଅ ବୋହୂମାନଙ୍କୁ ଶିକ୍ଷା ଦେବା ଉଦ୍ଦେଶ୍ୟରେ ଏହି ଯେଉଁ ପର୍ବର କଳ୍ପନା ସେଥିରେ ଶରୀର ସକାଶେ ବିଶ୍ରାମ, ମନ ପାଇଁ ଆନନ୍ଦ ଓ ଭବିଷ୍ୟତ ସକାଶେ ସ୍ୱପ୍ନ ଥିଲେ ହିଁ ପୃଥିବୀ ଯେପରି ଶସ୍ୟ ଶ୍ୟାମଳା ହେବ ମଣିଷର ସାଂସାରିକ ଜୀବନଯାପନ ସକାଶେ ସେପରି ସ୍ୱଚ୍ଛଳ ହେବ ବୋଲି ନିର୍ଦ୍ଦେଶ ରହିଛି । ରବି ରଜାର ମିଥୁନ ବା ମିଳନରେ ଯେତେ ଆନନ୍ଦ, ଯେତେ ଉନ୍ମାଦନା - ସବୁ ରାଜସ ବିଳାସ, ସତେ ଯେପରି ଆମରି ମଧ୍ୟରେ ଅବତରଣ କରିଛି - ଏଇ ଫଳପ୍ରସ୍ୱ ମାଟିର ଉର୍ବରତା ଦ୍ୟୋତକ ରୁଜ - ପର୍ବର ମନ ମତାଣିଆ ମଉଛବ ବା ମହୋତ୍ସବରେ ।

*ପ୍ରତିଷ୍ଠାତା ସମ୍ପାଦକ*
*'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ : ୭୪୮୮୯୯୮୫୩୨*

# ମଣିଷ ଜୀବନଯୁଦ୍ଧରେ ହାରେ କାହିଁକି ?


ମାୟାଧର ନାୟକ

ତ୍ରେତୟାଯୁଗରେ ରାମ-ରାବଣ ଯୁଦ୍ଧ ସମସ୍ତଙ୍କର ସ୍ମରଣରେ ଥିବ। ସେତେବେଳେ ରାବଣ ଶ୍ରେଷ୍ଠଜ୍ଞାନୀ, ଶ୍ରେଷ୍ଠବ୍ରାହ୍ମଣ, ଶ୍ରେଷ୍ଠଯୋଦ୍ଧା, ଶ୍ରେଷ୍ଠଧନୀ, ଶ୍ରେଷ୍ଠମଣିଷ ଥିଲେ। ଯୁଦ୍ଧରେ ସେ ହାରିଲେ କାହିଁକି ? ତାଙ୍କ ପାଖରେ ଯୁଦ୍ଧବେଳେ ତାଙ୍କ ଭାଇ ବିଭୀଷଣ ନଥିଲେ – ରାମଙ୍କ ପାଖରେ ଭାଇ ଲକ୍ଷ୍ମଣ, ସୁଗ୍ରୀବ ଭଳି ବନ୍ଧୁ ଥିଲେ। ଭାଇବନ୍ଧୁ ସଂଗେ ନଥିଲେ ଯୁଦ୍ଧ ହାରିବା ଥୟ। ଏ କଳିଯୁଗରେ କାହିଁ କେଉଁଦିନୁ ପ୍ରତିବର୍ଷ ରାବଣପୋଡି ଉତ୍ସବ ପୁରପଲ୍ଲୀରୁ ସହରବଜାର ଯାଏ ବଡ଼ନେତା ଠାରୁ କୁଜିନେତା ଯାଏ, ବିରାଟ ଅନୁଷ୍ଠାନରୁ ଛୋଟ ଛୋଟ ସଂଘ, ସମିତି, ଅନୁଷ୍ଠାନ ଯାଏ ପାଳନ ହୁଏ। ଦଶମୁଣ୍ଡିଆ ରାବଣ ଶରୀର କାନଫଟା ବାଣ ଖଞ୍ଜାଯାଇ ଅଗ୍ନିସଂଯୋଗ ହୁଏ – ଏକପ୍ରକାର ବାଣ ପ୍ରତିଯୋଗିତା। ଅଧଘଂଟାରୁ ଘଂଟାଏକାଳ ଶବ୍ଦ ପ୍ରଦୂଷଣ, ଏପରିକି ବାଣ ବିସ୍ଫୋରଣ ହୋଇଥାଏ। ଧୂଆଁରେ ଚାରିଆଡେ ବାୟୁମଣ୍ଡଳ ଦୂଷିତ କରିଦିଏ। ବହୁଲୋକ ସମାଗମ ହୁଅନ୍ତି। ପ୍ରଥମେ ସଭାରେ ରାବଣର ଚଉଦପୁରୁଷ ଶୋଧାଯାଏ। ପୁଣି ଅନେଇ ଥା ଆରବରଷକୁ।

ତା'ହେଲେ ରାବଣ ମରୁନାହିଁ। ଯଦି ମରିଥାନ୍ତା - ପ୍ରତିବର୍ଷ ରାବଣପୋଡି ହୁଅନ୍ତା ନାହିଁ। ବରଂ ରାବଣକୁ ମାରିବା ବାହାନାରେ ଆମେ କେବଳ ମାରିଆସୁଛୁ ନିଜନିଜର ଗଲୁଗୁଡ଼ାକୁହିଁ ! ଏବେ ଗାଁଗଣ୍ଡାରୁ ଆରମ୍ଭକରି ସହରବଜାର ବିଭିନ୍ନ ଦେଶବିଦେଶରେ ଶାସକ, ପ୍ରଶାସକଙ୍କ ଭିତରେ ଅନେକ ରାବଣ ଅଛନ୍ତି। ଆମେ ସିନା ନିର୍ଜୀବ କାଗଜଜରିଗୁଡା ରାବଣକୁ ପୋଡୁଛେ – ରକ୍ତମାଂସଧାରୀ ରାବଣକୁ କେବେ ଶରବିଦ୍ଧକରି ନିପାତ କରିବା ? ଦ୍ୱାପରଯୁଗରେ ମହାଭାରତ ଯୁଦ୍ଧରେ ପାଣ୍ଡବ ପକ୍ଷର ଯୁଧିଷ୍ଠିର, ଭୀମ, ଅର୍ଜୁନ, ନକୁଳ, ସହଦେବ ୫ ଭାଇ ବଡ଼ଭାଇଙ୍କ ଆଜ୍ଞାପାଳନ କରୁଥିଲେ। ତାଙ୍କ ପାଖରେ ଧର୍ମ ଥିଲା। ଭଗବାନ ଶ୍ରୀକୃଷ୍ଣ ଥିଲେ। କୌରବ ପକ୍ଷର ଦୁର୍ଯ୍ୟୋଧନଙ୍କ ପାଖରେ ଶହେଭାଇ ଥିଲେ। ସମସ୍ତେ ଅଧର୍ମୀ, ଅନ୍ୟାୟ, ଅତ୍ୟାଚାର, ବ୍ୟଭିଚାର, ଗର୍ବ, ଅହଂକାରରେ ମଜ୍ଜିଯାଇଥିଲେ। କୁମନ୍ତ୍ରଣା ଦେବାକୁ ଶକୁନି ଥିଲେ। ଧାର୍ମିକ, ନ୍ୟାୟବନ୍ତ ବିଦୁର, ଶ୍ରେଷ୍ଠସେନାପତି ଭୀଷ୍ମଙ୍କ କଥା, ପରାମର୍ଶ ଗ୍ରହଣ କରୁନଥିଲେ। ଶେଷରେ ୧୮ଦିନ ମହାଭାରତ ଯୁଦ୍ଧରେ ହାରିଗଲେ। ଦ୍ୱାପରଯୁଗର ମହାଭାରତ ଯୁଦ୍ଧର ୧୮ ଦିନରୁ ଓଳିଏ ଯୁଦ୍ଧ ବାକି ଅଛି। ସେ ଯୁଦ୍ଧ ଏ କଳିଯୁଗରେ ଶେଷ ହେବ। ଆଜି ଏ ଘୋର କଳିକାଳରେ ପ୍ରତିମୁହୂର୍ତ୍ତରେ ମହାଭାରତ ଯୁଦ୍ଧ ଚାଲିଛି। ସମଗ୍ର ବିଶ୍ୱରେ ଭାରତରେ ଧାର୍ମିକମାନେ, ପାଣ୍ଡବମାନେ ଅଛନ୍ତି – ସେମାନେ ବେଶି ଦୃଶ୍ୟ ହେଉ ନାହାଁନ୍ତି। ଦୁର୍ଯ୍ୟୋଧନ, ଦୁଃଶାସନର ଦଳ ଗାଁଗଣ୍ଡାରୁ ସହରବଜାରରେ ହାଉଯାଉ ହେଉଛନ୍ତି। ସେମାନଙ୍କ କୁବୁଦ୍ଧି, ଅନ୍ୟାୟ, ଅତ୍ୟାଚାର, ବ୍ୟଭିଚାର, ପରସ୍ତ୍ରୀ ହରଣ, ଯୌନାଚାର, ରାଜକୋଷ ଲୁଣ୍ଠନ, ଶୋଷଣ, ରାଜନୈତିକ, ଅର୍ଥନୈତିକ, ସାମାଜିକ, ସାଂସ୍କୃତିକ କ୍ଷେତ୍ରରେ ଚରମ ବିଶୃଙ୍ଖଳା ସୃଷ୍ଟି କରିଚାଲିଛନ୍ତି। ସେମାନଙ୍କ କୁକର୍ମ ଯୋଗୁ ମେଦିନୀମାତା କମ୍ପୁଛି। ଏମାନଙ୍କ ପାପର ବୋଝ ଆଉ ମୁଣ୍ଡେଇ ନପାରିବାରୁ ଭୂମିକମ୍ପ, ଘୂର୍ଣ୍ଣିବାତ୍ୟା, ପ୍ରବଳବନ୍ୟା, ଟାଣଖରା, ପରିବେଶ ପ୍ରଦୂଷଣ ବଢିଚାଲିଛି। ସାରାବିଶ୍ୱରେ ଦେଶେଦେଶେ, ଗାଁଗାଁରେ ଯୁଦ୍ଧ, ଗୃହଯୁଦ୍ଧ ଲାଗିଛି। ଲୋକେ ଭୋକ-ରୋଗରେ ଆଉଟୁପାଉଟୁ ହେଉଛନ୍ତି। ସମସ୍ତେ କହୁଛନ୍ତି – କଳିର ଏ ଶେଷକାଳ। ସମସ୍ତଙ୍କ ହାତରେ ଖଣ୍ଡା। ଯଦୁବଂଶ ଧ୍ୱଂସ ହେଲାଭଳି ପରସ୍ପର ହଣାକଟାରେ ରାସ୍ତାଘାଟରେ ମୁଣ୍ଡ ଗଡିବ। ଶେଷରେ ଶବ ପୋତିବାକୁ ସ୍ଥାନ ମିଳିବନାହିଁ। ମଣିଷ ଜଳିପୋଡି ପୋକମାଛି ଭଳି ମରିଯିବେ। ଏ ସଂସାରରୁ ୮୦୦ କୋଟି ମଣିଷରୁ ଅଧାରୁ ଅଧିକ ମରିଯିବେ। ଯେଉଁ ଅଳ୍ପ କେତେକ ରହିବେ – ସେମାନେ କୂଳକୁ ବିହନ।

ପଶା-ନିଶା ମଣିଷକୁ ପତନ ଆଡକୁ ନେଇଯାଏ। ଜୁଆଖେଳରେ ପଶାଖେଳରେ ଦ୍ୱାପରଯୁଗରେ ପାଣ୍ଡବମାନେ ହାରିଯାଇ ପତ୍ନୀ ଦ୍ରୌପଦୀକୁ ହରେଇଥିଲେ। ଝିମିଟି ଖେଳରୁ ମହାଭାରତ ସୃଷ୍ଟି। ଜୁଆଖେଳରୁ ଯୁଦ୍ଧ। ଲକ୍ଷ ଲକ୍ଷ ସୈନ୍ୟ ହତାହତ। ସଂପତି ପୋଡିପାଉଁଶ। ସେଇଭଳି ନିଶା ମଣିଷକୁ ହିଂସ୍ର ପଶୁରେ ପରିଣତ କରିଦିଏ। ପରସ୍ପର କାମୁଡାକାମୁଡିରେ ଜୀବନ ଚାଲିଯାଏ। କଳିଯୁଗରେ ଏ ଜୁଆଖେଳ, ନିଶାପାନ ଚାରିଆଡେ ବନ୍ୟାଭଳି ମାଡିଚାଲିଛି। ଏ ପ୍ରବଳ ବନ୍ୟାରେ କାଠିକୁଟାଠୁ ବଡ଼ବଡ଼ ଗଛଘରଦ୍ୱାର ଭସେଇନେଉଛି। ଏ କୂଳ ଖାଇ ସେ କୂଳ ଖାଇଚାଲିଛି। ଏ ପ୍ରାକୃତିକ-ମନୁଷ୍ୟକୃତ ବନ୍ୟାକୁ ଅଟକାଇବ କୋଉ ବନ୍ଧବାଡ଼ ?

ଏବେ ଜ୍ଞାନୀ, ଗୁଣୀ, ପଣ୍ଡିତଙ୍କ କଥା କେହି ଶୁଣିବାକୁ ନାହିଁ। ସେଦିନ କୁରୁସଭାରେ ଯେମିତି ବିଦୁର, ଭୀଷ୍ମ, ଦ୍ରୋଣାଚାର୍ଯ୍ୟ, କୃପାଚାର୍ଯ୍ୟ ପ୍ରମୁଖଙ୍କ ପରାମର୍ଶକୁ ଦୁର୍ଯ୍ୟୋଧନ କର୍ଣ୍ଣପାତ କରିନଥିଲେ। ଯୁଧିଷ୍ଠିର ରାଜ୍ୟ, ୪ ଭାଇ, ଶେଷରେ ପତ୍ନୀ ଦ୍ରୌପଦୀକୁ ହରେଇଦେଇଥିଲେ। କୁରୁସଭାରେ କର୍ଣ୍ଣ ଦ୍ରୌପଦୀକୁ ବେଶ୍ୟା ଆଖ୍ୟା ଦେଇଥିଲେ। ଦୁର୍ଯ୍ୟୋଧନ ଦୁଃଶାସନକୁ ନିର୍ଦ୍ଦେଶଦେଇ ବସ୍ତ୍ରହରଣ କରାଇଥିଲେ। ଶ୍ରୀକୃଷ୍ଣ କୋଟିବସ୍ତ୍ର ଦେଇ ଦ୍ରୌପଦୀଙ୍କ ମାନଇଜ୍ଜତ ରକ୍ଷାକରିଥିଲେ। ଆଜି ଏ କଳିକାଳରେ ସମସ୍ତେ ଖୋଜୁଛନ୍ତି – ସେହି ମାନବଦେହଧାରୀ ଶ୍ରୀକୃଷ୍ଣ - ମାୟାଧର – ଚକ୍ରଧରକୁ। କଥା କହିଲାବେଳେ ଉଚ୍ଚସ୍ୱର କିଂବା ଅସଂଯତ ଉଚ୍ଚାରଣ କଲେ – ମହାବିପଦ। ଯୁଦ୍ଧ ବି ଲାଗିଯାଇପାରେ। ଏଠାରେ ସ୍ମରଣଯୋଗ୍ୟ ଯେ - ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଗୋଟିଏ ଶବ୍ଦର ଉଚ୍ଚାରଣରେ ଆମେ ଭାରତ-ଚୀନ୍ ଯୁଦ୍ଧରେ ହାରିଗଲେ। ୧୯୬୨ ମସିହାର ଘଟଣା। ହିନ୍ଦି-ଚୀନ୍ ଭାଇଭାଇ ନାରା ଦେଇଥିଲେ ହେଁ ସୀମାବିବାଦ ଲାଗି ରହିଥିଲା। ଚୀନ୍ ନଛୋଡ଼ବନ୍ଧା। ଯୁଦ୍ଧ କରିବାକୁ ପ୍ରସ୍ତୁତ। ଆମେ କିନ୍ତୁ ଯୁଦ୍ଧକରିବାକୁ ପ୍ରସ୍ତୁତ ନଥିଲୁ। ଆମର ଅସ୍ତ୍ରଶସ୍ତ୍ର ସେତେ ପରିମାଣରେ ନଥିଲା। କେନ୍ଦ୍ର କ୍ୟାବିନେଟ୍ ବସିଲା। ପ୍ରତିରକ୍ଷାମନ୍ତ୍ରୀ ସମସ୍ତ ବାସ୍ତବ ସମସ୍ୟା ସଂପର୍କରେ ଆଲୋଚନା କଲେ। ସ୍ଥିର ହେଲା - ଯୁଦ୍ଧ ନକରି ସମ୍ଝୋତା କରିବା। ସାମ୍ବାଦିକମାନେ ବାହାରେ ଅପେକ୍ଷା କରିଥିଲେ। ନେହେରୁ ପଦାକୁ ଆସିଲାବେଳେ ସାମ୍ବାଦିକମାନେ ଯୁଦ୍ଧ ସଂପର୍କରେ ପଚାରିଲେ। ନେହେରୁ ଟିକେ ଚଢାଗଳାରେ କହିଲେ – ଦେଖିବା। ହିନ୍ଦୀରେ – ଦେଖେଙ୍ଗେ। ସାମ୍ବାଦିକମାନେ ଯୁଦ୍ଧ ହେବ ବୋଲି ପ୍ରଚାର କରିଦେଲେ। ଏ ଖବର ଚୀନ୍ ପାଇ ରାତାରାତି ତା'ର ସୈନ୍ୟମାନଙ୍କୁ ଭାରତ ଭିତରକୁ ପୂରାଇଦେଲା। ସକାଳୁସକାଳୁ ସେମାନେ ଭାରତୀୟ ସୈନ୍ୟବାହିନୀ ବାରାକ୍ ଘେରିଗଲେ। ସମସ୍ତଙ୍କୁ ବନ୍ଦୀକରି ନେଇଗଲେ। ତା'ହେଲେ କଥା ଠିକ୍ ଭାବେ ନକହିଲେ – ମହାବିପଦ ମଧ୍ୟ ମାଡିଆସେ। କଥାରେ ସଂଯମରକ୍ଷା ଏକାନ୍ତ ଆବଶ୍ୟକ।

ଏଇ ବିଶ୍ୱବ୍ରହ୍ମାଣ୍ଡରେ ମାନବଜୀବନ ସଂସାରର ମୋହମାୟାବନ୍ଧନରେ ବାନ୍ଧିହୋଇଛି। କାମନାବାସନା, ଗର୍ବଅହଂକାର ମଣିଷକୁ ଦିଗହରା ପଥିକ କରିଦିଏ। ଜୀବନ ଜଳୁଛି – ଏ ମାୟାଜଞ୍ଜାଳେ। ତେଣୁ 'ଆପଣା କଲାକର୍ମମାନ - ଆଗୁ ହୋଇବ ସାବଧାନ'।

*ଯାଜପୁର ରୋଡ, ଯାଜପୁର*
*ମୋ : ୯୮୬୧୦୩୪୧୬୩*

ସୌଭାଗ୍ୟ ରଂଜନ ମହାନ୍ତି

# ମଣିପୁର ଶାନ୍ତି, ସ୍ଥିରତା ଆବଶ୍ୟକ

ଜାତିଆଣ ଦଙ୍ଗା, ଗସ୍ତ ମଣିପୁରରେ ବିଜେପି ନେତୃତ୍ୱାଧୀନ ଏନଡିଏର ୪୦ ଜଣ ବିଧାୟକ ସରକାର ଗଢିବା ପାଇଁ ଦାବି କରୁଥିବାବେଳେ ରାଜ୍ୟର କଠୋରପନ୍ଥୀ ଗୋଷ୍ଠୀ ଅରାମ୍ବାଇ ଟେଙ୍ଗୋଲ(ଏଟି)ର ମୁଖ୍ୟ କାନନ ସିଂହ ସହତା'ର ଚାରିଜଣ ସହଯୋଗୀଙ୍କୁ ସିବିଆଇ ଗିରଫ କରିବା ଯୋଗୁଁ ରାଜ୍ୟ ପୁଣି ଅଶାନ୍ତ ମଧ୍ୟକୁ ଠେଲି ହୋଇଯାଇଛି। ମଣିପୁରରେ ପ୍ରଭାବଶାଳୀ ମୈତ୍ରେଇ ସମ୍ପ୍ରଦାୟର କଠୋରପନ୍ଥୀଙ୍କୁ ନେଇ ଏଟି ଗଠିତ ହୋଇଥିବାବେଳେ ରାଜ୍ୟରେ ଗତ ୨୦୨୩ ମେ ମାସ ଠାରୁ ଲାଗି ରହିଥିବା ଜାତିଆଣ ଦଙ୍ଗାରେ ବହୁ ହିଂସାକାଣ୍ଡରେ ଜଡିତ ଥିବା କୁହାଯାଏ। ମୈତ୍ରେଇ ସମ୍ପ୍ରଦାୟର ବିକ୍ଷୋଭ, ହିଂସାକାଣ୍ଡ ଯୋଗୁଁ ପରିସ୍ଥିତି ଅଣାୟତ ହୋଇପଡିଥିବାବେଳେ ରାଜ୍ୟର କେତେକ ଅଂଚଳରେ ସାନ୍ଧ୍ୟା ଆଇନ ଜାରି କରାଯିବା ସହ ଇଂଟରନେଟ ସେବାକୁ ବନ୍ଦ କରିଦିଆଯାଇଛି। ଆହୁରି ମଧ୍ୟ କେନ୍ଦ୍ରୀୟ ବାହିନୀର ଯବାନ ବହୁ ଉତେଜନା ପ୍ରବଣ ଅଂଚଳରେ ଫ୍ଲାଗମାର୍ଚ୍ଚ କରୁଥିବା କୁହାଯାଏ। ଉଲ୍ଲେଖଯୋଗ୍ୟ ଯେ, ରାଜ୍ୟରେ ଗତ ୨୦୨୩ମେ' ମାସରୁ ଲାଗିଥିବା ଜାତିଆଣ ଦଙ୍ଗାକୁ ନିୟନ୍ତ୍ରଣ କରିବାରେ ବିଫଳ ହେବା ଯୋଗୁଁ ଚଳିତ ବର୍ଷ ଆରମ୍ଭରେ ମୁଖ୍ୟମନ୍ତ୍ରୀ ପଦରୁ ଏନ.ବିରେନ ସିଂହ ଇସ୍ତଫା ଦେଇଥିଲେ। ନୂତନ ବିଧାୟକ ଦଳ ମନୋନୟନ କରିବାରେ ବିଜେପି ହାଇକମାଣ୍ଡ ବିଫଳ ହେବା ପରେ ବିଧାନସଭାକୁ ସସ୍‌ପେଣ୍ଡ କରିବା ସହ ରାଜ୍ୟରେ ରାଷ୍ଟ୍ରପତି ଶାସନ ଜାରି କରିଥିଲେ। ଗତ କିଛି ମାସ ଧରି ରାଜ୍ୟରେ କ୍ରମଶଃ ସ୍ୱାଭାବିକ ଅବସ୍ଥା ପ୍ରତ୍ୟାବର୍ତନ କରୁଥିବାବେଳେ ହଠାତ୍ ମୈତ୍ରେଇ ସମର୍ଥିତ ଉଗ୍ରପନ୍ଥୀ ଗୋଷ୍ଠୀ ଏଟିର ମୁଖ୍ୟ ଓ ଚାରିଜଣଙ୍କୁ ଗିରଫ ନିଶ୍ଚିତ ଭାବେ ସିବିଆଇର ଅପରିଣାମଦର୍ଶୀ ପଦକ୍ଷେପ ବୋଲି କୁହାଯାଇପାରିବ। କହିବା ବାହୁଲ୍ୟ ଯେ, ରାଜ୍ୟରେ ଜାତିଆଣ ହିଂସାକାଣ୍ଡ ସୃଷ୍ଟି ହେବା ପରେ ଦୁଇ ପ୍ରଭାବଶାଳୀ ସମ୍ପ୍ରଦାୟ ମୈତ୍ରେଇ ଏବଂ କୁକି ଆତ୍ମରକ୍ଷା ଲାଗି ନିଜସ୍ୱ କଠୋର ପନ୍ଥୀ ଗଠନ କରିଥିଲେ। ଯେଉଁମାନେ କି ବିଭିନ୍ନ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ଅଛନ୍ତି। ଜାତିଆଣ ଦଙ୍ଗା ଉଗ୍ରରୂପ ନେବା ସମୟରେ ରାଜ୍ୟରେ ବହୁ ପୋଲିସ ଅସ୍ତ୍ରାଭଣ୍ଡାର ଲୁଟ ହୋଇଥିଲା। ଲୁଟ ଅସ୍ତ୍ରଶସ୍ତ୍ରର ଉଭୟ ସମ୍ପ୍ରଦାୟର ଉଗ୍ରବାଦୀ ଗୋଷ୍ଠୀ ପରସ୍ପର ବିରୁଦ୍ଧରେ ଅସ୍ତ୍ରଶସ୍ତ୍ର ପ୍ରୟୋଗ କରିଥିଲା। ଯାହାର ପରିଣତି ସ୍ୱରୁପ ୨୬୦ରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଯିବା ସହ ପୋଡାଜଳା ବ୍ୟାପକ ଧନସମ୍ପତି କ୍ଷୟକ୍ଷତି ହୋଇଥିଲା। ତେବେ ଆଇନ ଶୃଙ୍ଖଳା ପରିସ୍ଥିତି ବଜାୟ ରଖିବା ଲାଗି ସେବା ଓ କେନ୍ଦ୍ରୀୟ ବାହିନୀ ରାଜ୍ୟବ୍ୟାପୀ ପଇଁତରା ସହ ବ୍ୟାପକ ତଲାସୀ ଅଭିଯାନ ଜାରି ରଖିଛନ୍ତି। ନିକଟରେ କେନ୍ଦ୍ରୀୟ ବାହିନୀ କଠୋରପନ୍ଥୀ ଗୋଷ୍ଠୀର ୨୩ଜଣ ସଦସ୍ୟଙ୍କୁ ଗିରଫ କରିବା ସହ ଅସ୍ତ୍ରଭଣ୍ଡାରରୁ ଲୁଟ ହୋଇଥିବା ୪୦ ପ୍ରକାରର ଅସ୍ତ୍ରଶସ୍ତ୍ର ତଥା ବନ୍ଧୁକ, ରାଇଫଲ, ଗେନେଡ, ଗୁଳିଗୋଳା ଆଦି ଜବତ କରିଥିଲା। କହିବା ବାହୁଲ୍ୟ ଯେ, ରାଜ୍ୟରେ ସକ୍ରୀୟ ଅବା ଲଢୁଆ ଗୋଷ୍ଠୀଗୁଡିକ ନିରସ୍ତ୍ର କରିବା ପାଇଁ ସେନା ଓ କେନ୍ଦ୍ରୀୟ ବାହିନୀ ଅଭିଯାନ ଆରମ୍ଭ କରିବା ଜରୁରୀ। ଉଲ୍ଲେଖଯୋଗ୍ୟ ଜାତିଆଣ ଦଙ୍ଗା ପୂର୍ବରୁ ମଣିପୁର ଉଗ୍ରପନ୍ଥୀ ଏବଂ ବିଦ୍ରୋହୀ ଗୋଷ୍ଠୀର ହିଂସାକାଣ୍ଡର ଇତିହାସ ରହିଛି। ଯେଉଁଥିପାଇଁ କି ଏବେ ବି ରାଜ୍ୟରେ ଏନ୍‌ଏଫ୍‌ଏସ୍‌ଏ ଆଇନ ବଳବତର ରହିଛି। ରାଜ୍ୟରେ ଉଭୟ ପ୍ରଭାବଶାଳୀ ସମ୍ପ୍ରଦାୟ ମୈତ୍ରେଇ ଓ କୁକିର ୟୁନାଇଟେଡ ନ୍ୟାଶନାଲ ଲିବରେସନ ଫ୍ରଂଟ, ପିପୁଲସ ଲିବରେସନ ଆର୍ମୀ, କୁକି ନ୍ୟାଶନାଲ ଆର୍ମୀ ଏବଂ ଯୋମୀ ରିଭୋଲେସୁନାରୀ ଆର୍ମୀ ବାହିନୀ ସକ୍ରୀୟ ରହିଛି। ସେହିପରି ଉତର ମଣିପୁରରେ ନ୍ୟାଶନାଲ ସୋସିଆଲଇଷ୍ଟ କାଉନସିଲ ଅଫ ନାଗାଲାଣ୍ଡ ମଧ୍ୟ ତାର ଉପସ୍ଥିତି ଜାହିର କରିଛି। ରାଜ୍ୟରେ ୨୦୨୩ରେ ଜାତିଗତ ଦଙ୍ଗା ଆରମ୍ଭ ହେବା ପରେ ଏହି ଉଗ୍ରପନ୍ଥୀ ଗୋଷ୍ଠୀଗୁଡିକ ପୁନର୍ବାର ସକ୍ରୀୟ ହୋଇପଡିଥିବା ଜଣାଯାଏ। ବିଜେପି ସାଂସଦ ତଥା ତିତୁଲାର ରାଜା ଲେଇସିମ୍ବା ସାଂଜେଓବାଙ୍କ ଦ୍ୱାରା ପ୍ରତିଷ୍ଠିତ ଏଟି ପ୍ରାଥମିକ ଅବସ୍ଥାରେ ଏକ ସାମାଜିକ-ଧାର୍ମିକ ଅନୁଷ୍ଠାନ ଭାବେ କାର୍ଯ୍ୟ କରିଥିଲା। କିନ୍ତୁ ଜାତିଆଣ ଦଙ୍ଗା ପରେ ଏହା ଏକ ଲଢୁଆ ସଂଗଠନରେ ପରିଣତ ହୋଇଯାଇଛି। ଏପରିକି ଏଟି ୨୦୨୪ ଜାନୁୟାରୀରେ ରାଜ୍ୟର ମୈତ୍ରେଇ ସମ୍ପ୍ରଦାୟର ସମସ୍ତ ନିର୍ବାଚିତ ବିଧାୟକ ଓ ଏପରିକି ମନ୍ତ୍ରୀମାନଙ୍କୁ ଏକ ବୈଠକକୁ ସମନ କରିଥିଲା। ଏଥିରୁ ଏଟିର କେତେ ଦବଦବା ରହିଛି, ତାହା ସଂକେତ ପ୍ରଦାନ କରେ। ଏହି ସଂଗଠନ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସେତେବେଳେ ମୁଖ୍ୟମନ୍ତ୍ରୀ ବିରେନ ସିଂହ କଂଗ୍ରେସର ଦାବିକୁ ଅଗ୍ରାହ୍ୟ କରିଦେଇଥିଲେ। ରାଜ୍ୟରେ ଏବେ ରାଷ୍ଟ୍ରପତି ଶାସନ ବଳବତର ଥିବାରୁ କେନ୍ଦ୍ର ସରକାର ଉଭୟ ଗୋଷ୍ଠୀର ବୈଠକ ଡକାଇ ଶାନ୍ତି ସ୍ଥିରତା ବଜାୟ ରଖିବା ସହ ଉଗ୍ରପନ୍ଥୀ ଗୋଷ୍ଠୀଗୁଡିକ ନିରସ୍ତ୍ରକରଣ କରି ସାମାଜିକ ମହାସ୍ରୋତରେ ସାମିଲ କରିବା ଜରୁରୀ।

**ସମ୍ମାନ ଭବନ, ପ୍ଲଟ ନଂ-୫୮/ ୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨ ମୋବାଇଲ ନଂ- ୭୯୭୮୬୬୬୪୦୩**

### ସମ୍ବଲପୁରରେ ବୁଦ୍ଧିଜୀବୀ ସମାବେଶ

# ଗାଁରୁ ଆସୁଥିବା ଚିଠିରୁ ହୁଏ ରାଜ୍ୟର ନୀତି ନିର୍ଦ୍ଧାରଣ: ଉପମୁଖ୍ୟମନ୍ତ୍ରୀ




ସମ୍ବଲପୁର, (ଡିକେ ନ୍ୟୁଜ୍): ଗୁରୁବାର ସମ୍ବଲପୁରରେ ଆୟୋଜିତ ହୋଇଯାଇଛି ବୁଦ୍ଧିଜୀବୀ ସମାବେଶ। ଏଥିରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ କହିଛନ୍ତି ଯେ, ଏବେ ଲୋକଙ୍କ ସରକାର ଅଛି। ଗାଁରୁ ଆସୁଥିବା ଚିଠି ଅନୁସାରେ ରାଜ୍ୟରେ ନୀତି ନିର୍ଦ୍ଧାରଣ ହେଉଛି। ଗରିବର କଲ୍ୟାଣ, କୃଷକର ବିକାଶ, ମହିଳାଙ୍କୁ ସ୍ୱାବଲମ୍ବୀ କରିବାକୁ ମୋହନ ଚରଣ ମାଝୀଙ୍କ ସରକାର ପ୍ରୟାସ କରୁଛନ୍ତି। ନିର୍ବାଚନରେ ୨୧ଟି ପ୍ରତିଶ୍ରୁତି ଦେଇ ସରକାରକୁ ଆସିଲୁ। ଆଉ ଗୋଟିଏ ବର୍ଷ ମଧ୍ୟରେ ସବୁ ପୂରଣ କରିଛୁ ବୋଲି କହିଛନ୍ତି। ସୂଚନା ମୁତାବକ, ମୋହନ ମାଝୀ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ସମ୍ବଲପୁରରେ ବୁଦ୍ଧିଜୀବୀ ସମାବେଶରେ ଉପମୁଖ୍ୟମନ୍ତ୍ରୀ ଯୋଗ ଦେଇଥିଲେ। ଗୋଟିଏ ବର୍ଷ ମଧ୍ୟରେ ରାଜ୍ୟରେ ହୋଇଥିବା ସମସ୍ତ ଉନ୍ନତିକରଣ କାମ, ନୂଆଁ ଯୋଜନା ଏବଂ କାର୍ଯ୍ୟକ୍ରମ ସମ୍ପର୍କରେ ଅଭିଭାଷଣ ରଖିଥିଲେ। ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ଆମେ ସରକାରକୁ ଆସିବା ପରେ ପୁରୀ ଶ୍ରୀଜଗନ୍ନାଥ ମନ୍ଦିରର ୪ ଦ୍ୱାର ଖୋଲାଯାଇଥିଲା। ପ୍ରତି ମହିଳାଙ୍କୁ ସ୍ୱାବଲମ୍ବୀ କରିବାକୁ ସୁଭଦ୍ରା ଯୋଜନାରେ ଆକାଉଣ୍ଟରେ ଟଙ୍କା ଦିଆଯାଇଛି। ବର୍ଷକୁ ୧୦ ହଜାର ଟଙ୍କା ଦେଇ ସେମାନଙ୍କ ରୋଜଗାର ବୃଦ୍ଧି କରାଯାଇଛି। ମହିଳା ସଶକ୍ତିକରଣ ଦିଗରେ ୧୭ ଲକ୍ଷ ଲକ୍ଷ୍ୟପତି ଦିଦି ସୃଷ୍ଟି କରାଯାଇଛି। ଏହା ଫଳରେ ପ୍ରତିଟି ପରିବାରର ଆର୍ଥିକ ସଶକ୍ତ ହୋଇଛନ୍ତି। ଆମ ସରକାରରେ କୃଷି ଓ କୃଷକକୁ ପ୍ରାଧାନ୍ୟ ଦିଆଯାଇଛି। ଯାହାକି ମୋହନ ସରକାର ଆସିବା ମାତ୍ରେ ଚାଷୀଙ୍କୁ ଧାନ କ୍ୱିଣ୍ଟାଲ ପିଛା ୮୦୦ ଟଙ୍କା ଅଧିକ ଦେଲେ। ଡବଲ ଇଞ୍ଜିନ ସରକାରରେ ଚାଷୀ ହସିଲେ। ଏବେ ରାଜ୍ୟରେ କେବଳ ଭୁବନେଶ୍ୱର ନୁହେଁ ପ୍ରତି ସ୍ଥାନକୁ ଗୁରୁତ୍ୱ ଦିଆଯାଇଛି। ଯାହାକି ସମ୍ବଲପୁରରେ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି କାର୍ଯ୍ୟକ୍ରମରୁ ସ୍ପଷ୍ଟ ହୋଇଛି। ସମ୍ବଲପୁରକୁ ପର୍ଯ୍ୟଟନ କ୍ଷେତ୍ରରେ ବିକଶିତ କରାଯାଉଛି। ପର୍ଯ୍ୟଟନ ବିକାଶ କରି ସ୍ଥାନୀୟ ଅର୍ଥନୀତିକୁ ମଜବୁତ କରାଯିବାକୁ ଲକ୍ଷ୍ୟ ରହିଛି। ଏଥିପାଇଁ କାମ ଆରମ୍ଭ ହୋଇସାରିଛି। ମୋ ସ୍ୱପ୍ନର ସମ୍ବଲପୁର ସାଧାରଣ ଲୋକ ଦେଖିବା ଉଚିତ। ଏହାସହ ପ୍ରଭାତୀ ପରିଡ଼ା କହିଛନ୍ତି, ଏବେ ଡବଲ ଇଞ୍ଜିନ ସରକାର ଚାଲିଛି। ୨ ସରକାରଙ୍କ ମଧ୍ୟରେ ଭଲ ସମନ୍ୱୟ ସହ ଦ୍ରୁତ ଗତିରେ ଅଭିବୃଦ୍ଧି ହେଉଛି। ରାଜ୍ୟରେ ସରକାର କରିବା ପରେ ଆୟୁଷ୍ମାନ ଯୋଜନା ଲାଗୁ କରାଗଲା। ଓଡ଼ିଆ ଅସ୍ମିତା ପାଇଁ ୨୦୦ କୋଟି ଖର୍ଚ୍ଚ କରାଯାଇଛି। ଖୁବ ଶୀଘ୍ର ଓଡ଼ିଆ ଅସ୍ମିତା ଭବନ ତିଆରି ହୋଇଛି ବୋଲି କହିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଜେପି ରାଜ୍ୟ ଉପସଭାପତି ନାଉରୀ ନାୟକ, ପ୍ରଫୁଲ୍ଲ ହୋତା ଉପସ୍ଥିତ ହୋଇଥିଲେ। ଏହାପରେ ମୋହନ ସରକାରଙ୍କ ଏକ ବର୍ଷ ଓ ମୋଦି ସରକାରଙ୍କ ୧୧ ବର୍ଷ ପୂର୍ତ୍ତି ଅବସରରେ ସାମ୍ବାଦିକ ସମ୍ମିଳନୀ କରିଥିଲେ। ଏଥିରେ ଉଭୟ ରାଜ୍ୟ ଓ କେନ୍ଦ୍ରରେ ହୋଇଥିବା ସଫଳ ଯୋଜନାର ହିସାବ ରଖିଥିଲେ। ଗୋଟିଏ ବର୍ଷରେ ସରକାର ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଉପମୁଖ୍ୟମନ୍ତ୍ରୀ କହିଥିଲେ। ସାମ୍ବାଦିକ ସମ୍ମିଳନୀରେ ଉପମୁଖ୍ୟମନ୍ତ୍ରୀ ନାଉରୀ ନାୟକଙ୍କ ସହ ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ଓ ବିଜେପୁର ବିଧାୟକ ସନତ ଗଡତିଆ ଉପସ୍ଥିତ ଥିଲେ।

## ବିଜେପିର ୨୧ଟି ଇସ୍ତାହାର ଦେଇ ଆସିଥିବା ବେଳେ ୧୧ଟି ପୂରଣ




ବ୍ରହ୍ମପୁର, (ଡିକେ ନ୍ୟୁଜ୍): ଗୁରୁବାର ବିଜେପି ସରକାର କେନ୍ଦ୍ରରେ ୧୧ ବର୍ଷ ଓ ଓଡ଼ିଶାରେ ଗୋଟିଏ ବର୍ଷ ପୂରଣ କରିଛି। ଏହି ଅବସରରେ ବ୍ରହ୍ମପୁରରେ ଏନେଇ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିବା ବେଳେ ଏଥିରେ ମୁଖ୍ୟଅତିଥି ଭାବେ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଯୋଗ ଦେଇଥିଲେ। କେନ୍ଦ୍ରରେ କିଭଳି ୧୧ ବର୍ଷ ଧରି ବିଜେପି ସରକାର ରହିଆସିଛି ଓ କ'ଣ ସବୁ ଯୋଜନା କରିଛି ତାହାର ତଥ୍ୟ ରଖିଥିଲେ ଉପ ମୁଖ୍ୟମନ୍ତ୍ରୀ। ବେଟି ବାଚାଓ ବେଟି ପାଢାଓ, ଉଜ୍ୱାଲା ଯୋଜନା, ଧାରା ୩୭୦ ଉଚ୍ଛେଦ ଭଳି ଅନେକ ଯୋଜନା କରିଛନ୍ତି ପ୍ରଧାନମନ୍ତ୍ରୀ। ଆଉ ଏହି ସବୁ ଯୋଜନା ମହିଳାଙ୍କ ସୁରକ୍ଷିତ ଓ ସୁସ୍ଥ ଜୀବନଯାପନ ପାଇଁ ହୋଇଛି। କେବଳ ମହିଳା ନୁହେଁ ବରଂ ପ୍ରଧାନମନ୍ତ୍ରୀ କୃଷି, ଶ୍ରମିକ, ସ୍ୱାସ୍ଥ୍ୟ, ଶିକ୍ଷା ଭଳି ବିଭିନ୍ନ କ୍ଷେତ୍ରରେ ଅନେକ ଯୋଜନା କରିଛନ୍ତି। ଯାହାର ଲାଭ ପାଇ ବେଶ ଉପକୃତ ହେଉଛନ୍ତି ଭାରତବାସୀ। ଠିକ ସେହିପରି ବିଜେପି ସରକାର ଓଡ଼ିଶାକୁ ଆସିବା ପରେ ୨୧ଟି ଇସ୍ତାହାର ଦେଇ ଆସିଥିବା ବେଳେ ସେଥିରୁ ୧୧ଟି ପୂରଣ କରିଛି। ପ୍ରଥମ କ୍ୟାବିନେଟରେ ଚାରୋଟି ପ୍ରସ୍ତାବ ମଞ୍ଜୁର କରିଥିଲେ ବିଜେପି ସରକାର। ପୁରୀ ଶ୍ରୀମନ୍ଦିରର ଚାରି ଦ୍ୱାର ଖୋଲିବା, କର୍ପୋସ ପାଣ୍ଠିରୁ ୫୦୦ କୋଟି ଟଙ୍କା ମହାପ୍ରଭୁଙ୍କ ମନ୍ଦିରର ଉନ୍ନତି ପାଇଁ ପ୍ରଦାନ, ମହାପ୍ରଭୁଙ୍କ ରତ୍ନଭଣ୍ଡାର ଖୋଲାଯିବା ଓ ଚତୁର୍ଥ ହେଉଛି ମହିଳାଙ୍କୁ ଆର୍ଥିକ କ୍ଷେତ୍ରରେ ସଶକ୍ତିକରଣ ନିମନ୍ତେ ସୁଭଦ୍ରା ଯୋଜନାକୁ କାର୍ଯ୍ୟକାରୀ କରାଯାଇଛି। ଏହି ଚାରୋଟି ପ୍ରସ୍ତାବ ମଞ୍ଜୁର ହେବା ପରେ ସବୁ କ୍ଷେତ୍ରର ଲୋକେ ଉପକୃତ ହୋଇପାରିଛନ୍ତି। ସେହିପରି ଓଡ଼ିଶାରୁ ଶ୍ରମିକ ଭାବେ କାମ କରିବାକୁ ବାହାର ରାଜ୍ୟକୁ ଯାଉଥିବା ଲୋକଙ୍କୁ କିଭଳି ନିଜ ରାଜ୍ୟରେ ନିଯୁକ୍ତି ମିଳିପାରିବ ସେ ନେଇ ଅନେକ କମ୍ପାନୀମାନେ ଗତ ଏକ ବର୍ଷ ମଧ୍ୟରେ ଓଡ଼ିଶାକୁ ଆସିଛନ୍ତି। ବର୍ତ୍ତମାନ ଓଡ଼ିଶା ଆୟୁଷ୍ମାନ ଯୋଜନା ମଧ୍ୟ ଲାଗୁ କରାଯାଇଛି। ଯାହାକି ଓଡ଼ିଶାର ଯେଉଁ ଗାଁର ଲୋକ ବି ସାରା ଦେଶରେ ଯେଉଁଠି ବି ଯାଇ ଏହି କାର୍ଡ ଯୋଗେ ଚିକିତ୍ସା ସେବା ପାଇପାରିବେ। ଏଭଳି ଏକ ବର୍ଷରେ ଅନେକ ଜନହିତକର ଯୋଜନା ବିଜେପି ସରକାର କରିଥିବା ବେଳେ ଆସନ୍ତା ଚାରି ବର୍ଷ ମଧ୍ୟରେ ଇସ୍ତାହାରରେ ପ୍ରଦାନ କରିଥିବା ସମସ୍ତ ଯୋଜନାକୁ କାର୍ଯ୍ୟକାରୀ କରାଯିବ ବୋଲି କହିଛନ୍ତି ଉପ ମୁଖ୍ୟମନ୍ତ୍ରୀ। କାର୍ଯ୍ୟକ୍ରମକୁ ବ୍ରହ୍ମପୁର ସାଂସଦ ଡ.ପ୍ରଦୀପ ପାଣିଗ୍ରାହୀ ପରିଚାଳନା କରିଥିବା ବେଳେ ଜିଲ୍ଲାର ବହୁ ବିଧାୟକମାନେ ଯୋଗ ଦେଇଥିଲେ।

## ମା' ରାମଚଣ୍ଡୀ ମନ୍ଦିର କମିଟି ପକ୍ଷରୁ ଉପ-ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା

ଛତ୍ରପୁର, (ଡିକେ ନ୍ୟୁଜ୍): ଗଞ୍ଜାମ ଜିଲ୍ଲାର ପ୍ରସିଦ୍ଧ ତଥା ଅନ୍ୟତମ ଶକ୍ତିପୀଠ ନିଳାଦ୍ରୀପୁରର ପାହାଡ଼ ଶୀର୍ଷରେ ଅବସ୍ଥାନ କରିଥିବା ବିନ୍ଧ୍ୟବାସିନୀ ମା'ରାମଚଣ୍ଡୀ ମନ୍ଦିରର ସାମୁହିକ ଉନ୍ନୟନ ଉଦ୍ଦେଶ୍ୟରେ ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ପ୍ରକାଶ ଯୋଗ୍ୟ ଯେ, ମା' ରାମଚଣ୍ଡୀ ମନ୍ଦିର କମିଟି ତରଫରୁ ଗୁରୁବାର ବ୍ରହ୍ମପୁର ଠାରେ ପରିଚାଳନା କମିଟି ସମ୍ପାଦକ ରବିନ୍ଦ୍ର କୁମାର୍ ପଣ୍ଡାଙ୍କ ନେତୃତ୍ୱରେ ଗଞ୍ଜାମ ଗସ୍ତରେ ଆସିଥିବା ଓଡିଶାର ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କୁ ମା'ଙ୍କ ପଟ୍ଟଚିତ୍ର ସହ ଉପଢୌକନ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ପରିପ୍ରେକ୍ଷୀରେ ମନ୍ଦିର ପରିସରରେ ସୋନ୍ଦର୍ଯ୍ୟକରଣ ଭିତ୍ତିରେ ଆଦର୍ଶ ଉଦ୍ୟାନ ପାଇଁ ୩ ଏକର ଜମିରେ ଏକ ସ୍ୱତନ୍ତ୍ର ଫୁଲବଗିଚା ପାଇଁ ପ୍ରସ୍ତାବ ଦିଆଗଲା। ଏହାକୁ ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଅନୁମୋଦନ ଲାଭ କରିଥିବା ନେଇ ବିଭିନ୍ନ ମହଲରେ ଖୁସିର ଲହରୀ ଖେଳିଯାଇଛି। ଯାହାକି, ଯେଉଁ ବଗିଚା ଅବା ଉଦ୍ୟାନ ଗଠନ ହେଲେ ସାରା ଗଞ୍ଜାମ ଜିଲ୍ଲାର ସମସ୍ତ ଶକ୍ତିପୀଠ ଓ ଶୈବ ପୀଠକୁ ଆବଶ୍ୟକ ଫୁଲ, ବେଲପତ୍ର ଓ ତୁଳସୀ ଇତ୍ୟାଦି ସମସ୍ତ ଆଧାତ୍ମିକ କାର୍ଯ୍ୟ ପାଇଁ ଯୋଗାଇ ଦିଆଯାଇପାରିବ ବୋଲି ଆଶା ବ୍ୟକ୍ତ କରାଯାଇଛି। ଏ ସମ୍ପର୍କରେ ଉପ-ମୁଖ୍ୟମନ୍ତ୍ରୀ ଠାରେ ଆଲୋକପାତ କରାଯାଇଛି। ଏହି ସାକ୍ଷାତ ଆଲୋଚନା ବେଳେ ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମପୁର ସାଂସଦଙ୍କ ପ୍ରତିନିଧି ଦିପ୍ତୀଶ ପଟ୍ଟନାୟକ, ରାଜେନ୍ଦ୍ର ପଲେଇ ପୂଜାକମିଟି କାର୍ଯ୍ୟକାରୀ ସଭାପତି ଦିବାକର ନାୟକ, ପୂଜାକମିଟି ସମ୍ପାଦକ କୃଷ୍ଣ ଚନ୍ଦ୍ର ନାୟକ (ମହାରାଜ), କୁଞ୍ଜ ନାୟକ, ସୁଧୀର ମହାରଣା, ବଂଶୀଧର ନାୟକ, ଦଣ୍ଡପାଣି ମହାରଣା, ବରୁଣ ଚୌଧୁରୀ, ଉତ୍ତମ ନାୟକ ଉପସ୍ଥିତ ଥିଲେ। କମିଟିର ପ୍ରସ୍ତାବକୁ ସ୍ୱାଗତ କରିବା ସହ ଅତିଶୀଘ୍ର ଏଥିପାଇଁ ପଦକ୍ଷେପ ନିଆଯିବ ବୋଲି ଉପ-ମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ସ୍ୱୀକୃତି ଜଣାଇଲେ।

## ଛାତ୍ରଛାତ୍ରୀଙ୍କ ବସରେ ୫୦ପ୍ରତିଶତ ରିହାତି ଦାବି

ସମ୍ବଲପୁର, (ଡିକେ ନ୍ୟୁଜ୍): ସମ୍ବଲପୁର ଜିଲ୍ଲା ଛାତ୍ର କଂଗ୍ରେସ ପକ୍ଷରୁ ଆରଟିଓ ଅଫିସ ଘେରାଉ କରିଯାଇଛି। ରାଜ୍ୟରେ ଛାତ୍ରଛାତ୍ରୀଙ୍କ ପାଇଁ ଓଡିଶା ସରକାରୀ ପରିବହନରେ ମାଗଣା ସୁବିଧା ଏବଂ ଘରୋଇ ପରିବହନରେ ୫୦ ପ୍ରତିଶତ ରିହାତି ସୁବିଧା ଦାବି କରାଯାଇଛି। ରେଙ୍ଗାଲି ବିଧାୟକ ପ୍ରାର୍ଥୀ ତଥା ରାଜ୍ୟ ସମ୍ପାଦକ ଦିଲ୍ଲୀପ ଦୁରିଆଙ୍କ ନେତୃତ୍ୱରେ ଏକ ରାଲି ବାହାରି ଆରଟିଓ ଅଫିସରେ ପହଁଚିଲା। ଆଞ୍ଚଳିକ ପରିବହନ ଅଧିକାରୀ ରାମଦାସ ଟୁଡୁଙ୍କୁ ଏନେଇ ଏକ ଦାବିପତ୍ର ପ୍ରଦାନ କରିଯାଇଥିଲା। ଏହି ଅବସରରେ ଅଙ୍କିତ ପ୍ରଧାନ, ପ୍ରଦୀପ ହଲେତ, ସୁରଜ ପ୍ରଧାନ, ରଞ୍ଜନ ଭୁଏ, ସଚିନ ପ୍ରଧାନ, ଆକାଶ ପ୍ରଧାନ, କ୍ଷୀରୋଦ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଶତକଡା ୯୦ ପ୍ରତିଶତ ରଖିଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ସୋରଡ଼ା, (ଡିକେ ନ୍ୟୁଜ୍): ଦେବସ୍ନାନ ପୂର୍ଣ୍ଣିମା ଅବସରରେ ସୋରଡ଼ା ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀ ପରୀକ୍ଷାରେ ୯୦ ପ୍ରତିଶତ ମାର୍କ ରଖିଥିବା ସମସ୍ତଙ୍କୁ ଭୁବନେଶ୍ୱରର ଭବିଶ୍ୱ ସଂଗଠନ ତରଫରୁ ସୋରଡ଼ା ରାଜା ସାହେବ ଦେବଦତ୍ତ ସିଂହଦେ ଓ ତାଙ୍କର ଷଧର୍ମିଣୀ ଶ୍ରୀମତୀ ସିଂଦେଓ ଉଭୟେ କୃତୀ ଛାତ୍ରଛାତ୍ରୀମାନଙ୍କୁ ସମ୍ମାନିତ କରିବା ସହ ଟ୍ରଫି ମଧ ପ୍ରଦାନ କରିଥିଲେ। ଏହି ମହତ ଦିବସରେ ସୋରଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷ ଶିବଶଙ୍କର ପଣ୍ଡା, ବରିଷ୍ଟ ଶିକ୍ଷାବିତ ତଥା ପଶ୍ଚିମ ଓଡିଶା ବିଶ୍ୱବିଦ୍ୟାଳୟର ଅବସର ପ୍ରାପ୍ତ କୁଳପତିଶ୍ରୀ ଶିବ ଶଙ୍କର ଅଧିକାରୀ, ବରିଷ୍ଟ ସମାଜ ସେବୀ ପ୍ରମୋଦ କୁମାର ବେବେର୍ତ୍ତା ପଟ୍ଟନାୟକ, ବରିଷ୍ଟ ନାଗରିକ ସଂଘର କର୍ମକର୍ତ୍ତା ଉମା ଶଙ୍କର ଦାସ, ବରିଷ୍ଟ ଆଇଞ୍ଜ ତଥା ସେବାୟତ ପ୍ରଭାତ କୁମାର ପାଢ଼ୀଙ୍କ ସମେତ ବିଜ୍ଞାପିତ ଅଞ୍ଚଳର ଯୁବ ୮ୱାର୍ଡର ସଭ୍ୟ ରଜନୀକାନ୍ତ ମହାପାତ୍ରଙ୍କ ସମେତ ଉକ୍ତ ଛାତ୍ରଛାତ୍ରୀମାନଙ୍କର ଅଭିଭାଭିକମାନେ ମଧ ଉପସ୍ଥିତ ଥାଇ ନିଜକୁ ଧନ୍ୟ ମନେକରି ଥିଲେ। ସୋରଡ଼ା ରାଜ ପରିବାର ତରଫରୁ ଉକ୍ତ ମହତ କାର୍ଯ୍ୟ ପାଇଁ ସହରରେ ବୁଦ୍ଧିଜୀବୀଙ୍କ ମଧ୍ୟରେ ଏହାର ଚର୍ଚ୍ଚା ଜୋର ଧରିଛି।

# ଏକାଧିକ ଘରୁ ସୁନା ଗହଣା ଚୋରି, ୪ ଗିରଫ




ସମ୍ବଲପୁର, (ଡିକେ ନ୍ୟୁଜ୍): ବୁର୍ଲା ଥାନା ଅଞ୍ଚଳର ଏକାଧିକ ଘରୁ ସୁନା ଚୋରି ଘଟଣାର ପର୍ଦ୍ଦାଫାସ ହୋଇଛି। ଏହି ଅଭିଯୋଗରେ ପୋଲିସ ୪ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଯୋଗ୍ୟ, ବୁର୍ଲା ସହର ଫ୍ରେଣ୍ଡସ୍ କଲୋନିରେ ଭଡ଼ାରେ ରହୁଥିବା ନିଳିମା ସାହୁଙ୍କ ପରିବାର ସଦସ୍ୟ ଏପ୍ରିଲ ୧୨ ତାରିଖରେ ନିଜ ଗାଁ ବରଗଡ଼ ଜିଲ୍ଲା ସୋହେଲାକୁ ଯାଇଥିଲେ। ଏପ୍ରିଲ ୧୪ ତାରିଖରେ ପରିବାର ସହ ଫେରି ଘରର ତାଲା ଭଙ୍ଗା ଯାଇଥିବା ଦେଖିଥିଲେ। ଆଲମିରାରୁ ୩ଟି ନେକ୍ଲେସ୍, ୫ଟି ମୁଦି, ୨ଟି ଚୁଡ଼ି, ୩ଟି ଲକେଟ ସହ ଚେନ, ୩ ହଳ କାନଫୁଲ, ଗୋଟିଏ ହଳ କାନ ରିଙ୍ଗ, ୨ ସେଟ ମଙ୍ଗଳସୂତ୍ର, ହୀରାଖଚିତ ଗୋଟିଏ ନାକ ପିନ୍, ୫ଟି ରୂପା ପାଉଞ୍ଜି ଓ ୨ ସେଟ ମୁଦି ଚୋରି ହୋଇଥିବା ଜାଣିବା ପରେ ବୁର୍ଲା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୋଲିସ ୧୫୭/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା ଓ ତଦନ୍ତ ବେଳେ ଘଟଣା ଦିନ ବୁର୍ଲା ସହରର ଜଣେ ନାବାଳକ ଓ ଆ.କଟାପାଲିର ପୁରୁଷୋତ୍ତମ ଲୁହା (୩୩) ସଂପୃକ୍ତ ଘର ନିକଟରେ ବୁଲାବୁଲି କରୁଥିବା ପୋଲିସ ଚିହ୍ନଟ କରିଥିଲା। ସେମାନେ ହୀରାକୁଦ ରେଳ ଷ୍ଟେସନ ନିକଟର ବୁଲାବୁଲି କରୁଥିବା ସୂଚନା ମିଳିବା ପରେ ଚଢ଼ଉ କରି ଉଭୟଙ୍କୁ ଧରିଥିଲା। ପଚରାଉଚୁରା ବେଳେ ନାବାଳକ ଜଣକ ଧାରାବାହିକ ଚୋରି କରିଥିବା ବିଷୟ କହିଥିଲା। ପୂର୍ବରୁ ସେ ଏକ ଢାବାରେ କାମ କରୁଥିବା ବେଳେ ଜୟପ୍ରଭା ପଟ୍ଟନାୟକଙ୍କ ଘର ତାଲା ଭାଙ୍ଗି ସୁନା, ରୂପା ଅଳଙ୍କାର ସହ ଗୋଟିଏ ସାମସଙ୍ଗ ଟ୍ୟାବ ଓ ୨୦ ହଜାର ଟଙ୍କା ଚୋରି କରିଥିବା କହିଥିଲା। ଦୁଇ ମାସ ପୂର୍ବରୁ ସହଯୋଗୀ ପୁରୁଷୋତ୍ତମ ସହ ଭିମ୍ସାର ଡାକ୍ତର କଲୋନିର ଏକ କ୍ୱାଟର୍ସର ପଛପଟ ଝରକା ଭାଙ୍ଗି ୩ ହଳ କାନ ରିଙ୍ଗ ଓ ଅଢ଼େଇ ହଜାର ଟଙ୍କା ଚୋରି କରିଥିଲା। ଏଥିସହିତ ପୁରୁଷୋତ୍ତମ ସହ ମିଶି ୧୩ ଏପ୍ରିଲ ରାତି ୧୨ଟାରେ ଫ୍ରେଣ୍ଡସ କଲୋନିର ଏକ ଘରର ତାଲା ଭାଙ୍ଗି ୧୦ ହଜାର ଟଙ୍କା ଚୋରି କରିଥିଲା। ତା'ପରେ ନିଳିମା ସାହୁଙ୍କ ଘରୁ ସୁନା ଓ ରୂପା ଅଳଙ୍କାର ଚୋରି କରିଥିବା ସ୍ୱୀକାର କରିଛି। ଚୋରି ସାମଗ୍ରୀକୁ ଦୁହେଁ ସମ୍ବଲପୁର ଝାଡୁଆପଡ଼ାର ସାହିଲ ନାଏକଙ୍କୁ ହସ୍ତାନ୍ତର କରିଥିଲେ। ତା'ପରେ ବାଲିବନ୍ଧା ରାମଜୀ ମନ୍ଦିର ନିକଟ ସଞ୍ଜୟ ଜେନାଙ୍କ ସହ ମିଶି ମାରୱାଡ଼ିପଡ଼ାର ଅଳଙ୍କାର କାରିଗର ଆକାଶ ପାଟିଲ ପାଖକୁ ନେଇ ତରଳାଇ ୧୩୮ ଗ୍ରାମ ୪୦୦ ମିଲିଗ୍ରାମର ସୁନା ବିସ୍କୁଟ ତିଆରି କରିଥିଲେ। ଅଭିଯୁକ୍ତ ପୁରୁଷୋତ୍ତମ ସହ ସମଗ୍ର ଘଟଣାକ୍ରମରେ ସମ୍ପୃକ୍ତ ଥିବା ସାହିଲ, ସଞ୍ଜୟ ଓ ଆକାଶଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ନାବାଳକକୁ ତାର ଅଭିଭାବଙ୍କ ଉପସ୍ଥିତିରେ ମହିଳା ଓ ଶିଶୁ ଡେସ୍କରେ ଉପସ୍ଥାପନ କରାଯାଇଛି। ଅଭିଯୁକ୍ତମାନେ ବୁର୍ଲା ଥାନାର ଅନ୍ୟ ମାମଲାରେ ମଧ ଜଡ଼ିତ ଥିବା ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି।

## ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପକ୍ଷରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ

ସମ୍ବଲପୁର, (ଡିକେ ନ୍ୟୁଜ୍): ସମ୍ବଲପୁର ପଡିଆବାହାଲ ଦୟାନନ୍ଦ ପବ୍ଲିକ ସ୍କୁଲରେ ଅନୁଷ୍ଠିତ ହେଉଥିବା ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ପଞ୍ଚ ଦିବାସୀୟ ପ୍ରଶିକ୍ଷଣ ଶିବିର ଅବସରରେ ଗୁରୁବାର ଏକ ସ୍ୱଚ୍ଛତା ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାର୍ଥନା ଓ ଅଭ୍ୟାସ କାର୍ଯ୍ୟକ୍ରମ ପରେ ପଡ଼ିଆବାହାଲ ସ୍ଥିତ ଆରୋଗ୍ୟ ମନ୍ଦିର ପରିସରକୁ ଗୁରୁବାର ସକାଳ ୭.୩୦ ମିନିଟରୁ ୯.୦୦ ଘଣ୍ଟା ପର୍ଯ୍ୟନ୍ତ ସଫେଇ କରାଯାଇଥିଲା। ଏହାକୁ ଆନୁଷ୍ଠାନିକ ଭାବେ ଆରୋଗ୍ୟ କେନ୍ଦ୍ରର ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଲୋକନାଥ ପ୍ରଧାନ ଉଦଘାଟନ କରିବା ପରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଙ୍ଘର ଶତାଧିକ ଶିବିରର୍ଥୀ ଏହି ସ୍ୱଚ୍ଛତା ଅଭିଯାନରେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମ ସଂଯୋଜକ ଶ୍ରୀମନ୍ତ ପ୍ରଧାନଙ୍କ ନେତୃତ୍ୱରେ ଆୟୋଜିତ ହୋଇଥିବା ଏହି ଅଭିଯାନରେ ଅଞ୍ଚଳର ସମାଜସେବୀ ଡାକ୍ତର ରାଜାରାମ ଷଡ଼ଙ୍ଗୀ, ଦୟାନନ୍ଦ ପବ୍ଲିକ ସ୍କୁଲର ମୁଖ୍ୟ ସଂଯୁକ୍ତା ପାଣିଗ୍ରାହୀ, ଫାର୍ମାସିଷ୍ଟ ପ୍ରଶାନ୍ତ ସାହୁ, ଟିଂକି ପ୍ରଧାନ, କପିଳ ପ୍ରଧାନ, ଅରବିନ୍ଦ ନାୟକ, ଅକ୍ଷୟ ଭାଇ, ନରେଶ ପ୍ରଧାନ ପ୍ରମୁଖଙ୍କ ସହିତ ଆରୋଗ୍ୟ କେନ୍ଦ୍ରର କର୍ମଚାରୀମାନେ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

## ଖବର ପ୍ରସାରଣ ପରେ ଠିକାଦାରଙ୍କୁ ତାଗିଦ୍ କଲେ ବିଭାଗୀୟ ଅଧିକାରୀ

କଣ୍ଟାପଡ଼ା, (ଡିକେ ନ୍ୟୁଜ୍): କଟକ ଜିଲ୍ଲା କଣ୍ଟାପଡ଼ା ବ୍ଲକର ଇଚ୍ଛାପୁର ଓ ଉରାଡ ଚାଷ ଜମିରେ ନିର୍ମିତ ହେଉଥିବା କାଡ଼ା କାମରେ ବ୍ୟବହାର ହେଉଥିବା ସିମେଣ୍ଟ ଓ ରଡ୍ ନିମ୍ନମାନର ଥିବା ଅଭିଯୋଗ ପରେ ବିଭାଗୀୟ ଅଧିକାରୀ ଠିକାଦାରଙ୍କୁ ତାଗିଦ୍ କରିଥିବା ସୂଚନା ମିଳିଛି। ସୂଚନା ଥାଉକି, କଣ୍ଟାପଡ଼ା ବ୍ଲକର ଇଚ୍ଛାପୁର ଏବଂ ଉରାଡ ଚାଷ ଜମିରେ ଚାଲିଥିବା କାଡ଼ା କାମ ଅତି ନିମ୍ନମାନର ହେଉଥିବା ଚାଷୀ ଅଭିଯୋଗ କରିବା ପରେ ଗତ ୯ ତାରିଖରେ ଖବର ପ୍ରସାରଣ ହୋଇଥିଲା। ଏହାକୁ ନଜରରେ ରଖି ଉଚ୍ଚସ୍ତରୀୟ ୫ ଜଣିଆ ଟିମ୍ ବିଭାଗୀୟ ଅଧିକାରୀ ଉକ୍ତ କାର୍ଯ୍ୟ ନିକଟରେ ପହଞ୍ଚିଥିଲେ। ଉକ୍ତ ବିଭାଗର ଜେଇ, ଏସ୍‌ଡିଓ, କନିଷ୍ଠ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ, ନିର୍ବାହୀ ଯନ୍ତ୍ରୀ ଆଦି ଠିକାଦାରଙ୍କୁ ତାଗିଦ୍ କରିଛନ୍ତି।

## ଫୋଟୋ ଉଠାରେ ଶେଷ ହେଲା ବିକଶିତ କୃଷି ଅଭିଯାନ

ଯାଜପୁର, (ଡିକେ ନ୍ୟୁଜ୍): ବିକଶିତ କୃଷି ସଂକଳ୍ପ ଅଭିଯାନ ମାଧ୍ୟମରେ ଚାଷୀମାନଙ୍କୁ ଉନ୍ନତ ଚାଷ ସମ୍ପର୍କୀୟ ଜ୍ଞାନ କୌଶଳ ଓ ଚାଷ ପ୍ରଣାଳୀରେ ସଚେତନ କରାଯିବା ପାଇଁ କୃଷି ଅଧିକାରୀ, କୃଷି ବୈଜ୍ଞାନିକମାନେ ବିଭିନ୍ନ ପଞ୍ଚାୟତର କାର୍ଯ୍ୟକର୍ମ କରିଆସୁଛନ୍ତି। ଏହି କ୍ରମରେ ବରୀ କୃଷି ବିଭାଗ ସଂଯୋଜନାରେ ବୁଧବାର ଅପରାହ୍ନରେ ବରୀ ବ୍ଲକ ବାଇଁଶିରିଆ ପଞ୍ଚାୟତରେ ଏକ କାର୍ଯ୍ୟକ୍ରମ କରାଯାଇଥିଲା। ଯେହେତୁ କୃଷି ବିଷୟରେ ଏହି ଆଲୋଚନା ହେବ, ଏଥିରେ ଶତାଧିକ କୃଷକ ଓ ମହିଳା ଯୋଗ ଦେଇଥିଲେ। ବିଭାଗ ପକ୍ଷରୁ ଚାଷୀମାନଙ୍କ କୌଣସି ପ୍ରଶ୍ନର ଉତ୍ତର ଦେଇ ନଥିଲେ ଅଧିକାରୀମାନେ। ଯାହାକି ବହୁ କୃଷକ ଅସନ୍ତୋଷ ପ୍ରକାଶ କରିଛନ୍ତି। ଖାଲି ଫୋଟୋ, ଭିଡିଓ ଉଠାଇ ଜଳଖିଆ ପ୍ୟାକେଟ ଧରାଇ ଖୁବ ଅଳ୍ପ ସମୟ ବ୍ୟବଧାନରେ ସଭା ସାଙ୍ଗ କରିବା ସ୍ଥାନୀୟ ଚାଷୀଙ୍କୁ ବ୍ୟତିତ କରିଥିବା ଦେଖିବାକୁ ମିଳିଛି। ସରକାର ଯଦି ଚାଷୀଙ୍କ ହିତ ପାଇଁ ଚାହୁଁଛନ୍ତି ତେବେ ଚାଷ ସମ୍ବନ୍ଧୀୟ କାର୍ଯ୍ୟକର୍ମ କରାଇ ଚାଷୀକୁ ସହଯୋଗ କରନ୍ତୁ ଖାଲି ଫୋଟୋ ଉଠାଇ ବିଲ କରି ସରକାରୀ କାର୍ମଚାରୀଙ୍କ ପକେଟ ଦୁଇ ଗୁଣା ନ କରିବାକୁ ବୁଦ୍ଧିଜୀବି ପରାମର୍ଶ ଦେଇଛନ୍ତି। ବରୀ କୃଷି ବିଭାଗ କେବେବି ଚାଷୀଙ୍କ ହିତରେ କାମ କରିବାର ନଜିର ଆସିନି। ବିଭାଗର ଅଧିକାରୀମାନଙ୍କୁ ଯୋଗାଯୋଗ କଲେ କେବେବି ସୁଫଳ ମିଳିନି ବୋଲି ବହୁ ଚାଷୀ ଅଭିଯୋଗ କରିଛନ୍ତି।

# ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ବିକାଶ ବାହାନ ଯାତ୍ରାର ଶୁଭାରମ୍ଭ




ଧର୍ମଗଡ଼, (ଡିକେ ନ୍ୟୁଜ): ରାଜ୍ୟରେ ବିଜେପି ସରକାର ୧ ବର୍ଷ ଗୁରୁବାର ପୂରଣ ହୋଇଥିବା ବେଳେ ଏହି ସ୍ମରଣୀୟ ଦିନକୁ ପାଳନ ପାଇଁ ପ୍ରତି ବ୍ଲକସ୍ତରରେ ପ୍ରଶାସନ ପକ୍ଷରୁ ରାଜ୍ୟ ସରକାରଙ୍କ ୧ ବର୍ଷର ଉପଲବ୍ଧି ଲୋକାଭିମୁଖୀ ଯୋଜନା ବିକାଶତ ଗାଁ ବିକାଶିତ ଓଡିଶା 'ସୁଭଦ୍ରା ଯୋଜନା', 'ଅନ୍ତୋଦୟ ଗୃହ ଯୋଜନା', ଆଦିବାସୀ ଏବଂ ଏସସି କଲ୍ୟାଣ, ଯୁବକମାନଙ୍କ ପାଇଁ ଦକ୍ଷତା ବିକାଶ ଏବଂ ବିଭିନ୍ନ କ୍ରୀଡ଼ାର ପ୍ରୋତ୍ସାହନ, କୃଷି ପାଇଁ ସବସିଡି, ଜାତୀୟ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ନୀତି -୨୦୨୦, ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ଯୋଜନା, ଶିଶୁ ବାଟିକା କାର୍ଯ୍ୟକ୍ରମ ଯୋଜନାକୁ ଗାଁ ଗାଁରେ ପହଞ୍ଚିବା ପାଇଁ ବିକାଶ ବାହାନ ଯାତ୍ରାର ଶୁଭାରମ୍ଭ କରାଯାଇଛି। ଏହି ପରିପ୍ରେକ୍ଷୀରେ କୋକସରା ବ୍ଲକ ପ୍ରଶାସନ ଓ କୋକସରା ଗ୍ରାମ ପଞ୍ଚାୟତ ପକ୍ଷରୁ କୋକସରା ବଜାର ପଡିଆରେ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କୋକସରା ବିଡ଼ିଓ ଡ଼.ହିମାଞ୍ଚଳ ମାଝୀଙ୍କ ସଭାପତିତ୍ୱରେ ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧକ୍ଷ ରାଜୀବ କୁମାର ଅଗ୍ରୱାଲ, ସାଂସଦ ପ୍ରତିନିଧି ପ୍ରମୋଦ କୁମାର ପ୍ରଧାନୀ, ବିଧାୟକ ପ୍ରତିନିଧି ତ୍ରିନାଥ ଶବର, ତହସିଲଦାର କ୍ଷୀରୋଧ ବିହାରୀ ଭାରତ ନାଗ, ସହକାରୀ ଯନ୍ତ୍ରୀ ସର୍ବେଶ୍ୱର ପ୍ରଧାନ, ବିଜେପି ନେତା ଘନଶ୍ୟାମ ନାଏକ, ଦୁର୍ଗା ପ୍ରଧାନୀ, ଯୋଗାଣ ଅଧିକାରୀ ଜଗାରାମ ମୁର୍ମୁ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ କୁମାର ବେହେରା ପ୍ରମୁଖ ଉପସ୍ଥିତ ରହି ରାଜ୍ୟ ସରକାରଙ୍କ ପକ୍ଷରୁ ଆଭାସି ମାଧ୍ୟମରେ ମୁଖ୍ୟମନ୍ତ୍ରୀ ବିକାଶ ବାହାନ ଯାତ୍ରାର ଶୁଭାରମ୍ଭ ପରେ ଉପସ୍ଥିତ ଯୋଗ୍ୟ ହିତାଧିକାରୀଙ୍କୁ ଅନ୍ତୋଦୟ ଗୃହ ଯୋଜନାରେ ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ, ନୂତନ ପିଡ଼ିଏସ ହିତାଧିକାରୀଙ୍କୁ କାର୍ଡ଼ ବଣ୍ଟନ କରାଯାଇଥିଲା। ବିକାଶ ବାହାନ ରଥକୁ ବିଡ଼ିଓ ଶ୍ରୀ ମାଝୀ, ବ୍ଲକ ଉପାଧକ୍ଷ ଶ୍ରୀ ଅଗ୍ରୱାଲ, ବିଧାୟକ ପ୍ରତିନିଧି ଶ୍ରୀ ଶବର ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମକୁ କୋକସରା ଗ୍ରାପ ପିଇଓ ଭବିଷ୍ୟତ ପଟେଲ, ଏଡିଇଓ ରଞ୍ଜିତା ପୁଝାରି, ଯୋଗାଣ ସହାୟକ ଦୟା ଶବର ଓ ମିଶନ ଶକ୍ତି ଅଧିନସ୍ଥ ମହିଳା କର୍ମଚାରୀ ଓ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

# ପାଞ୍ଚ ଦିନିଆ ବିକାଶ ମେଳା ଉଦଘାଟନ



ନୂଆପଡା, (ଡିକେ ନ୍ୟୁଜ୍): ସ୍ଥାନୀୟ ମିନି ଷ୍ଟାଡିୟମରେ ଆୟୋଜିତ ହୋଇଥିବା ବିକାଶ ମେଳାକୁ ରାଜ୍ୟ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ତଥା ଶ୍ରମ ଓ କର୍ମଚାରୀ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ପହଞ୍ଚି ଉଦଘାଟନ କରିଛନ୍ତି। ଏହି ବିକାଶ ମେଳା ୧୨ଜୁନରୁ ୧୬ ଜୁନ ପର୍ଯ୍ୟନ୍ତ ଚାଲିବ। ମନ୍ତ୍ରୀ ଶ୍ରୀ ଖୁଣ୍ଟିଆଙ୍କ ସହ ଜିଲ୍ଲାପାଳ ମଧୁସୂଦନ ଦାସ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଜିଆର ରାଘବେନ୍ଦ୍ର ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ କଳାହାଣ୍ଡି ସାଂସଦ ପ୍ରତିନିଧି ପ୍ରେମ ଅଗ୍ରୱାଲ ଖରିଆର ରୋଡ ଏନଏସି ଅଧକ୍ଷା ସୋନିଆ ଜେନ ପ୍ରମୁଖ ଉପସ୍ଥିତ ଥିଲେ। ସେଠାରୁ ମନ୍ତ୍ରୀ ବାହାରି ଜିଲ୍ଲା ଭାଜପା କାର୍ଯ୍ୟାଳୟ ଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଗଣମାଧ୍ୟମ ପ୍ରତିନିଧିମାନଙ୍କ ସହ ଆଲୋଚନା କରିଥିଲେ। ସେଠାରୁ ବାହାରି ଜିଲ୍ଲା ସଭାବନା ସଭାଗୃହରେ ଜିଲ୍ଲାର ବିଭିନ୍ନ ଜନପ୍ରତିନିଧି ଶିକ୍ଷାବିତ ଓ ବୁଦ୍ଧିଜୀବୀ ବିଭିନ୍ନ ଆର୍ଥିକ ବାଣିଜ୍ୟ ତଥା ଶିଳ୍ପ ଅନୁଷ୍ଠାନ ପ୍ରତିନିଧିଙ୍କ ସହ ନୂଆପଡାକୁ ଏକ ବିକଶିତ ଜିଲ୍ଲା ହିସାବରେ ଗଢିତୋଳିବା ପାଇଁ ଆବଶ୍ୟକ ପଦକ୍ଷେପ ଉପରେ ମତାମତ ସଂଗ୍ରହ କରିଥିଲେ।

# ହକ ପାଇଁ ରାଜରାସ୍ତାରେ ଚାଷୀ: ମନ୍ତ୍ରୀଙ୍କ ପ୍ରତିଶ୍ରୁତି ପରେ ବି ଆନ୍ଦୋଳନ



ସମ୍ବଲପୁର, (ଡିକେ ନ୍ୟୁଜ୍): ସମ୍ବଲପୁର ଜିଲ୍ଲାରେ ରବି ଧାନ କିଣାବିକା ଆରମ୍ଭ ହୋଇଛି। କଟନି ଛଟନି ସହ ଟାର୍ଗେଟ ବୃଦ୍ଧି ଦାବିରେ ଚାଷୀ ରାଜପଥ ଅବରୋଧ କରୁଛି। ଅନ୍ୟପଟେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବିକ୍ରି ହୋଇନଥିବା ଧାନ କିଣା ଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଚାଷୀ ଭରସା ନକରିବାରୁ ପୁଣି ଆନ୍ଦୋଳନକୁ ଓହ୍ଲାଇଛନ୍ତି। ସମ୍ବଲପୁର ଡାଳବ ଛକ ଠାରେ ସମ୍ବଲପୁର - ଝାରସୁଗୁଡ଼ା ବିଜୁ ଏକ୍ସପ୍ରେସ ୱେକୁ ଅବରୋଧ କରି ଚାଷୀମାନେ ଧାରଣାରେ ବସିଥିଲେ। ନିଜ ଅମଳ ଧାନକୁ ବିକ୍ରି କରିବା ପାଇଁ ଟାର୍ଗେଟ ବୃଦ୍ଧି ଦାବୀରେ ସେମାନେ ଆନ୍ଦୋଳନ କରିଥିଲେ। ୨ ଦିନ ପୂର୍ବରୁ ପଶ୍ଚିମ ଓଡିଶା କୃଷକ ସୁରକ୍ଷା ସଂଗଠନ ପକ୍ଷରୁ ଚାଷୀମାନେ ସିନ୍ଦୁରପଙ୍କ ଛକ ଜାତୀୟ ରାଜପଥରେ ଧାନ ବିକ୍ରି କରିବାର ଟାର୍ଗେଟ ବୃଦ୍ଧି ନେଇ ଆନ୍ଦୋଳନ କରିଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଚାଷୀମାନେ ଆନ୍ଦୋଳନରୁ ଓହରି ଥିଲେ। ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଦିନିକିଆ ସମ୍ବଲପୁର ଗସ୍ତବେଳେ ଚାଷୀ ସଂଗଠନର ସଦସ୍ୟମାନଙ୍କ ସହ ଧାନର ଟାର୍ଗେଟ ଓ ଟୋକାନ ସମସ୍ୟା ନେଇ ଆଲୋଚନା କରିଥିଲେ। ଆଗାମୀ ଦିନରେ ସମ୍ବଲପୁର ମଣ୍ଡି ଗୁଡ଼ିକରେ ଚାଷୀମାନଙ୍କ ଧାନ ବିକ୍ରି କରିବାର ଟାର୍ଗେଟ, ଟୋକାନ ସହ ସମସ୍ତ ସମସ୍ୟାର ସମାଧାନ କରାଯିବ ବୋଲି ଯୋଗାଣ ମନ୍ତ୍ରୀ ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। ମାତ୍ର ଯୋଗାଣ ମନ୍ତ୍ରୀ ଦେଇଥିବା ସମସ୍ତ ପ୍ରତିଶ୍ରୁତି ଫେଲ ମାରିଥିବା ବେଳେ ଟାର୍ଗେଟ ବୃଦ୍ଧି କରାନଯିବାରୁ ସମ୍ବଲପୁର ଜିଲ୍ଲାରେ ଥିବା ମଣ୍ଡି ଗୁଡ଼ିକରେ ଚାଷୀମାନଙ୍କ ଧାନ ପଡି ରହିଛି। ଯାହା ଫଳରେ ଚାଷୀମାନେ ନିଜ ଧାନ ମଣ୍ଡିରେ ବିକ୍ରି କରି ପାରୁନଥିବା ବେଳେ ଶେଷରେ ଗୁରୁବାର ଡାଳବ ଛକରେ ବିଜୁ ଏକ୍ସପ୍ରେସ ୱେ ଉପରେ ଧାନ ଗାଡି ରଖି ରାସ୍ତାକୁ ଅବରୋଧ କରି ବିରୋଧ ପ୍ରଦର୍ଶନ କରିଥିଲେ।

# ଟ୍ରେନରୁ ଗଞ୍ଜେଇ ଜବତ: ତିନି ମହିଳା ଗିରଫ



କୋରାପୁଟ, (ଡିକେ ନ୍ୟୁଜ୍): ଜଗଦଲପୁର କିରନ୍ଦୁଲ ଟ୍ରେନରେ ଗଞ୍ଜେଇ ନେଇ ଯାଉଥିବା ବେଳେ ଗଞ୍ଜେଇ ସହ ମାଡି କବିଲା କୋରାପୁଟ ରେଲୱେ ପୋଲିସ। ଦିଲ୍ଲୀର ତିନି ଜଣ ମହିଳା ତିନୋଟି ବ୍ୟାଗରେ କିରଣ୍ଡୁଲ ଟ୍ରେନରେ ଗଞ୍ଜେଇ ନେଇ ବିଶାଖାପାଟଣା ଯାଉଥିଲେ। କୋରାପୁଟ ରେଲୱେ ଷ୍ଟେସନରେ ରେଲୱେ ପୋଲିସ ଦ୍ୱାରା ଚେକିଙ୍ଗ କରାଯାଉଥିବା ବେଳେ ଗଞ୍ଜେଇ ବାସ୍ନା ଆସିଥିଲା। ବ୍ୟାଗ ଖୋଲିବାରୁ ସେଥିରୁ ଗଞ୍ଜେଇ ବାହାରିଥିଲା। ରେଲୱେ ପୋଲିସ ତିନିଜଣ ମହିଳାଙ୍କୁ ଗିରଫ କରି ଅଧିକ ପଚରାଉଚରା କରୁଛି। ସେମାନେ ଜୟପୁରରୁ ଟ୍ରେନ ଯୋଗେ ବିଶାଖାପାଟଣା ଯାଇ ସେଠାରୁ ଅନ୍ୟ ଏକ ଟ୍ରେନ ଯୋଗେ ଦିଲ୍ଲୀ ଯିବାର ପ୍ଲାନ ରହିଥିଲା। ଆଗରୁ ଏମିତି ଗଞ୍ଜେଇ କାରବାର କରୁଥିଲେ ନା ଅନ୍ୟ କିଛି ଏହାରି ପଛରେ ମାଷ୍ଟର ମାଇଣ୍ଡ କିଏ ରହିଛି। କେଉଁ ଜାଗାରୁ ସେମାନେ ଗଞ୍ଜେଇ କାରବାର କରୁଥିଲେ। ଏ ନେଇ ରେଲୱେ ପୋଲିସ ଅଧିକ ପଚରାଉଚରା ଜାରି ରଖିଛି। ଜବତ ହୋଇଥିବା ଗଞ୍ଜେଇ ପ୍ରାୟ ତିରିଶ କେଜି ହେବ ଯାହାର ଆନୁମାନିକ ମୂଲ୍ୟ ତିନି ଲକ୍ଷ ଟଙ୍କା ହେବ ବୋଲି ରେଲୱେ ପୋଲିସ ଅଧିକାରୀ ସନ୍ତୋଷୀ ମହାନ୍ତ କହିଛନ୍ତି।

# କାକଟପୁର ବ୍ଲକରେ ଉଦ୍‌ଘାଟନ ହେଲା ବିକାଶ ରଥ



ଅସ୍ତରଙ୍ଗ, (ଡିକେ ନ୍ୟୁଜ୍): ରାଜ୍ୟ ସରକାରଙ୍କ ଶାସନକୁ ଗୁରୁବାର ପୁରୁଛି ୧ ବର୍ଷ, ରାଜ୍ୟ ରେ ଡବଲ ଇଞ୍ଜିନ ସରକାରଙ୍କ ଶାସନ, ଆଗରୁ କ'ଣ ହୋଇଛି ବର୍ତ୍ତମାନ କ'ଣ ପରିବର୍ତ୍ତନ ଆସିଛି। ଯାହାକୁ ନେଇ ଆଜିଠୁ ବିକାଶ ରଥ ପଞ୍ଚାୟତରୁ ପଞ୍ଚାୟତ ଗସ୍ତ କରି ଲୋକଙ୍କୁ ବାଣ୍ଟିଛି ବାର୍ତ୍ତା। ସ୍ୱାସ୍ଥ୍ୟ, ପରିମଳ, ଭତ୍ତା, ଆବାସ ସହିତ ଅନେକ ଉନ୍ନୟନ ମୂଳକ କାର୍ଯ୍ୟର ବାର୍ତ୍ତା ବାଣ୍ଟିବ ଏହି ବିକାଶ ରଥ। ଆଜି ଅସ୍ତରଙ୍ଗ ପଞ୍ଚାୟତ ସମିତିରେ ରଥର ଉଦ୍‌ଘାଟନ କରାଯାଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅସ୍ତରଙ୍ଗ ବିଡ଼ିଓ ସସ୍ମିତା ବେହେରା, ବ୍ଲକ ଅଧକ୍ଷା ଆରତୀ ନାୟକ, ଜଗତସିଂହପୁର ସାଂସଦଙ୍କ ଅସ୍ତରଙ୍ଗ ପ୍ରତିନିଧି ଦିବାକର ଛାଟୋଇଙ୍କ ସମେତ ସମସ୍ତ ବିଭାଗର ଅଧିକାରୀ ଆଜିର ଉଦ୍‌ଘାଟନ ଉତ୍ସବରେ ଯୋଗଦେଇ ସରକାରଙ୍କ କାର୍ଯ୍ୟକୁ ଆଗେଇ ନେଇଛନ୍ତି। ସେହି ପରି କାକଟପୁର ବ୍ଲକରେ ବିଡ଼ିଓ ଓ ଅଧକ୍ଷ ଶ୍ରୀଧର ନାୟକଙ୍କ ସମେତ ବିଭାଗୀ ଅଧିକାରୀ ଉପସ୍ଥିତ ଥିଲେ ଆଜି ପ୍ରଥମ ଦିନରେ କିଛି ଯୋଗ୍ୟ ହିତାଧିକାରୀଙ୍କୁ ରାସନ କାର୍ଡ, ଅନ୍ତରଦ୍ୱୟ ସୁବିଧା, ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ ହୋଇଛି। ତା'ସହିତ ସ୍ୱାସ୍ଥ୍ୟ ବିଭାଗ ତରଫରୁ ଆସନ୍ନ କୋରନା ପାଇଁ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ବିକାଶ ରଥ ପରିକ୍ରମାରେ ମୋହନ ସରକାରଙ୍କ ଶାସନରେ ପାଇଥିବା ସୁବିଧା ପାଇଁ ଅଞ୍ଚଳ ବାସି ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି।

# ରୁଷିକୂଲ୍ୟା ନଦୀର ସୁରକ୍ଷା ଓ ଜଙ୍ଗଲ ଅଧିକାର ଦାବିରେ ବିଶାଳ ଗଣବିକ୍ଷୋଭ




ଭଞ୍ଜନଗର, (ଡିକେ ନ୍ୟୁଜ୍): ଭଞ୍ଜନଗର ଅଲ ଇଣ୍ଡିଆ କ୍ଷେତ ମଜଦୂର କିଷାନ ସଭା ଗଞ୍ଜାମ ଜିଲ୍ଲା ଆବାହକ ନିରାକାର ନାୟକଙ୍କ ଆହ୍ୱାନରେ ଶହୀଦ ବିର୍ସାମୁଣ୍ଡାଙ୍କ ବଳିଦାନ ଦିବସରେ ଗଣବିକ୍ଷୋଭ ଅନୁଷ୍ଠିତ ହେଇଯାଇଛି। ଲୋକଙ୍କ ଜୀବନ ଜୀବିକାକୁ ମାରି ତଥା ପ୍ରକୃତି ପରିବେଶକୁ ଧ୍ୱଂସ କରି ପ୍ରସ୍ତାବିତ ଜନ ବିରୋଧୀ ନିଷ୍ପତ୍ତି ଗୁଡିକୁ ବାତିଲ କରିବା, ଭୂମିହୀନ ଦଳିତ ଓ ଆଦିବାସୀଙ୍କୁ ଭୂମି ଓ ଜଙ୍ଗଲ ଅଧିକାର ଦେବା, ଆମ ରାଜ୍ୟ ଓଡିଶାରେ ଯେଉଁ ମାତ୍ରାରେ ଜମି, ଜଳ, ଜଙ୍ଗଲ, ଖଣି ତଥା ସମସ୍ତ ପ୍ରାକୃତିକ ସମ୍ପଦର ବିକ୍ରି ତଥା ଘରୋଇକରଣ ଚାଲିଛି ଆଉ ଅଳ୍ପ କିଛି ବର୍ଷରେ ଓଡିଶା ଶ୍ରୀହୀନ ହୋଇପଡିବ। ଆପଣ ଏକ ପାଖିଆ ଭାବେ ଜନଗଣଙ୍କ ନିଷ୍ପତ୍ତି ବିନା ଏହି ପ୍ରାକୃତିକ ସମ୍ପଦକୁ କର୍ପୋରେଟ କମ୍ପାନୀ ହାତକୁ ହସ୍ତାନ୍ତର କରିଚାଲିଛନ୍ତି। ସେହିପରି କେତେକ ଦୃଷ୍ଟାନ୍ତ ଆମ୍ଭେ ଆପଣଙ୍କ ଠାରେ ଉପସ୍ଥାପନ କରୁଛୁ ଓ ଦୃଢ଼ଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ଦାବି କରୁଛୁ। ଟାଟା, ଅଦାନୀ ଭଳି କମ୍ପାନୀମାନଙ୍କୁ ଋଷିକୂଲ୍ୟା ନଦୀର ପାଣି ଦେବା ଉଦ୍ଦେଶ୍ୟରେ ସୋରଡ଼ାର ପିପଳପଙ୍କା ଠାରେ ଯେଉଁ ଡ୍ୟାମ କରିବା ପ୍ରସ୍ତାବ ବା ପ୍ରସ୍ତୁତି ଚାଲିଛି, ତାକୁ ତୁରନ୍ତ ପ୍ରତ୍ୟାହାର କରନ୍ତୁ କାରଣ କମ୍ପାନୀ ସ୍ୱାର୍ଥରେ ଡ୍ୟାମ ନିର୍ମାଣ ଦ୍ୱାରା ସୋରଡ଼ା, ଆସିକା, ହିଞ୍ଜିଳି, ବ୍ରହ୍ମପୁର, ଛତ୍ରପୁର, ଗୋପାଳପୁର, ଗୋଳାବନ୍ଧ, ଭଞ୍ଜବିହାର, ଛତ୍ରପୁର, ଗଞ୍ଜା, ହୁମ୍ମା ଆଦି ବୃହତ ଅଞ୍ଚଳରେ ଲୋକଙ୍କ ଚାଷ ବାସ, ଗୃହପାଳିତ ପଶୁ ପାଳନ, ପାନୀୟ ଜଳ ପାଇବା ଆଦି ପ୍ରଭାବିତ ହେବା ସହ ଜଙ୍ଗଲ, ବଣ୍ୟ ଜନ୍ତୁ ତଥା ଜଙ୍ଗଲରେ ବାସ କରୁଥିବା ଆଦିବାସୀଙ୍କ ଜୀବନ ଦୁର୍ବିସହ ହୋଇପଡିବ। ଏଣୁ ଏହି ଜନବିରୋଧୀ ଡ୍ୟାମକୁ ବାତିଲ କରିବା ବର୍ଷା ଦିନେ ଋଷିକୂଲ୍ୟା ନଦୀରେ ଅଧିକ ମାତ୍ରାରେ ବର୍ଷା ଜଳ ବୋହିଯାଇ ସମୁଦ୍ରରେ ମିଶିଯାଏ। ନଷ୍ଟ ହୋଇଯାଉଥିବା ଏହି ସିଂହ ଭାଗ ଜଳର କୌଣସି ବ୍ୟବହାର ବା କୌଣସି ପ୍ରକାର କାର୍ଯ୍ୟରେ ଆସେନାହିଁ। ଏହାକୁ ସଂରକ୍ଷିତ କରି କୃଷି, ଶିଳ୍ପ ଆଦି ବିଭିନ୍ନ କ୍ଷେତ୍ରରେ ବ୍ୟବହାର ହୋଇପାରିବ। ଗଞ୍ଜାମ ଜିଲ୍ଲାର ଜଗନ୍ନାଥ ପ୍ରସାଦ ବ୍ଲକରେ ଗୋଳା ବାରୁଦ କାରଖାନା ନିର୍ମାଣ ପାଇଁ ପ୍ରସ୍ତାବ ନିଶ୍ଚିତ ଭାବେ ଲୋକଙ୍କ ଜମି, ଜଳ, ଜଙ୍ଗଲକୁ ଲୁଟ କରି ତାଙ୍କୁ ଏକ ବିଷାକ୍ତ ପରିବେଶ ମଧ୍ୟକୁ ଠେଲି ଦିଆଯିବ। ଏହି ଜନବିରୋଧୀ ପ୍ରସ୍ତାବକୁ ତୁରନ୍ତ ପ୍ରତ୍ୟାହାର କରାଯାଉ ବୋଲି ବରିଷ୍ଠ ଆଇନଜୀବୀ ସୋମନାଥ ନାୟକ, ମାନବାଧିକାର ସୁରକ୍ଷା ମଞ୍ଚର ଆବାହକ ତଥା ଆଇନଜୀବୀ ଅବନୀ କୁମାର ଗୟା, ସଭାପତି ଗଗନ ଚନ୍ଦ୍ର ମଲିକ, ସମାଜସେବୀ ପିତାମ୍ବର ପରିଡା ଏଆଇକେଏମକେଏସର ସଂଜୟ ନାୟକ, ନିରଞ୍ଜନ ପ୍ରଧାନ, ମିନାକ୍ଷୀ ମାଳି, ଶିବରାମ ନାଇକ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ବିକ୍ଷୋଭରେ ଶହ ଶହ ସଂଖ୍ୟାରେ ସଂଗ୍ରାମୀ ସାଥିମାନେ ଯୋଗଦେଇ ସଂଗ୍ରାମୀ ଗୀତ ଗାଇ ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

# ଜିଲ୍ଲାସ୍ତରୀୟ ସ୍ୱତନ୍ତ୍ର ସଫେଇ ଅଭିଯାନ ଏବଂ ବିକାଶ ବାହନର ଶୁଭାରମ୍ଭ

କୋରାପୁଟ, (ଡିକେ ନ୍ୟୁଜ୍): ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ କୋରାପୁଟ ଜିଲ୍ଲାରେ ବିକାଶ ମେଳା ପୋଲିସ ପ୍ୟାରେଡ ପଡ଼ିଆରେ ଠାରେ ଆଜିଠାରୁ ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ୭୦ଟି ଷ୍ଟଲରେ ପଲ୍ଲୀଶ୍ରୀ ଏବଂ ଖାଦ୍ୟ ମେଳା ଅନୁଷ୍ଠିତ ହେଉଛି। ଯେଉଁଥିରେ କୋରାପୁଟ କଫି ଷ୍ଟଲ ସ୍ୱତନ୍ତ୍ର ଆକର୍ଷଣ ନେଉଛି। ଏହି ସ୍ଥଳରେ ଲୋକମାନେ କୋରାପୁଟ କଫିର ମଜ୍ଜା ନେଇ ପାରିବେ। ଏଥିସହ ପ୍ରତିଦିନ ସନ୍ଧ୍ୟାରେ ମେଲୋଡି, ଆଦିବାସୀ ନୃତ୍ୟ ଏବଂ ପୁରୁଣା ଚଳଚ୍ଚିତ୍ର ପ୍ରଦର୍ଶନ କରାଯିବ। ଏହି ଅବସରରେ ଜିଲ୍ଲାସ୍ତରୀୟ ସ୍ୱତନ୍ତ୍ର ସଫେଇ ଅଭିଯାନ ଏବଂ ବିକାଶ ବାହନର ଶୁଭାରମ୍ଭ ହୋଇଯାଇଛି। କୋରାପୁଟ ବସଷ୍ଟାଣ୍ଡ ପରିସରରେ ଜିଲ୍ଲାପାଳ ଭି କୀର୍ତ୍ତି ଓ୍ୱାସନ ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ୱତନ୍ତ୍ର ସଫେଇ ଅଭିଯାନର ଶୁଭାରମ୍ଭ କରିଥିଲେ। ନିଜେ ଜିଲ୍ଲାପାଳ ଝାଡୁ ଧରି ବସଷ୍ଟାଣ୍ଡ ପରିସରକୁ ସଫା କରୁଥିବା ଦେଖିବାକୁ ମିଳିଥିଲା। କୋରାପୁଟ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର, କୋରାପୁଟ ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, କାଉନସିଲର ମାଲେଶ୍ୱର ରାଓ, ନିର୍ବାହୀ ଅଧିକାରୀ ଜ୍ଞାନଜିତ ତ୍ରିପାଠୀଙ୍କ ସହ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ ବିଭିନ୍ନ ବ୍ୟକ୍ତି ବିଶେଷ ଉପସ୍ଥିତ ରହି ସଫେଇ ଅଭିଯାନରେ ସାମିଲ ହୋଇଥିଲେ। ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱର ଠାରେ ରାଜ୍ୟସ୍ତରୀୟ ବିକାଶ ବାହନର ଶୁଭାରମ୍ଭ କରିବା ପରେ ପୋଲିସ ପ୍ୟାରେଡ ପଡ଼ିଆ ଠାରେ କୋରାପୁଟ ବିଧାୟକ ରଘୁରାମ ମାଛ ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲ୍ଲାସ୍ତରୀୟ ବିକାଶ ବାହନର ଶୁଭାରମ୍ଭ କରିଥିଲେ। ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ ଉକ୍ତ ବାହନ ପରିଭ୍ରମଣ କରି ଲୋକମାନଙ୍କୁ ରାଜ୍ୟ ସରକାରଙ୍କ ବିକାଶର ବାର୍ତ୍ତା ପହଞ୍ଚାଇବ ବୋଲି ବିଧାୟକ ଶ୍ରୀ ମାଛ କହିଛନ୍ତି। ଏକ ବର୍ଷ ମଧ୍ୟରେ ରାଜ୍ୟ ସରକାର ଅନେକ ବିକାଶ ମୂଳକ କାର୍ଯ୍ୟ କରିଥିବା ସେ କହିଛନ୍ତି। କୋରାପୁଟ ସହରରେ ବସଷ୍ଟାଣ୍ଡ ଏବଂ ବାଇପାସ୍ ରାସ୍ତା ନିର୍ମାଣ ଲୋକମାନଙ୍କର ରହିଥିବା ସ୍ୱପ୍ନକୁ ଆଜିର ସରକାର ପୂରଣ କରିବାକୁ ଯାଉଛନ୍ତି ବୋଲି ସେ କହିଛନ୍ତି। ଏହାପରେ ଅତିଥି ଏବଂ ଅନ୍ୟାନ୍ୟ ବ୍ୟକ୍ତି ବିଶେଷ ପୋଲିସ ପଡ଼ିଆରେ ବିଭିନ୍ନ ପ୍ରକାରର ବୃକ୍ଷ ରୋପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୋରାପୁଟ ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ସୁନାବେଡା ପୌର ପରିଷଦ ଅଧ୍ୟକ୍ଷ ରାଜେନ୍ଦ୍ର ପାତ୍ର, କୋରାପୁଟ ବ୍ଲକ ଅଧକ୍ଷା ନମିତା ମାଝୀ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର, ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକଙ୍କ ସହ ଅନ୍ୟାନ୍ୟ ଅଧିକାରୀ ଏବଂ କାଉନସିଲର ଓ ପଞ୍ଚାୟତରାଜ ପ୍ରତିନିଧିମାନେ ଉପସ୍ଥିତ ଥିଲେ। କୋରାପୁଟ ବିଡିଓ ଦେବାଶିଷ ଗୌଡ଼, କୋରାପୁଟ ପୌର ପରିଷଦ ନିର୍ବାହୀ ଅଧିକାରୀ ଜ୍ଞାନଜିତ ତ୍ରିପାଠୀ, କୋରାପୁଟ ବନାଞ୍ଚଳ ଅଧିକାରୀ ଏସକେ ପାହାଡ ସିଂ ଯୋଗଦେଇ ପରିଚାଳନା କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଜ୍ୱରରେ କମ୍ପୁଛନ୍ତି...

ବିଳମ୍ବିତ ରାତିରେ ବାହୁଡ଼ା ପହଣ୍ଡି ପରେ ଅସୁସ୍ଥ ଶ୍ରୀଜିଉଙ୍କୁ ଶ୍ରୀମନ୍ଦିର ବୈଦ୍ୟଙ୍କ ପରାମର୍ଶ କ୍ରମେ ଶ୍ରୀମନ୍ଦିର ଭିତର କାଠ ଏବଂ କଳାହାଟ ଦ୍ୱାର ମଧ୍ୟସ୍ଥିତ ଅଣସର ପିଣ୍ଡିରେ ଅଧିଷ୍ଠିତ କରାଯାଇଥିଲା। ଏହି ପିଣ୍ଡିରେ ବୈଦ୍ୟଙ୍କ ପରାମର୍ଶ କ୍ରମେ ଅସୁସ୍ଥ ଶ୍ରୀଜିଉଙ୍କ ଚିକିତ୍ସା ସେବା ଆରମ୍ଭ ହୋଇଛି। ମହାପ୍ରଭୁଙ୍କ ନିକଟରେ କୋଠ ଭୋଗ ଲାଗି ବାରଣ କରାଯାଇଥିବାରୁ ଅସୁସ୍ଥ ଶ୍ରୀଜିଉଙ୍କୁ ଆଜିଠାରୁ ପଥି ଆକାରରେ କ୍ଷୀର, ସର, ଛେନା, ରାବିଡ଼ି ସହ ଆମ୍ବ, କଦଳୀ, ପଣସ ଆଦି ଫଳ ଭୋଗ ଲାଗି କରାଯାଉଛି।

### ବିମାନ କ୍ରାଶରେ...

ହରାଇଥିଲେ। ତେବେ ୧୯୬୫ ମସିହା ସେପ୍ଟେମ୍ବର ମାସରେ ଗୁଜରାଟ ଦ୍ୱିତୀୟ ମୁଖ୍ୟମନ୍ତ୍ରୀ ବଳବନ୍ତ ରାୟ ମେହେତା ଅହମଦାବାଦରୁ ମିଥାପୁର ଗୋଟିଏ ଚାର୍ଟର୍ଡ ପ୍ଲେନରେ ଯାଉଥିଲା। ଏତିକି ବେଳେ ଭାରତ-ପାକିସ୍ତାନ ଯୁଦ୍ଧ ବି ଚାଲିଥିଲା। ପାକିସ୍ତାନ ବାୟୁ ସେନା ବଳବନ୍ତଙ୍କ ସାମରିକ ବିମାନ ଭାବି ୨ଟି ଏଫ ୮୬ ସାବରେ ଜେଟରୁ କଚ୍ଛର ରାନ୍ନ ଠାରେ ଗୁଳି ମାଡ଼ କରିଥିଲା। ଏଥିଯୋଗୁ ବିମାନଟି କ୍ରାଶ ହୋଇଯାଇଥିଲା। ଏଥିରେ ବଳବନ୍ତ, ତାଙ୍କ ପତ୍ନୀ ସରୋଜବେଜ, କିଛି ସହଯୋଗୀ, ଜଣେ ସାମ୍ବାଦିକ ଓ ଦୁଇ ଜଣ କ୍ରୁ ସଦସ୍ୟ ପ୍ରାଣ ହରାଇଥିଲେ। ବିମାନକୁ ନିଜେ ବଳବନ୍ତ ରାୟ ମେହେତା ଚଳାଉଥିଲେ। ପାକିସ୍ତାନ ପରବର୍ତ୍ତୀ ସମୟରେ ନିଜ ଭୁଲକୁ ସ୍ୱୀକାର କରିଥିଲେ ହେଁ କେବେ ହେଲେ କ୍ଷମା ମାଗି ନଥିଲା। କେବଳ ଗୁଜରାଟ ମୁଖ୍ୟମନ୍ତ୍ରୀ କିମ୍ବା ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କୁ ବିମାନ ଅଘଟଣରେ ହରାଇ ନାହିଁ। ୨୦୦୯ରେ ଆନ୍ଧ୍ର ପ୍ରଦେଶ ମୁଖ୍ୟମନ୍ତ୍ରୀ ୱାଏସ୍ ରାଜ ଖଣ ରେଡ୍ଡୀଙ୍କ ହେଲିକପ୍ଟର ଖରାପ ପାଣିପାଗ ଯୋଗୁ ନାଲ୍ଲମାଲା ଜଙ୍ଗଲରେ ଖସି ପଡ଼ିଥିଲା। ଏଥିଯୋଗୁ ତାଙ୍କର ମୃତ୍ୟୁ ହୋଇଥିଲା। ୨୦୧୧ରେ ଅରୁଣାଚଳ ପ୍ରଦେଶର ଦୋର୍ଜୀ ଖାଣ୍ଡୁ ହେଲିକପ୍ଟର କ୍ରାଶରେ ପ୍ରାଣ ହରାଇଥିଲେ। ବେଶ କିଛି ଦିନ ପରେ ତାଙ୍କ ମୃତଦେହକୁ ଉଦ୍ଧାର କରାଯାଇଥିଲା।

### ବେସାମରିକ ବିମାନ...

କହିଛନ୍ତି, 'ଆମେ ସର୍ବୋଚ୍ଚ ଆଲର୍ଟରେ ଅଛୁ ଏବଂ ପରିସ୍ଥିତିର ନିରୀକ୍ଷଣ କରୁଛୁ। ସମସ୍ତ ବିମାନ ଚାଳନ ଓ ଜରୁରୀକାଳୀନ ପ୍ରତିକ୍ରିୟା ଏଜେନ୍ସିକୁ ତ୍ୱରିତ ଏବଂ ସମନ୍ୱିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ରେସକ୍ୟୁ ଟିମ ପଠାଯାଇଛି ଏବଂ ଚିକିତ୍ସା ସହାୟତା ଓ ରିଲିଫ ସାମଗ୍ରୀ ଘଟଣାସ୍ଥଳରେ ପହଁଚାଇବା ପାଇଁ ପ୍ରୟାସ କରାଯାଉଛି।' କେନ୍ଦ୍ରୀୟ ଗୃହମନ୍ତ୍ରୀ ଅମିତ ଶାହ ଗୁଜରାଟର ମୁଖ୍ୟମନ୍ତ୍ରୀ ଭୁପେନ୍ଦ୍ର ଟେଲ, ଗୃହମନ୍ତ୍ରୀ ଓ ପୁଲିସ୍ କମିଶନରଙ୍କ ସହ କଥା ହୋଇଛନ୍ତି ଏବଂ କେନ୍ଦ୍ର ସରକାର ପକ୍ଷରୁ ସମ୍ଭବ ସମସ୍ତ ସାହାଯ୍ୟ ପ୍ରଦାନ କରିବାର ଆଶ୍ୱାସନା ଦେଇଛନ୍ତି। କେନ୍ଦ୍ରୀୟ ଗୃହମନ୍ତ୍ରୀ ଅମିତ ଶାହ ଏକ୍ସରେ ପୋଷ୍ଟ କରିଛନ୍ତି, 'ବିର୍ପ୍ୟୟ ପ୍ରତିକ୍ରିୟା ବଳକୁ ତତ୍କାଳ ଘଟଣାସ୍ଥଳକୁ ପଠାଯାଇଛି । ପରିସ୍ଥିତିର ଆକଳନ ପାଇଁ ଗୁଜରାଟର ମୁଖ୍ୟମନ୍ତ୍ରୀ ଭୁପେନ୍ଦ୍ରେ ପଟେଲ, ଗୃହମନ୍ତ୍ରୀ ହର୍ଷ ସଂଘଭୀ ଓ ଅହମଦାବାଦ ପୁଲିସ୍ କମିଶନରଙ୍କ ସହ କଥା ହୋଇଛି।' ଡିଜିସିଏ ଅନୁଯାୟୀ, ବିମାନରେ ୨୩୨ ଯାତ୍ରୀ ଏବଂ ୧୦ କ୍ରୁ ସଦସ୍ୟ ଥିଲେ। ରିଲିଫ୍ ଓ ରେସକ୍ୟୁ କାର୍ଯ୍ୟ ଜାରି ଅଛି ଓ ପ୍ରଭାବିତ ଲୋକମାନଙ୍କୁ ସାହାଯ୍ୟ ପ୍ରଦାନ କରାଯାଉଛି।

### ଦୁଃଖ ପ୍ରକାଶ କଲେ...

ଦୁଃଖଦ ଘଟଣା ଆମକୁ ସ୍ତବ୍ଧ ଏବଂ ଦୁଃଖୀ କରିଦେଇଛି। ଏହା ହୃଦୟ ଥରାଇ ଦେବା ଭଳି ଘଟଣା। ଏହି ଦୁଃଖଦ ସମୟରେ, ମୋର ସମବେଦନା ପ୍ରଭାବିତ ସମସ୍ତଙ୍କ ସହ ଅଛି। ମୁଁ ମନ୍ତ୍ରୀ ଓ ଅଧିକାରୀମାନଙ୍କ ସହ ଯୋଗାଯୋଗରେ ଅଛି, ଯେଉଁମାନେ ପ୍ରଭାବିତ ଲୋକଙ୍କୁ ସାହାଯ୍ୟ କରୁଛନ୍ତି।' ସେହିପରି ଅହମଦାବାଦ-ଲଣ୍ଡନ ବିମାନ ଦୁର୍ଘଟଣାକୁ ନେଇ ଦୁଃଖ ପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, 'ଏୟାର୍ ଇଣ୍ଡିଆ ଅହମଦାବାଦ-ଲଣ୍ଡନ୍ ଫ୍ଲାଇଟ୍ ଦୁର୍ଘଟଣାର ଦୁଃଖଦ ଘଟଣା ସଂପର୍କରେ ଶୁଣି ମୁଁ ଗଭୀର ଭାବେ ଦୁଃଖିତ। ଏହି କଷ୍ଟଦାୟକ ସମୟରେ ସମସ୍ତ ଯାତ୍ରୀ, କ୍ରୁ ସଦସ୍ୟ ଓ ତାଙ୍କର ପରିବାରସଦସ୍ୟଙ୍କ ପାଇଁ ମୁଁ ଚିନ୍ତା ପ୍ରକଟ କରିବା ସହ ପ୍ରାର୍ଥନା କରୁଛି । ମୁଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ସମସ୍ତଙ୍କ ସୁରକ୍ଷା ଓ ଶୀଘ୍ର ସୁସ୍ଥତା ପାଇଁ ପ୍ରାର୍ଥନା କରୁଛି।ଓଡ଼ିଶା, ଗୁଜରାଟ ଓ ଏହି ଦୁଃଖଦ ଘଟଣାରେ ପ୍ରଭାବିତ ସମସ୍ତଙ୍କ ସହିତ ରହିଛି।'

### ଲୋକଙ୍କ ସହିତ ଯୋଡି...

ସମୟ ପ୍ରମାଣିତ ହୋଇଛି। ଏହି ବିକାଶ ବାହନର ଶୁଭାରମ୍ଭ ଆମ ସରକାରଙ୍କ ଓଡ଼ିଶାବାସୀଙ୍କ ପ୍ରତି ସମର୍ପଣର ନୂତନ ଅଧ୍ୟାୟ। ଇତ୍ୟବସରରେ, ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂ ଓ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ପ୍ରମୁଖ ମଞ୍ଚାସୀନ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ସ୍ୱାଗତ ଭାଷଣ ଦେଇଥିବା ବେଳେ, ବିଭାଗୀୟ କମିଶନର ତଥା ସଚିବ ଗିରିଶ ଏସ.ଏନ ଧନ୍ୟବାଦ ଦେଇଥିଲେ।

### ଦେଶରେ ବନ୍ୟା ପରିଚାଳନା...

ସମୟରେ ସ୍ୱଳ୍ପ ଅବଧିରେ ପ୍ରବଳ ବର୍ଷାର ଧାରାକୁ ମୁକାବିଲା କରିବା ପାଇଁ ଆର୍ଦ୍ରଭୂମି ପୁନରୁଦ୍ଧାର ଏବଂ ବନୀକରଣ ପଦକ୍ଷେପର ଗୁରୁତ୍ୱ ଉପରେ ଶ୍ରୀ ଶାହ ଆଲୋକପାତ କରିଥିଲେ। ସେ ଜଳ ଶକ୍ତି ମନ୍ତ୍ରଣାଳୟକୁ ବ୍ରହ୍ମପୁତ୍ର ଅବବାହିକାରେ ଆର୍ଦ୍ରଭୂମିର ସ୍ଥିତିରେ ଉନ୍ନତି ଆଣିବା ପାଇଁ ପରାମର୍ଶ ଦେଇଥିଲେ, ଯାହା ବନ୍ୟା ପ୍ରତିରୋଧ ତଥା ଆର୍ଥିକ ତଥା ପର୍ଯ୍ୟଟନ କାର୍ଯ୍ୟକଳା ପାଇଁ ଗୁରୁତ୍ୱପୂର୍ଣ୍ଣ ହେବ। ଅମିତ ଶାହ ପରାମର୍ଶ ଦେଇଛନ୍ତି ଯେ ଜାତୀୟ ଡ୍ୟାମ୍ ସୁରକ୍ଷା ପ୍ରାଧିକରଣ (ଏନଡିଏସ୍ଏ), ଆଇଏମ୍ଡି ଏବଂ ଏନ୍ଆରଏସ୍ସି ସମେତ ଅନ୍ୟାନ୍ୟ ବିଭାଗ ମିଳିତ ଭାବେ ଏପରି ଏକ ସମ୍ମିଳନୀ ଆୟୋଜନ କରିବା ଉଚିତ ଯେଉଁଥିରେ ବନ୍ୟା, ମହାକାଶ ଏବଂ ଅନ୍ୟାନ୍ୟ ଦିଗ ଉପରେ ଆଲୋଚନା କରିବା ପାଇଁ ବିଶେଷଜ୍ଞମାନଙ୍କୁ ନିମନ୍ତ୍ରଣ କରାଯାଇପାରିବ। ଶ୍ରୀ ଶାହ କହିଥିଲେ ଯେ ୨୦୧୪ରେ ଭାରତ ପାଣିପାଗ ବିଜ୍ଞାନ କ୍ଷେତ୍ରରେ ବହୁତ ପଛରେ ଥିଲା, କିନ୍ତୁ ଆଜି ମୋଦୀ ଜୀଙ୍କ ନେତୃତ୍ୱରେ ଆମେ ବିକଶିତ ଦେଶମାନଙ୍କ ସମକକ୍ଷ ହୋଇପାରିଛୁ, ଏବେ ଆମକୁ ଏକ ନମ୍ବର ହେବାକୁ ପଡ଼ିବ। ଏହି ବୈଠକରେ ଆଇ.ଏମ୍.ଡି., ସି.ଡବ୍ଲ୍ୟୁ.ସି ସମେତ ବିଭିନ୍ନ ବିଭାଗଗୁଡ଼ିକ ବିସ୍ତୃତ ଉପସ୍ଥାପନା କରିଥିଲେ। ସମ୍ପୃକ୍ତ ମନ୍ତ୍ରଣାଳୟ/ବିଭାଗଗୁଡ଼ିକ ମଧ୍ୟ ଗତ ବର୍ଷ ଅନୁଷ୍ଠିତ ବନ୍ୟା ସମୀକ୍ଷା ବୈଠକରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ବିଷୟରେ ସୂଚନା ଦେଇଥିଲେ। ଚଳିତ ମୌସୁମୀ ଋତୁ ପାଇଁ ସେମାନଙ୍କର ପ୍ରସ୍ତୁତି ଏବଂ ଭବିଷ୍ୟତ କାର୍ଯ୍ୟ ଯୋଜନା ବିଷୟରେ ମଧ୍ୟ ସେମାନେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ସମସ୍ତ ବିଭାଗ ଦ୍ୱାରା କରାଯାଇଥିବା ପ୍ରସ୍ତୁତି ଉପରେ ସ୍ୱରାଷ୍ଟ୍ର ମନ୍ତ୍ରୀ ସନ୍ତୋଷ ବ୍ୟକ୍ତ କରିଥିଲେ। ସେ ସମସ୍ତ ବିଭାଗ ସହିତ ସମନ୍ୱୟ ରକ୍ଷା କରି ଏପରି ସଫ୍ଟୱେର୍ ପ୍ରସ୍ତୁତ କରିବା ପାଇଁ ନିବେଦନ କରିଥିଲେ ଯାହା ସମସ୍ତ ବିଭାଗର ଯୋଗଦାନ ସହିତ ଅପ୍ରତ୍ୟାଶିତ ପାଣିପାଗର ମୁକାବିଲା କରିପାରିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଶ୍ରୀ ଅମିତ ଶାହ ବନ୍ୟା ଏବଂ ଅନ୍ୟାନ୍ୟ ପ୍ରାକୃତିକ ବିର୍ପ୍ୟୟର ପ୍ରଭାବକୁ ହ୍ରାସ କରିବା ପାଇଁ ପ୍ରସ୍ତୁତି ପଦକ୍ଷେ ଉପରେ ସର୍ବୋଚ୍ଚ ପ୍ରାଥମିକତା ଦେଇଛନ୍ତି। ଏହି ବୈଠକରେ କେନ୍ଦ୍ର ଜଳ ଶକ୍ତି ମନ୍ତ୍ରୀ, ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ, କେନ୍ଦ୍ର ସ୍ୱରାଷ୍ଟ୍ର ସଚିବ, ନଦୀ ବିକାଶ ଏବଂ ଗଙ୍ଗା ପୁନରୁଦ୍ଧାର, ଭୂବିଜ୍ଞାନ, ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ, ସଡ଼କ ପରିବହନ ଏବଂ ରାଜଥ ମନ୍ତ୍ରଣାଳୟ ଏବଂ ବିଭାଗର ସଚିବ, ରେଳବାଇ ବୋର୍ଡର ଅଧ୍ୟକ୍ଷ, ଏନଡିଏମଏର ସଦସ୍ୟ ଏବଂ ବିଭାଗୀୟ ମୁଖ୍ୟ, ଏନଡିଆରଏଫ୍ ଏବଂ ଆଇଏମଡି ର ମହାନିର୍ଦ୍ଦେଶକ, ଏନଏଚ୍ଆଇ ଏବଂ ସିଡବ୍ଲ୍ୟୁସିର ଅଧ୍ୟକ୍ଷ ଏବଂ ଏନ୍ଆରଏସସି ଏବଂ ଅନ୍ୟାନ୍ୟ ସମ୍ପୃକ୍ତ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଇଫକୋ ପାରାଦୀପ ୟୁନିଟ୍‌କୁ ଗ୍ରୀନ୍‌ଟେକ୍ ପରିବେଶ ପୁରସ୍କାର

ପାରାଦୀପ, (ଡିକେ ନ୍ୟୁଜ୍): ନୂଆଦିଲ୍ଲୀଠାରେ ୨୪ତମ ଗ୍ଲୋବାଲ୍ ଏନଭିରୋନମେଣ୍ଟ ସସଷ୍ଟେନେବିଲିଟି ସମ୍ମିଟ୍-୨୦୨୫ରେ ପାରାଦୀପର ଇଫକୋ ୟୁନିଟ୍‌କୁ ୨୦୨୫ ନିମନ୍ତେ ଗ୍ରୀନ୍‌ଟେକ୍ ପରିବେଶ ପୁରସ୍କାର ପ୍ରଦାନ କରାଯାଇଛି । ଇଫକୋର ଇପିସି ବିଭାଗର ପ୍ରବନ୍ଧକ ଡି. ମହାନ୍ତି ଇଫକୋ ୟୁନିଟ୍ ହେଡ୍ ପି.କେ.ମହାପାତ୍ରଙ୍କ ତରଫରୁ ଏହି ପୁରସ୍କାର ଗ୍ରହଣ କରିଥିଲେ । ଆସାମର ପୂର୍ବତନ ରାଜ୍ୟପାଳ ପ୍ରଫେସର ଜଗଦିଶ୍ ମୁଖୀଙ୍କ ଠାରୁ ଶ୍ରୀ ମହାନ୍ତି ଏହି ପୁରସ୍କାର ଗ୍ରହଣ କରିଥିଲେ। ପରିବେଶ ସୁରକ୍ଷା ଦିଗରେ ଇଫକୋ ପାରାଦୀପ ୟୁନିଟ୍‌ର ନିଷ୍ଠା, ଆଗ୍ରହକୁ ଦୃଷ୍ଟିରେ ରଖି ଏହି ପୁରସ୍କାର ପ୍ରଦାନ କରାଯାଇଛି। ଇଫକୋ ୟୁନିଟ୍ ହେଡ୍ ପି.କେ.ମହାପାତ୍ରଙ୍କ ମାର୍ଗଦର୍ଶନ ସହିତ ଇଫକୋ ପରିବେଶ ଓ ସୁରକ୍ଷା ବିଭାଗ ପ୍ରବନ୍ଧକ ଆର୍.କେ.ସ୍ୱାଇଁ ପରିଚାଳନାରେ ଇଫକୋ ପାରାଦୀପ ୟୁନିଟ୍ ପରିବେଶ ସୁରକ୍ଷା, ବୃକ୍ଷରୋପଣ ଆଦି କାର୍ଯ୍ୟ ସଫତାର ସହିତ ସମ୍ପାଦିତ କରିଆସିଛି । ଏହି ପୁରସ୍କାର ଇଫକୋ ପରିବାର ସମେତ ଇଫକୋର ସମସ୍ତ ସହଯୋଗୀ ସଂସ୍ଥାମାନଙ୍କ ନିମନ୍ତେ ପ୍ରେରଣାଦାୟକ ହେବ । ଇଫକୋର ପରିଚାଳନା ନିର୍ଦ୍ଦେଶକ ଡ. ଉଦୟ ଶଙ୍କର ଅଓସ୍ତିଙ୍କ ପରିଚାଳନାରେ ଦୀର୍ଘ ୬୦ ବର୍ଷ ଧରି ଇଫକୋ ସମସ୍ତଙ୍କ ପ୍ରିୟପାତ୍ର ହେବା ସହିତ କୃଷକମାନଙ୍କ ସହିତ ଯୋଡି ହୋଇ ବିଶ୍ୱର ସର୍ବବୃହତ୍ତ ସମବାୟଭିତ୍ତିକ ସଂସ୍ଥା ଭାବେ ଉଭା ହୋଇଛି ବୋଲି ଇଫକୋର ଲୋକସମ୍ପର୍କ ଅଧିକାରୀ ଡ. ପ୍ରସନ୍ନ କୁମାର ବେଉରା ପ୍ରେସ୍ ଇସ୍ତାହାର ମାଧ୍ୟମରେ ସୂଚନା ଦେଇଛନ୍ତି ।

# ଅଲାରନାଥଙ୍କ ଦର୍ଶନ ପାଇଁ ପ୍ରବଳ ଭିଡ଼

ପୁରୀ,, (ଡିକେ ନ୍ୟୁଜ୍): ଅଣସର ପିଣ୍ଡିରେ ଚତୁର୍ଦ୍ଧାମୂର୍ତ୍ତି ବିରାଜମାନ କରୁଥିବା ବେଳେ ପ୍ରଭୁ ଅଲାରନାଥଙ୍କ ଦର୍ଶନ ପାଇଁ ପ୍ରବଳ ଭିଡ଼ ଲାଗିଛି। ଶ୍ରୀକ୍ଷେତ୍ରରେ ମାନବୀୟ ଲୀଳା କରୁଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ। ଶ୍ରୀମନ୍ଦିର ରତ୍ନସିଂହାସନରେ ଶ୍ରୀଜିଉଙ୍କୁ ଦର୍ଶନ କରିବାରେ ଯେତିକି ପୂଣ୍ୟ ମିଳେ ଅଣସର ସମୟରେ ଶ୍ରୀଅଲାରନାଥଙ୍କୁ ଦର୍ଶନ କଲେ ସେତିକି ପୂଣ୍ୟ ମିଳେ ବୋଲି ପ୍ରବାଦ ରହିଛି। ଏଥିପାଇଁ ଅଣସର ସମୟରେ ଅଲାରନାଥ ମନ୍ଦିରରେ ଭକ୍ତମାନଙ୍କ ପ୍ରବଳ ଭିଡ ଲାଗି ରହିଥାଏ। ସକାଳୁ ପ୍ରଭୁ ଅଲାରନାଥଙ୍କ ମଙ୍ଗଳ ଆଳତି ନୀତି ପରେ ଭକ୍ତଙ୍କ ଦର୍ଶନ ଆରମ୍ଭ ହୋଇଥିଲା। ଶୃଙ୍ଖଳିତ ଦର୍ଶନ ପାଇଁ ପୋଲିସ ପକ୍ଷରୁ ବ୍ୟାରିକେଡ଼ ବ୍ୟବସ୍ଥା ସହ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଜିଲ୍ଲାର ବ୍ରହ୍ମଗିରି ଠାରେ ଅବସ୍ଥିତ ଅଲାରନାଥଙ୍କୁ ପ୍ରଭୁ ବିଷ୍ଣୁଙ୍କର ଚଳନ୍ତି ପ୍ରତିମା ଭାବେ ବିଶ୍ୱାସ କରାଯାଏ। ରଥଯାତ୍ରା ପୂର୍ବରୁ ପ୍ରଥମେ ପଡ଼ିଥାଏ ସ୍ନାନଯାତ୍ରା। ମହାପ୍ରଭୁଙ୍କ ଦେବସ୍ନାନ ପରେ ଶ୍ରୀଜିଉମାନେ ଭୀଷଣ ଜ୍ୱରରେ ଆକ୍ରାନ୍ତ ହୋଇ ଅଣସର ଘରେ ପଡ଼ିରହନ୍ତି। ଅଣସରର ଗୃହ ଭିତରେ ମହାପ୍ରଭୁଙ୍କ ବଂଶଧର ଭାବେ ପରିଚିତ ଦଇତାପତି ସେବକମାନେ ସେମାନଙ୍କର ସେବାଶୁଶ୍ରୁଷା କରନ୍ତି। ଏହି ସମୟରେ ଭକ୍ତମାନେ ଦୀର୍ଘ ୧୫ ଦିନ ଧରି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରିପାରନ୍ତି ନାହିଁ, ତେଣୁ ସେମାନେ ବ୍ରହ୍ମଗିରିର ଶ୍ରୀଅଲାରନାଥଙ୍କୁ ଦର୍ଶନ କରି ପୁଣ୍ୟ ଅର୍ଜନ କରିଥାନ୍ତି।

# ହରିୟାଣା ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ରାତ୍ରୀ ଭୋଜନ କାର୍ଯ୍ୟକ୍ରମରେ ବରଗଡ ସାଂସଦ



ବରଗଡ, (ଡିକେ ନ୍ୟୁଜ୍): ହରିୟାଣା ମୁଖ୍ୟମନ୍ତ୍ରୀ ନାୟବ ସିଂ ଚଣ୍ଡିଗଡ ଗସ୍ତରେ ଥିବା ପାର୍ଲାମେଣ୍ଟ ଷ୍ଟାଣ୍ଡିଂ କମିଟିର ସଦସ୍ୟମାନଙ୍କ ଉଦ୍ଦେଶ୍ୟରେ ଗତ ୯ ତାରିଖ ଚଣ୍ଡିଗଡ ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ସରକାରୀ ବାସଭବନରେ ଏକ ରାତ୍ରିଭୋଜନର ଆୟୋଜନ କରିଥିଲେ। ଶ୍ରମ, ବୟନଶିଳ୍ପ ସ୍କିଲ୍ ଡେଭେଲପମେଣ୍ଟ ପାର୍ଲାମେଣ୍ଟ ଷ୍ଟାଣ୍ଡିଂ କମିଟି ଏକ ୨ ଦିନିଆ ଗସ୍ତରେ ଚଣ୍ଡିଗଡ ଆସିଥିଲେ। ଏହି କମିଟିରେ ଲୋକସଭା ଓ ରାଜ୍ୟ ସଭାର ୧୨ ଜଣ ସାଂସଦ ସାମିଲ ଥିବା ବେଳେ ସମସ୍ତଙ୍କୁ ନିଜ ବାସଭବନରେ ମୁଖ୍ୟମନ୍ତ୍ରୀ ନାୟବ ସିଂ ସ୍ୱାଗତ କରିବା ସହ, ରାତ୍ରି ଭୋଜନ ସହ ଏକ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପାର୍ଲାମେଣ୍ଟ ଷ୍ଟାଣ୍ଡିଂ କମିଟି ସଦସ୍ୟମାନଙ୍କ ବ୍ୟତିତ ହରିୟାଣା ସରକାର ଅନେକ ବରିଷ୍ଠ ମନ୍ତ୍ରୀ, ସାଂସଦ ସାମିଲ ଥିଲେ। କମିଟିର ସଦସ୍ୟ ବରଗଡ ଲୋକସଭା ସାଂସଦ ପ୍ରଦୀପ ପୁରୋହିତ ଓ ତାଙ୍କ ଧର୍ମପତ୍ନୀ ପ୍ରତୀମା ପୁରୋହିତ ମଧ୍ୟ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ମୁଖ୍ୟମନ୍ତ୍ରୀ ନାୟବ ସିଂଙ୍କୁ ସମ୍ବର୍ଦ୍ଧିତ କରିଥିଲେ।







## ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଫାଇନାଲ୍

# ପ୍ରଥମ ଇନିଂସରେ ଅଷ୍ଟ୍ରେଲିଆ ୨୧୨ରେ ଅଲ୍ଆଉଟ୍



ଲଣ୍ଡନ, ୧୨।୬ (ହି.ସ): ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଚାଲିଛି ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଫାଇନାଲ୍ ମୁକାବିଲା। ପ୍ରଥମ ଦିବସରେ ବୋଲରଙ୍କ ରାଜୁତି ଜାରି ରହିଛି ଓ ୧୪ଟି ୱିକେଟର ପତନ ଘଟିଛି। କାଗିସୋ ରାବାଡ଼ାଙ୍କ ଘାତକ ବୋଲିଂର ମୁକାବିଲା କରିନପାରି ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ମାତ୍ର ୨୧୨ ରନ କରି ଅଲ୍ ଆଉଟ୍ ହୋଇଯାଇଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ମଧ୍ୟ ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ପ୍ରଥମ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ଦକ୍ଷିଣ ଆଫ୍ରିକା ୪ ୱିକେଟ୍ ହରାଇ ୪୩ ରନ ସଂଗ୍ରହ କରିଛି। ଦଳ ପକ୍ଷରୁ ତେମ୍ବା ବଭୁମା ୩ ଓ ଡେଭିଡ୍ ବେଡିଂହାମ ୮ ରନ କରି ଅପରାଜିତ ରହିଛନ୍ତି। ଐତିହାସିକ ଲର୍ଡ୍ସ କ୍ରିକେଟ୍ ଗ୍ରାଉଣ୍ଡରେ ଗୁରୁବାର ଟସ୍ ଜିତି ଦକ୍ଷିଣ ଆଫ୍ରିକା ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ରାବାଡ଼ା ନୂଆ ବଲରେ ଘାତକ ସୁଇଂ ବୋଲିଂ କରିଥିଲେ। ସପ୍ତମ ଓଭରରେ ସେ ଉସମାନ ଖ୍ୱାଜା (୦) ଓ କାମେରନ ଗ୍ରୀନ(୪)ଙ୍କୁ ଆଉଟ୍ କରିଥିଲେ। ଅନ୍ୟ ଓପନର ମାର୍ନସ ଲାବୁସାନ ସତର୍କତାର ସହ ଖେଳିଥିଲେ ହେଁ ଶେଷରେ ୧୭ ରନ କରି ମାର୍କୋ ଜାନସେନଙ୍କ ବଲରେ ପାଭିଲିୟନ ଫେରିଥିଲେ। ଟ୍ରେଭିସ୍ ହେଡ୍(୧୧)ଙ୍କୁ ମଧ୍ୟ ଆଉଟ୍ କରିଥିଲେ ଜାନସେନ। ୬୭ ରନରେ ଅଷ୍ଟ୍ରେଲିଆ ୪ଟି ୱିକେଟ୍ ହରାଇ ସଂକଟରେ ପଡ଼ିଯାଇଥିଲା। ମାତ୍ର ଏହାପରେ ଷ୍ଟିଭେନ ସ୍ମିଥ ଲଢୁଆ ବ୍ୟାଟିଂ କରି ସ୍ଥିତି ସୁଧାରିଥିଲେ। ବ୍ୟୁ ୱେବଷ୍ଟରଙ୍କୁ ସାଥୀ କରି ସ୍ମିଥ୍ ପଞ୍ଚମ ୱିକେଟରେ ୭୯ ରନ୍ ଯୋଗ କରିଥିଲେ। ଦଳୀୟ ସ୍କୋର ୧୪୬ରେ ପହଞ୍ଚିଥିଲା। ସ୍ମିଥ୍ ଅର୍ଦ୍ଧଶତକ ଅର୍ଜନ କରିସାରିଥିଲେ। ଆଡେନ ମାରକ୍ରମ ୪୨ତମ ଓଭରରେ ସ୍ମିଥ୍‌ଙ୍କୁ ଆଉଟ୍ କରି ଉନମାଦନା ଖେଳାଇ ଦେଇଥିଲେ। ସ୍ମିଥ୍ ୬୬ ରନ କରିଥିଲେ। ଦ୍ୱିତୀୟ ଅଧିବେଶନ ଶେଷ ହେବା ପର୍ଯ୍ୟନ୍ତେ ୱେବଷ୍ଟର ଓ ଆଲେକ୍ସ କ୍ୟାରୀ ଲଢେଇ ଜାରି ରଖି ୪୬ ରନ ଯୋଗ କରିଥିଲେ। ତୃତୀୟ ଅଧିବେଶନ ଆରମ୍ଭ ହେବା ସହ ଅଷ୍ଟ୍ରେଲିଆ ପୁଣିଥରେ ବିପର୍ଯ୍ୟୟର ସାମ୍ନା କରିଥିଲା। କ୍ୟାରୀ ୨୩ ରନ କରି କେଶବ ମହାରାଜଙ୍କ ବଲରେ ଆଉଟ୍ ହୋଇଥିଲେ। ରାବାଡ଼ା ପୁଣିଥରେ ବିପର୍ଯ୍ୟୟ ଘଟାଇଥିଲେ। ପ୍ୟାଟ୍ କମିନ୍ସ ଓ ମିଚେଲ ଷ୍ଟାର୍କ ୧ରନ ଲେଖାଏଁ କରି ଆଉଟ୍ ହୋଇଥିଲେ। ୱେବଷ୍ଟର ଲଢୁଆ ୭୨ ରନ କରି ଶେଷରେ ରାବାଡ଼ାଙ୍କ ପଞ୍ଚମ ଶିକାର ସାଜିଥିଲେ। ନାଥାନ ଲାୟନଙ୍କୁ ଜାନସେନ ଆଉଟ୍ କରିଥିଲେ ଓ ଅଷ୍ଟ୍ରେଲିଆ ଇନିଂସ ୨୧୨ରେ ସୀମିତ ରହିଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ ବ୍ୟାଟିଂ ଆରମ୍ଭ କରି ଅନୁରୂପ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଆଡେନ ମାରକ୍ରମ ଖାତା ଖୋଲିବା ପୂର୍ବରୁ ମିଚେଲ ଷ୍ଟାର୍କଙ୍କ ବଲରେ ଆଉଟ୍ ହୋଇଥିଲେ। ର୍ୟାନ ରିକେଲଟନ ସତର୍କତାର ସହ ଖେଳି ୧୬ ରନ ସଂଗ୍ରହ କରିଥିଲେ ହେଁ ଶେଷରେ ଷ୍ଟାର୍କଙ୍କ ବଲରେ ସ୍ଲିପକୁ କ୍ୟାଚ ଟେକି ଦେଇଥିଲେ। ୱିଆନ ମୁଲ୍ଡରଙ୍କୁ ବୋଲ୍ଡ କରିଥିଲେ ପ୍ୟାଟ୍ କମିନ୍ସ। ୨୫ ରନରେ ଦଳ ୩ଟି ୱିକେଟ୍ ହରାଇଥିଲା। ବଭୁମା ଓ ଟ୍ରିଷ୍ଟନ ଷ୍ଟବ୍ସ ସତର୍କତାର ସହ ବ୍ୟାଟିଂ କରୁଥିବାବେଳେ ଜୋସ ହାଜେଲଉଡ୍ ୨୧ତମ ଓଭରରେ ଯୋଡ଼ି ଭାଙ୍ଗିଥିଲେ। ଷ୍ଟବ୍ସ ୨ ରନ କରି ପାଭିଲିୟନ ଫେରିଥିଲେ। ପରବର୍ତ୍ତୀ ଓଭରରେ ବେଡିଂହାମ୍ ୨ଟି ଚୌକା ମାରି ଦଳୀୟ ସ୍କୋରକୁ ୪୩ରେ ପହଞ୍ଚାଇଥିଲେ।

## ଆର୍‌ସିବି ଟିମ୍ କିଣିବେ ଡିକେ ଶିବକୁମାର !



ମୁମ୍ବାଇ, ୧୨।୬ (ହି.ସ): କର୍ଣ୍ଣାଟକର ଉପମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର ଆରସିବି ଫ୍ରାଞ୍ଚାଇଜ କିଣିବା ଗୁଜବ ସମ୍ପର୍କରେ ଏକ ବୟାନ ଦେଇଛନ୍ତି। ସେ କହିଛନ୍ତି ଯେ ଆମେ ଲୋକଙ୍କ ଭାବନାକୁ ଜାଣୁ ଏବଂ ସେମାନଙ୍କ ଜୀବନକୁ ସମ୍ମାନ କରୁ। ସେ ପଚାରିଲେ ଯେ ମୋତେ ଆରସିବିର କ'ଣ ଆବଶ୍ୟକତା ଅଛି ? କର୍ଣ୍ଣାଟକର ଉପମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର କହିଛନ୍ତି, 'ମୁଁ ପାଗଳ ନୁହେଁ। ମୁଁ କେବଳ ପିଲାଦିନରୁ କର୍ଣ୍ଣାଟକ କ୍ରିକେଟ ଆସୋସିଏସନର ସଦସ୍ୟ। ମୋ ପାଖରେ ସମୟ ନାହିଁ, ଯଦିଓ ମୋତେ ପରିଚାଳନାର ଅଂଶ ହେବାକୁ ପ୍ରସ୍ତାବ ମିଳିଛି। ମୁଁ ରୟାଲ ଚ୍ୟାଲେଞ୍ଜ ମଧ୍ୟ ପିଉନାହିଁ।' ବେଙ୍ଗାଲୁରୁ ଦଳାଚକଟା ସମ୍ପର୍କରେ ସେ କହିଛନ୍ତି, 'ମୁଁ ଏହା ଉପରେ ମନ୍ତବ୍ୟ ଦେବାକୁ ଚାହୁଁନାହିଁ। ଏହା ତଦନ୍ତାଧୀନ ଏବଂ ସମସ୍ତ ଅଧିକାରୀ ଏଥିରେ ସହଯୋଗ କରୁଛନ୍ତି। ଯଦି ଭାଜପା ଲୋକ ମଧ୍ୟ କିଛି କହିବାକୁ ଚାହାଁନ୍ତି, ତେବେ ସେମାନେ ମଧ୍ୟ ସେମାନଙ୍କର ମତାମତ ଦେଇପାରିବେ। ମୁଁ ନ୍ୟାୟପାଳିକା ଜଡିତ କୌଣସି ବିଷୟରେ ମନ୍ତବ୍ୟ ଦେବାକୁ ଚାହୁଁନାହିଁ। ଆମେ ଭିଡ଼ ପରିଚାଳନା ଏବଂ ଏପରି ଘଟଣା ରୋକିବା ପାଇଁ ଏକ ନୀତି ନେଇ ଆସୁଛୁ।'

# ଲର୍ଡସ୍ ଗ୍ରାଉଣ୍ଡରେ ଡନ୍ ବ୍ରାଡମ୍ୟାନଙ୍କ ୧୪୧ ବର୍ଷର ରେକର୍ଡ ଭାଙ୍ଗିଲେ ଷ୍ଟିଭ୍ ସ୍ମିଥ୍



ନୂଆଦିଲ୍ଲୀ, ୧୧।୬ (ହି.ସ): ଅଷ୍ଟ୍ରେଲିଆର ପ୍ରମୁଖ ବ୍ୟାଟର ଷ୍ଟିଭ୍ ସ୍ମିଥ୍ ଦକ୍ଷିଣ ଆଫ୍ରିକା ବିପକ୍ଷେ ବିଶ୍ୱ ଟେଷ୍ଟ ଚାମ୍ପିଅନଶିପ୍ (ଡବ୍ଲୁଟିସି) ଫାଇନାଲର ପ୍ରଥମ ଦିନରେ ଐତିହାସିକ ଲର୍ଡସ୍ କ୍ରିକେଟ୍ ଗ୍ରାଉଣ୍ଡରେ ଜଣେ ବିଦେଶୀ ବ୍ୟାଟର ଭାବେ ସର୍ବାଧିକ ରନ୍ ସଂଗ୍ରହର ନୂଆ ରେକର୍ଡ ସ୍ଥାପନ କରିଛନ୍ତି। ୧୧୨ ବଲରୁ ୬୬ ରନର ଇନିଂସରେ, ଯେଉଁଥିରେ ୧୦ଟି ବାଉଣ୍ଡାରୀ ଥିଲା, ସ୍ମିଥ୍ ଅଷ୍ଟ୍ରେଲିଆର ଅନ୍ୟ ଖେଳାଳି ୱାରେନ୍ ବାର୍ଡସ୍ଲେଙ୍କ ୭ ଇନିଂସରେ ୫୭୫ ରନ୍ (ହାରାହାରି ୧୧୫) ରେକର୍ଡକୁ ଅତିକ୍ରମ କରି ଏହି ବିରାଟ କୃତିତ୍ୱ ହାସଲ କରିଛନ୍ତି, ଯାହା ଇତିହାସରେ 'କ୍ରିକେଟର ଘର' ଭାବେ ପରିଚିତ। ସ୍ମିଥ୍ ମଧ୍ୟ ଦିଗଜ ବ୍ୟାଟର ଡନ୍ ବ୍ରାଡମ୍ୟାନଙ୍କୁ ଅତିକ୍ରମ କରିଛନ୍ତି, ଯିଏ ଲର୍ଡସରେ ୮ ଇନିଂସରେ ୫୫୧ ରନ୍ ସଂଗ୍ରହ କରିଥିଲେ। ୱେଷ୍ଟ ଇଣ୍ଡିଜର ମହାନ ଖେଳାଳି ଗ୍ୟାରି ସୋବର୍ସଙ୍କ ସଂଗ୍ରହ ଥିଲା ୫୭୧। ୫୯୧ ରନ୍ ସହିତ ସ୍ମିଥ୍ ବର୍ତ୍ତମାନ ୧୪୧ ବର୍ଷରେ (୧୮୮୪ରେ ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ମଧ୍ୟରେ ଲର୍ଡସରେ ଖେଳା ଯାଇଥିବା ପ୍ରଥମ ଟେଷ୍ଟକୁ ଆଧାର କରି) ପ୍ରଥମ ଅଣ-ଇଂରେଜ ବ୍ୟାଟର ହେବାର ଗୌରବ ଅର୍ଜନ କରିଛନ୍ତି, ଯିଏ ଏହି ଗ୍ରାଉଣ୍ଡରେ ୫୯୦ ରନ୍ ଅତିକ୍ରମ କରିଛନ୍ତି। ୨୦୨୫ ଡବ୍ଲୁଟିସି ଫାଇନାଲ ପୂର୍ବରୁ, ୩୬ ବର୍ଷୀୟ ସ୍ମିଥ୍ ଏହି ଐତିହାସିକ ଷ୍ଟାଡିୟମରେ ପୂର୍ବରୁ ତିନୋଟି ଅର୍ଦ୍ଧଶତକ ଓ ଦୁଇଟି ଶତକ ହାସଲ କରିଥିଲେ, ଯେଉଁଥିରେ ୨୦୧୫ରେ ଇଂଲଣ୍ଡ ବିପକ୍ଷେ ଦ୍ୱିତୀୟ ଆଶେସ୍ ଟେଷ୍ଟରେ ୨୧୫ ରନର ସର୍ବୋଚ୍ଚ ବ୍ୟକ୍ତିଗତ ସ୍କୋର ରହିଛି। ୬୬ ରନର ଇନିଂସ ସହିତ ସ୍ମିଥ୍ ଗତ ୬ଟି ଟେଷ୍ଟରେ ଅଷ୍ଟ୍ରେଲିଆ ପାଇଁ ଚାରୋଟି ଶତକ ଓ ଗୋଟିଏ ଅର୍ଦ୍ଧଶତକ ହାସଲ କରିଛନ୍ତି। ଏହି ଗୁରୁତ୍ୱପୂର୍ଣ୍ଣ ଇନିଂସ ସ୍ମିଥଙ୍କୁ ଡବ୍ଲୁଟିସି ଫାଇନାଲରେ ଏକାଧିକ ୫୦-ରୁ ଅଧିକ ସ୍କୋର କରିଥିବା ପ୍ରଥମ ଓ ଏକମାତ୍ର ବ୍ୟାଟର ଭାବେ ପରିଚୟ ଦେଇଛି। ସ୍ମିଥ୍ ବର୍ତ୍ତମାନ ଇଂଲଣ୍ଡ ମାଟିରେ ଖେଳା ଯାଇଥିବା ଟେଷ୍ଟ ମ୍ୟାଚରେ ଅଣ-ଇଂରେଜ ବ୍ୟାଟର ଭାବେ ସର୍ବାଧିକ ୫୦-ରୁ ଅଧିକ ସ୍କୋରର ରେକର୍ଡ କରିଛନ୍ତି। ସ୍ମିଥଙ୍କ ନାମରେ ଇଂଲଣ୍ଡରେ ଟେଷ୍ଟରେ ୧୮ଟି ୫୦-ରୁ ଅଧିକ ସ୍କୋର ରହିଛି, ଯାହା ଦିଗଜ ବ୍ୟାଟର ଆଲାନ ବର୍ଡର ଓ ଭିଭ ରିଚାର୍ଡସଙ୍କ ୧୭ଟି ୫୦-ରୁ ଅଧିକ ଟେଷ୍ଟ ସ୍କୋରକୁ ଅତିକ୍ରମ କରିଛି। ଅଷ୍ଟ୍ରେଲିଆ ଦୁଇ ବର୍ଷ ପୂର୍ବେ ଭାରତକୁ ଫାଇନାଲରେ ହରାଇ ଜିତିଥିବା ବିଶ୍ୱ ଟେଷ୍ଟ ଚାମ୍ପିଅନଶିପ୍ ମେସ୍ ପୁନର୍ବାର ଧରି ରଖିବାକୁ ଆଶା ରଖିଛି।

## ଜିଲ୍ଲାସ୍ତରୀୟ ଟାଇକଣ୍ଡୋ ପ୍ରତିଯୋଗିତା ଉଦ୍‌ଯାପିତ

ବଲାଙ୍ଗିର, ୧୨।୬ (ହି.ସ): ବଲାଙ୍ଗିର ଜିଲ୍ଲା ଟାଇକଣ୍ଡୋ ସଂଘ ତରଫରୁ ପିପି ଏକାଡେମୀ ସଭାଗୃହରେ ବଲାଙ୍ଗିର ଜିଲ୍ଲା ସ୍ତରୀୟ ଟାଇକଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଟାଇକଣ୍ଡୋ ସଂଘ ସଂପାଦକ ତଥା ଜାତୀୟ ସ୍ତରୀୟ କୋଚ ଅସୀମ କୁମାର ଭୋଇଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ମୁଖ୍ୟ ଅତିଥି ରୂପେ ବଲାଙ୍ଗିର ଉପଜିଲ୍ଲାପାଳ ଆଲୋକ ପଟେଲ ଯୋଗଦାନ ଦେଇଥିଲେ । ଗତ ୫ ତାରିଖରେ ମୁଖ୍ୟମନ୍ତ୍ରୀ ଓ ପରିବେଶ ମନ୍ତ୍ରୀ ବଲାଙ୍ଗିର ଜିଲ୍ଲା ଯୁବ କୁଲୁତା ସମାଜକୁ ପ୍ରକୃତି ମିତ୍ର ପୁରସ୍କାରରେ ସମ୍ମାନିତ କରିଥିବାରୁ ମୁଖ୍ୟ ଅତିଥି ଶ୍ରୀ ପଟେଲ ଯୁବ କୁଲୁତା ସମାଜ ସଂଗଠନ ତଥା ଯୁବ ସଭାପତି ଅସୀମ ଭୋଇଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଏହି ଟାଇକଣ୍ଡୋ ଖେଳ ମାଧ୍ୟମରେ ଛାତ୍ରୀ ଛାତ୍ର ନିଜକୁ ସୁରକ୍ଷା ଦେବା ସଙ୍ଗେ ନିଜ ଭବିଷ୍ୟତ ଗଠନ କରିବାରେ ସହାୟକ ହେବ ବୋଲି ମୁଖ୍ୟ ଅତିଥି ତାଙ୍କ ବକ୍ତବ୍ୟରେ କହିଛନ୍ତି । ଏହି ଟାଇକଣ୍ଡୋ ଅନୁଷ୍ଠାନ ପାଇଁ ଭିତ୍ତିଭୂମିର ଆବଶ୍ୟକତା ରହିଥିବା ଜିଲ୍ଲା ଟାଇକଣ୍ଡୋ ସଂଘ ସଭାପତି ହେମନ୍ତ ପଣ୍ଡା ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଛନ୍ତି । ଓଡିଶା ଟାଇକଣ୍ଡୋ ସଂଘ ସାଧାରଣ ସଂପାଦକ ତଥା ଆନ୍ତର୍ଜାତୀୟ ଟାଇକଣ୍ଡୋ ମାଷ୍ଟର ମନମୋହନ ଭଞ୍ଜ ଉପସ୍ଥିତ ରହି ଏହି ପ୍ରତିଯୋଗିତାକୁ ପରିଚାଳନା କରିଥିଲେ । ଏହି ପ୍ରତିଯୋଗିତାରେ ୮୬ ଜଣ ପ୍ରତିଯୋଗି ଭାଗ ନେଇଥିଲେ । ଏହି ଜିଲ୍ଲା ସ୍ତରୀୟ ପ୍ରତିଯୋଗିତାରେ ଉତ୍ତିର୍ଣ୍ଣ ହୋଇଥିବା ଛାତ୍ର ଛାତ୍ରୀମାନେ ଆଗାମୀ ଜୁଲାଇ ମାସରେ ହେବାକୁ ଥିବା ରାଜ୍ୟସ୍ତରୀୟ ଟାଇକଣ୍ଡୋ ପ୍ରତିଯୋଗିତାରେ ଭାଗ ନେବେ ବୋଲି କୋଚ ଅସିମ ଭୋଇ ପ୍ରକାଶ କରିଛନ୍ତି ।

## ପୁଣି ବାପା ହେବେ ଅରବାଜ ଖାନ



ମୁମ୍ବାଇ, ୧୨।୬ (ହି.ସ): ବଲିଉଡ ଅଭିନେତା ତଥା ଫିଲ୍ମ ନିର୍ମାତା ଅରବାଜ ଖାନ ତାଙ୍କ ପତ୍ନୀ ଶଶୁରା ଖାନଙ୍କ ଗର୍ଭବତୀ ହେବାର ଖବରକୁ ନିଶ୍ଚିତ କରିଛନ୍ତି। ଏହି ଖୁସିଖବର ଶେୟାର କରି ଅରବାଜ କହିଛନ୍ତି ଯେ ଏହା ତାଙ୍କ ପାଇଁ ପୁଣି ଏକ ନୂତନ ଅନୁଭବ। ନିକଟରେ ଏକ ସାକ୍ଷାତକାରରେ ଅରବାଜ ଏହି ଆନନ୍ଦଦାୟକ ଖବର ପ୍ରକାଶ କରି କହିଛନ୍ତି, ଆମେ ବହୁତ ଖୁସି ଅଛୁ ଏବଂ ଏହି ନୂଆ ଅଧ୍ୟାୟକୁ ଆଗ୍ରହର ସହ ଅପେକ୍ଷା କରୁଛୁ। ଶଶୁରା ଏବଂ ମୁଁ ଏହି ସମୟକୁ ପୂରା ଉପଭୋଗ କରୁଛୁ। ସେ ଆହୁରି ମଧ୍ୟ କହିଛନ୍ତି ଯେ ଏହି ଅନୁଭବ ତାଙ୍କ ପାଇଁ ନୂଆ ଏବଂ ଉତ୍ସାହଜନକ, ଯଦିଓ ସେ ପୂର୍ବରୁ ତାଙ୍କ ପୁଅ ଅର୍ହାନ ଖାନଙ୍କ ପିତା ଅଟନ୍ତି। ଅରବାଜ ଏବଂ ଶଶୁରା ୨୦୨୩ରେ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ। ଶଶୁରା ଜଣେ ଜଣାଶୁଣା ମେକଅପ ଆର୍ଟିଷ୍ଟ ଏବଂ ବଲିଉଡରେ ତାଙ୍କର ନିଜସ୍ୱ ପରିଚୟ ରହିଛି। ଏହି ଦମ୍ପତିଙ୍କ ଘୋଷଣା ପରେ ସେମାନଙ୍କ ପ୍ରଶଂସକ ଏବଂ ବଲିଉଡ ସହକର୍ମୀମାନେ ସୋସିଆଲ ମିଡିଆରେ ଶୁଭେଚ୍ଛା ଜଣାଇଛନ୍ତି। ଅରବାଜ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ ସେ ଏବଂ ଶଶୁରା ଏହି ସମୟରେ ଗୋପନୀୟତା ବଜାୟ ରଖିବାକୁ ଚାହୁଁଛନ୍ତି ଏବଂ ସେମାନଙ୍କ ପ୍ରଶଂସକଙ୍କ ସମର୍ଥନ ଓ ଭଲପାଇବା ପାଇଁ କୃତଜ୍ଞତା ଜଣାଇଛନ୍ତି। ଏହି ଖବର ସେମାନଙ୍କ ପରିବାର ଏବଂ ବନ୍ଧୁମାନଙ୍କ ମଧ୍ୟରେ ଆନନ୍ଦର ବାତାବରଣ ସୃଷ୍ଟି କରିଛି। ଅରବାଜ ଖାନ ବର୍ତ୍ତମାନ ତାଙ୍କର ପ୍ରଡକ୍ସନ ହାଉସ ମାଧ୍ୟମରେ ନୂଆ ପ୍ରୋଜେକ୍ଟରେ କାମ କରୁଛନ୍ତି ଏବଂ ଶଶୁରା ମଧ୍ୟ ତାଙ୍କ ପ୍ରୋଫେସନାଲ କ୍ୟାରିୟରରେ ସକ୍ରିୟ ଅଛନ୍ତି। ଏହି ନୂଆ ଖବର ସେମାନଙ୍କ ଜୀବନରେ ଏକ ନୂତନ ମୋଡ଼ ଆଣିଛି, ଯାହା ସେମାନଙ୍କ ପାଇଁ ଖୁସିର କାରଣ ହୋଇଛି।

## ଶୁଟିଂ ସେଟରେ ବଡ଼ ଦୁର୍ଘଟଣା, ଦେଖିବାକୁ ମିଳିଲା ବନ୍ୟା ଭଳି ସ୍ଥିତି



ହାଇଦ୍ରାବାଦ, ୧୨।୬ (ହି.ସ): ତେଲୁଗୁ ଅଭିନେତା ନିଖିଲ ସିଦ୍ଧାର୍ଥଙ୍କ ଆଗାମୀ ଫିଲ୍ମ 'ଦି ଇଣ୍ଡିଆ ହାଉସ'ର ଶୁଟିଂ ସେଟରେ ଘଟିଛି ବଡ଼ ଦୁର୍ଘଟଣା। ଶୁଟିଂ ଚାଲିଥିବା ବେଳେ ଏକ ବଡ଼ ପାଣି ଟାଙ୍କି ହଠାତ ଫାଟି ଯିବାରୁ ୭ ଜଣ କର୍ମଚାରୀ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଜଣେ ଆସିଷ୍ଟାଣ୍ଟ କ୍ୟାମେରାମ୍ୟାନ ମଧ୍ୟ ଅଛନ୍ତି। ସେ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ଆଇସିୟୁରେ ରଖାଯାଇଥିବା ସୂଚନା ମିଳିଛି। ଶମଶାବାଦରେ ଫିଲ୍ମର ଶୁଟିଂ ଚାଲିଥିଲା ବେଳେ ଏହି ଦୁର୍ଘଟଣା ଘଟିଛି। ଦୁର୍ଘଟଣା ଘଟିବା ବେଳେ ସମୁଦ୍ରର ଏକ ସିନର ଶୁଟିଂ ଚାଲିଥିଲା। ସେଥିପାଇଁ ଏକ ବଡ଼ ପାଣି ଟାଙ୍କିର ବ୍ୟବସ୍ଥା କରାଯାଇଥିଲା। ତେବେ ଶୁଟିଂ ଚାଲିଥିବା ବେଳେ ପାଣି ଟାଙ୍କିଟି ଫାଟି ଯାଇଥିଲା। ପାଣି ଟାଙ୍କି ଫାଟି ଯିବାରୁ ଶୁଟିଂ ସେଟରେ ବନ୍ୟା ଭଳି ସ୍ଥିତି ଉତ୍ପନ୍ନ ହୋଇଥିଲା। ଏହି ଦୁର୍ଘଟଣାର ଏକ ଭିଡିଓ ମଧ୍ୟ ସାମ୍ନାକୁ ଆସିଛି। ଟାଙ୍କି ଫାଟି ଯିବାରୁ ଦ୍ରୁତ ଗତିରେ ପାଣି ଶୁଟିଂ ସେଟରେ ପଶିଥିଲା ଓ ସେଠାରେ ଥିବା ବିଭିନ୍ନ ସାମଗ୍ରୀକୁ ଭସାଇ ନେଇଥିଲା। ଉପସ୍ଥିତ କର୍ମଚାରୀମାନେ କ୍ୟାମେରା ସହିତ ଅନ୍ୟାନ୍ୟ ଆନୁଷଙ୍ଗିକ ସାମଗ୍ରୀଗୁଡ଼ିକ ତୁରନ୍ତ ସୁରକ୍ଷିତ ସ୍ଥାନକୁ ନେଇଯିବାକୁ ଉଦ୍ୟମ କରିଥିବା ଭିଡିଓରେ ଦେଖିବାକୁ ମିଳିଛି। ଦୁର୍ଘଟଣା ଘଟିବା ବେଳେ ଶୁଟିଂ ସେଟରେ ଅଭିନେତା ନିଖିଲ ସିଦ୍ଧାର୍ଥ ଉପସ୍ଥିତ ଥିଲେ ନା ନାହିଁ, ତାହା ସ୍ପଷ୍ଟ ହୋଇନାହିଁ। ତେବେ ପାଣି ଟାଙ୍କି ଫାଟିଯିବାରୁ ଶୁଟିଂ ସେଟରେ ବ୍ୟାପକ କ୍ଷତି ଘଟିଛି। ଏହି ଫିଲ୍ମର ପ୍ରଯୋଜକ ରହିଛନ୍ତି ସାଉଥର ଅନ୍ୟତମ ସୁପରଷ୍ଟାର ରାମ ଚରଣ। ଏହି ଫିଲ୍ମ ମାଧ୍ୟମରେ ପ୍ରଥମ ଥର ପାଇଁ ପ୍ରଯୋଜକ ସାଜିଛନ୍ତି ଅଭିନେତା ରାମ ଚରଣ। ଏହି ଫିଲ୍ମରେ ନିଖିଲ ସିଦ୍ଧାର୍ଥଙ୍କ ସହିତ ଅନୁପମ ଖେର ଲିଡ୍ ରୋଲରେ ଅଭିନୟ କରୁଛନ୍ତି।

## ସରିଲା 'ବାଲିକା ବଧୂ'ଙ୍କ ନିର୍ବନ୍ଧ

ନୂଆଦିଲ୍ଲୀ, ୧୨।୬ (ହି.ସ): ପ୍ରେମିକ ମିଲିନ୍ଦ ଚନ୍ଦୱାନୀଙ୍କ ସହ ନିର୍ବନ୍ଧ କରିଛନ୍ତି 'ବାଲିକା ବଧୂ' ଫେମ୍ ଅବିକା ଗୌର। ଏହି ମୁହୂର୍ତ୍ତର ଫଟୋ ସେ ଇନ୍‌ଷ୍ଟାଗ୍ରାମରେ ସେୟାର କରିବା ପରେ ବନ୍ଧୁ ଓ ଫ୍ୟାନ୍ ତାଙ୍କୁ ଅଭିନନ୍ଦନ ଜଣାଉଛନ୍ତି। ଅବିକା ନିର୍ବନ୍ଧର ଫଟୋ ସହିତ ଲେଖିଛନ୍ତି 'ସେ ପଚାରିଲେ, ମୁଁ ହସିଲି, ମୁଁ କାନ୍ଦିଲି। ଆଉ ପୁଣି ଜୋରରେ ଚିତ୍କାର କଲି। ମୁଁ ପୂରାପୂରି ଫିଲ୍ମୀ। କିନ୍ତୁ ସେ ଶାନ୍ତ। ମୁଁ ନଖରାମି କରେ, ସେ ମୋ ନଖରା ଉଠାନ୍ତି। ଆମେ ଦୁହେଁ ପରସ୍ପର ପାଇଁ। ଯେତେବେଳେ ସେ ପଚାରିଲେ, ମୁଁ ଭାବୁକ ହୋଇଗଲି ଆଉ ହଁ କହିଦେଲି। ପ୍ରକୃତ ପ୍ରେମ ପରଫେକ୍ଟ ନୁହେଁ, କିନ୍ତୁ ମ୍ୟାଜିକାଲ୍।' ମିଲିନ୍ଦ ଚନ୍ଦୱାନୀ 'ରୋଡିଜ୍'ର ପ୍ରତିଯୋଗୀ ଥିଲେ। ସେ ଜଣେ ସମାଜକର୍ମୀ ମଧ୍ୟ। ୨୦୨୦ରେ ମିଲିନ୍ଦଙ୍କ ସହ ସମ୍ପର୍କକୁ ଔପଚାରିକ କରିଥିଲେ ଅବିକା। 'ବାଲିକା ବଧୂ' ଧାରାବାହିକରୁ ପ୍ରସିଦ୍ଧି ପାଇଥିବା ଅବିକା 'ସସୁରାଲ ସିମର୍ କା', 'ଲାଡୋ' ସମେତ 'ଝଲକ୍ ଦିଖ୍ଲା ଯା', 'ବକ୍ସ କ୍ରିକେଟ୍ ଲିଗ୍', ଫିୟର ଫ୍ୟାକ୍ଟର୍: ଖତ୍ରୋଁ କେ ଖିଲାଡ଼ି-୯'ରେ ନଜର ଆସିଛନ୍ତି। ତେଲୁଗୁ ଓ କନ୍ନଡ଼ ଫିଲ୍ମରେ ମଧ୍ୟ ସେ କାମ କରିଛନ୍ତି।



## ଆସିଲା 'ଦି ବେଙ୍ଗଲ ଫାଇଲ୍ସ' ଟିଜର

ମୁମ୍ବାଇ, ୧୨।୬ (ହି.ସ): ୨୦୨୨ରେ ବିବେକ ଅଗ୍ନିହୋତ୍ରୀଙ୍କ ନିର୍ଦ୍ଦେଶନାରେ ଆସିଥିଲା 'ଦି କାଶ୍ମୀର ଫାଇଲ୍ସ' ଚଳଚ୍ଚିତ୍ର। ଏହା ଖୁବ୍ ଲୋକପ୍ରିୟତା ହାସଲ କରିଥିଲା ଏବଂ ବକ୍ସ ଅଫିସରେ ଭଲ ଆୟ ମଧ୍ୟ କରିଥିଲା। ଏହାପରେ ନିର୍ଦ୍ଦେଶକ ତାଙ୍କର ଆଗାମୀ ଚଳଚ୍ଚିତ୍ର 'ଦି ବେଙ୍ଗଲ ଫାଇଲ୍ସ'କୁ ନେଇ ଏବେ ଚର୍ଚ୍ଚାରେ, ଯାହାର ଟିଜର ଗୁରୁବାର ରିଲିଜ୍ ହୋଇଛି। ଟିଜର ଦେଖି ଲୋମ ଟାଙ୍କୁରି ଉଠିବ। ଏଥିରେ ଏହା ମଧ୍ୟ କୁହାଯାଇଛି ଯେ, କାଶ୍ମୀର ଆଘାତ ଦେଇଛି, ବେଙ୍ଗଲ ଡରାଇବ। 'ଦି କାଶ୍ମୀର ଫାଇଲ୍ସ'ରେ ଘାଟିରୁ କାଶ୍ମୀର ହିନ୍ଦୁଙ୍କ ପଳାୟନର ଯନ୍ତ୍ରଣାକୁ ପରଦାରେ ଚିତ୍ରଣ କରିଥିଲେ। ଏହି ଫିଲ୍ମରେ ବେଙ୍ଗଲର ଚିତ୍ର ପ୍ରଦର୍ଶିତ କରାଯାଇଛି। ଫିଲ୍ମର ଷ୍ଟାରକାଷ୍ଟ ମଧ୍ୟ 'ଦି କାଶ୍ମୀର ଫାଇଲ୍ସ' ସହିତ ପ୍ରାୟ ସମାନ। ଟିଜରରେ ହୃଦୟ ବିଦାରକ ଦୃଶ୍ୟ ରହିଛି। ଏହି ଫିଲ୍ମରେ ଭାରତର ଅତୀତର କଳା ଅଧ୍ୟାୟକୁ ଦର୍ଶାଯିବ। ବିବେକ ଅଗ୍ନିହୋତ୍ରୀଙ୍କ ଏହି ଚଳଚ୍ଚିତ୍ରର ନାମ ପ୍ରଥମେ 'ଦି ଦିଲ୍ଲୀ ଫାଇଲ୍ସ' ରଖାଯାଇଥିଲା, କିନ୍ତୁ ପରେ ଏହାକୁ ପରିବର୍ତ୍ତନ କରାଯାଇଥିଲା। ଫିଲ୍ମଟି ଅଭିଷେକ ଅଗ୍ରୱାଲ ଏବଂ ପଲ୍ଲବୀ ଜୋଶୀଙ୍କ ପ୍ରଯୋଜନାରେ ନିର୍ମିତ। ଏଥିରେ ମିଥୁନ ଚକ୍ରବର୍ତ୍ତୀ, ଅନୁପମ ଖେର, ପଲ୍ଲବୀ ଜୋଶୀ ଓ ଦର୍ଶନ କୁମାର ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ଚଳିତ ବର୍ଷ ସେପ୍ଟେମ୍ବର ୫ରେ ପରଦାକୁ ଆସିବ 'ଦି ବେଙ୍ଗଲ ଫାଇଲ୍ସ'।

କାର୍ଯ୍ୟନିର୍ବାହୀ ସମ୍ପାଦକ-ସିମାଞ୍ଚଳ ପଟ୍ଟନାୟକ
Executive Editor-Simanchall Pattnaik

Printed and Published by Dr. Akshaya Kumar Patnaik, On behalf of<Dumani Infrastructure Pvt. Ltd., Published at Plot No. 753/1944, Raghunathpur Jali, Nandan Kanan Road, Bhubaneswar, 751024<&<Printed at Gayatri Industries, TS-3/193, Mancheswar Ind. Estate, Bhubaneswar-751010, Email : dumanikhabar2020@gmail.com, dumanikhabar.advt@gmail.com

Phone-0674-2975387
Mob: 9090962011

ସଂପାଦକ - ଡ. ଅକ୍ଷୟ କୁମାର ପଟ୍ଟନାୟକ
Editor - Dr.Akshaya Kumar Patnaik